# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR ♦VOLUME- 43 ♦ISSUE-105 ♦SATURDAY ♦11 OCTOBER 2025 ♦PAGE-12 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୦୫ ♦ଶନିବାର ♦୧୧ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦





To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043
Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152


# ମାରିଆ ମାଚାଡ଼ୋଙ୍କୁ 'ନୋବେଲ ଶାନ୍ତି'



**ଟ୍ରମ୍ପ ନିରାଶ**

**ଭେନେଜୁଏଲାରେ ଗଣତନ୍ତ୍ର ପ୍ରତିଷ୍ଠା ପାଇଁ ୨୦ ବର୍ଷଧରି ପ୍ରଚେଷ୍ଟାରତ**

■ **ଷ୍ଟକହାମ୍, ୧୦ା୧୦ (ଏଜେନ୍ସି):** ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ନିଜ ସପକ୍ଷରେ ବିଶ୍ୱବ୍ୟାପୀ ସମର୍ଥନ ଜୁଟାଇବାର ବହୁ ପ୍ରୟାସ ଓ ପ୍ରଚାର ସତ୍ତ୍ୱେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ନିରାଶ ହେବାକୁ ପଡ଼ିଛି। ଲାଟିନ ଆମେରିକୀୟ ଦେଶ ଭେନେଜୁଏଲାର ଆଇରନ ଲେଡି ଭାବେ ପରିଚିତ ୫୮ ବର୍ଷୀୟା ମାରିଆ କୋରିନା ମାଚାଡୋଙ୍କୁ ୨୦୨୫ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ କରାଯାଇଛି। ବିରୋଧୀ ଦଳ ନେତ୍ରୀ ମାରିଆଙ୍କ ଜୀବନ ପ୍ରତି ବିପଦ ଥିବାରୁ ସେ ଏବେ ଅଜ୍ଞାତବାସରେ ଅଛନ୍ତି। ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ଦୀର୍ଘ ▸ପୃଷ୍ଠା-୧୦

## ପୁଲିସ ଚାକିରି ବେପାର

# ପୂର୍ବତନ ଜେଲ୍ ଡିଆଇଜି କ୍ରାଇମବ୍ରାଞ୍ଚ୍‌ରେ ହାଜର

**ଟଙ୍କା ଜମା କରିଥିବା ୨୦ ଜଣଙ୍କୁ ନୋଟିସ୍; ୫ ପୁଲିସ ଅଧିକାରୀଙ୍କୁ ମାଫ୍**

**ମୁନ୍ନା ସହ ଯୋଗାଯୋଗରେ ନୟାଗଡ଼ର ଶ୍ରୀକାନ୍ତ**

■ **ଭୁବନେଶ୍ୱର, ୧୦ା୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଓଡ଼ିଶା ସୀମା ଡେଇଁ ଜାତୀୟସ୍ତରରେ ପହଞ୍ଚିଛି। ଯୋଜନାବଦ୍ଧ ଭାବରେ ହୋଇଥିବା ଏହି ଚାକିରି ବିକ୍ରି ଷଡ଼ଯନ୍ତ୍ର ମଧ୍ୟପ୍ରଦେଶର କୁଖ୍ୟାତ ବ୍ୟାପମ୍ ସ୍କାମକୁ ବି ଟପି ଯାଇଥିବା କୁହାଯାଉଛି। ଏହି କ୍ରମରେ ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଆଜି ପୂର୍ବତନ ଜେଲ ଡିଆଇଜି କୁଳମଣି ବେହେରାଙ୍କୁ ଆଜି ପଚାରାଉଚରା କରିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଏହି ଘଟଣା ସମ୍ପର୍କରେ ଶ୍ରୀ ବେହେରାଙ୍କୁ ପ୍ରାୟ ୪୫ ମିନିଟ ଧରି ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା କରିଛନ୍ତି। କ୍ରାଇମବ୍ରାଞ୍ଚର ଜଣେ ଡିଆଇଜି ପାହ୍ୟାର ଅଧିକାରୀଙ୍କ ନେତୃତ୍ୱରେ ୪ଜଣିଆ ଦଳ ପୂର୍ବତନ ଜେଲ୍ ଡିଆଇଜିଙ୍କୁ ଓ ପରେ ବଣିକ କୋଚିଂ ସେଣ୍ଟରର ଅଧିକାରୀଙ୍କୁ ଦିନ ସାଢ଼େ ୧୧ଟାରୁ ଅଢ଼େଇଟା ପର୍ଯ୍ୟନ୍ତ ଦୁଇ ପର୍ଯ୍ୟାୟରେ ଜେରା କରିଛନ୍ତି। ଗତ ୩୦ ତାରିଖରେ ଶ୍ରୀକାକୁଲମ୍‌ରୁ ଗିରଫ ହୋଇଥିବା ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଶ୍ରୀ ବେହେରାଙ୍କ ପୁଅ ଅମୀର ବେହେରା ଅଛନ୍ତି। ତେଣୁ ସେ ମଧ୍ୟ ଚାକିରି ପାଇଁ ଟଙ୍କା ଦେଇଥିବା ଚର୍ଚ୍ଚା ହେଉଛି। ପୁଲିସ ଚାକିରି ପାଇଁ ଜଣ ପିଛା ୨୫ରୁ ୩୫ ଲକ୍ଷ ଟଙ୍କା ଲେଖାଏଁ ▸ପୃଷ୍ଠା-୧୦

# ଦିଲ୍ଲୀରୁ ଫେରିଲେ ନବୀନ



**ଖୁବ୍‌ଶୀଘ୍ର ନୂଆପଡ଼ା ଉପନିର୍ବାଚନ ପ୍ରାର୍ଥୀଙ୍କ ନାମ ଘୋଷଣା**

■ **ଭୁବନେଶ୍ୱର, ୧୦ା୧୦ (ସମିସ):** ଶୁକ୍ରବାର ଅପରାହ୍ନରେ ଦିଲ୍ଲୀରୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିଛନ୍ତି ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗତମାସରେ ନବୀନ ବ୍ୟକ୍ତିଗତ କାର୍ଯ୍ୟବଶତଃ ନୂଆଦିଲ୍ଲୀ ଯାଇଥିଲେ ଓ ନିଜ ବାସଭବନରେ ଅବସ୍ଥାନ କରୁଥିଲେ। ଏହି ସମୟରେ ସେ ନିଜ ପରିବାର ସଦସ୍ୟ ଓ ସାଙ୍ଗସାଥୀଙ୍କୁ ମଧ୍ୟ ଭେଟିଥିଲେ। ଦିଲ୍ଲୀରେ ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ୱାଇଲ୍ଡଲାଇଫ୍ ଫଟୋ ପ୍ରଦର୍ଶନୀ ସହ ଇଣ୍ଡିଆ ହାବିଟାଟ୍ ସେଣ୍ଟରରେ ଚାଲିଥିବା 'ଭୟେଜେସ୍, ଦି ଆନ୍ସିଏଣ୍ଟ ମେରିଟାଇମ୍ ସିଲ୍କ ରୁଟ୍' କଳା ପ୍ରଦର୍ଶନୀରେ ମଧ୍ୟ ନବୀନଙ୍କୁ ଦେଖିବାକୁ ମିଳିଥିଲା। ଏହା ସତ୍ତ୍ୱେ ନବୀନ ଓଡ଼ିଶାରେ ଘଟୁଥିବା ଘଟଣାକ୍ରମ ଉପରେ ତୀକ୍ଷ୍ଣ ▸ପୃଷ୍ଠା-୧୦




## ନାଟୋରୁ ସ୍ପେନ୍‌କୁ ବିଦା କରିବାକୁ କହିଲେ ଟ୍ରମ୍ପ



ନ୍ୟୁୟର୍କ, ୧୦।୧୦ (ଏଜେନ୍ସି): ସାମରିକ ମେଣ୍ଟ ନାଟୋରୁ ସ୍ପେନ ଭଳି ୟୁରୋପୀୟ ଦେଶକୁ ବାଦ ଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଯଦି ସ୍ପେନ୍ ନିଜର ପ୍ରତିରକ୍ଷା ବ୍ୟୟ ଅର୍ଥାତ ଡିଫେନ୍ସ ବଜେଟ୍ ବୃଦ୍ଧି ନକରେ ତେବେ ଏଭଳି କଠୋର ନିଷ୍ପତ୍ତି ନେବାକୁ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ଫିନଲାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ସଙ୍କ ସହ ଏକ ବୈଠକ ପରେ ଟ୍ରମ୍ପ ସାମ୍ବାଦିକମାନଙ୍କୁ ଏହି କଥା କହିଛନ୍ତି। ପୂର୍ବରୁ ଜୁନ୍‌ରେ ଟ୍ରମ୍ପ ଏ ସଂକ୍ରାନ୍ତରେ ସ୍ପେନ୍‌କୁ ଧମକ ମଧ୍ୟ ଦେଇଥିଲେ। ଗତ କିଛି ମାସ ହେବ ଟ୍ରମ୍ପ ନାଟୋରେ ସାମିଲ ଥିବା ଦେଶଗୁଡ଼ିକୁ ନିଜ ପ୍ରତିରକ୍ଷା ବ୍ୟୟ ବଢ଼ାଇବାକୁ କ୍ରମାଗତ ଭାବେ ଚାପ ପକାଇ ଆସୁଛନ୍ତି। ନାଟୋ ଶିଖର ସମ୍ମିଳନୀରେ ଟ୍ରମ୍ପ ସବୁ ଦେଶକୁ ଡିଫେନ୍ସ ବଜେଟକୁ ଜିଡିପିର ୫ ପ୍ରତିଶତ ପର୍ଯ୍ୟନ୍ତ ବଢ଼ାଇବାକୁ କହିଥିଲେ। କିନ୍ତୁ ସେତେବେଳେ ସ୍ପେନ ଏହାକୁ ଖାରଜ କରିଥିଲା। ଡିଫେନ୍ସ ବଜେଟ ବୃଦ୍ଧି କଲେ ଦେଶର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ନକରାତ୍ମକ ଭାବେ ପ୍ରଭାବିତ ହେବ। ଏଥିରେ ଖର୍ଚ୍ଚ କାଟ କରିବାକୁ ହେବ ଓ ଆଦୌ ଠିକ୍ ନୁହଁ ବୋଲି ସ୍ପେନ ପ୍ରଧାନମନ୍ତ୍ରୀ ପଡ୍ରୋ ସାଞ୍ଚେଜ ଯୁକ୍ତି ବାଢ଼ିଛନ୍ତି। କିନ୍ତୁ ନାଟୋ ପ୍ରତି ସ୍ପେନ ସମର୍ପିତ ରହିଛି ଓ ଆମେରିକା ଭଳି ନିଜ ଲକ୍ଷ୍ୟ ହାସଲ କରିବାକୁ ପ୍ରୟାସ କରିବ ବୋଲି ସେ କହିଛନ୍ତି।

## ଫିଲିପାଇନ୍ସରେ ଭୂକମ୍ପ; ୬ ମୃତ

ମାନିଲା, ୧୦।୧୦ (ଏଜେନ୍ସି): ପ୍ରଶାନ୍ତ ମହାସାଗରୀୟ ତଥା ଦକ୍ଷିଣପୂର୍ବ ଏସୀୟ ଦେଶ ଫିଲିପାଇନ୍ସରେ ଶୁକ୍ରବାର ସକାଳେ ଏକ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର ତ୍ରୀବ୍ରତା ରିକ୍ଟର ସ୍କେଲରେ ୭.୬ ଥିଲା। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏହି କାରଣରୁ ସୁନାମୀ ସତର୍କତା ଜାରି କରାଯାଇଥିଲା। କିନ୍ତୁ ପରେ ସୁନାମୀ ସତର୍କତାକୁ କାଢ଼ି ନିଆଯାଇଛି। ସ୍ଥିତି ଏବେ ସାମାନ୍ୟ ଅଛି ବୋଲି ପ୍ୟାସିଫିକ ସୁନାମୀ ୱାର୍ଣ୍ଣିଂ ସେଣ୍ଟର ତରଫରୁ କୁହାଯାଇଛି। ଏବେ ଆହୁରି କେତୋଟି ଭୂକମ୍ପର ଝଟ୍‌କା ଅର୍ଥାତ ଆଫଟର ସକ୍ ଅନୁଭୂତ ହେବ ବୋଲି ଫିଲିପାଇନ୍ସ ଆର୍ଥକ୍ୱେକ୍ ଏଜେନ୍ସି କହିଛି। ଭୂକମ୍ପର ଅଧଘଣ୍ଟା ମଧ୍ୟରେ ୫.୯ ଓ ୫.୬ ତୀବ୍ରତାର କେତୋଟି ଝଟ୍‌କା ଅନୁଭୂତ ହୋଇଥିଲା। ଏକ ଭୟଙ୍କର ସୁନାମୀ ଆସିବ ବୋଲି ଏହି ଏଜେନ୍ସି ପୂର୍ବରୁ ସତର୍କତା ଜାରି କରିଥିଲା। କେନ୍ଦ୍ର ଓ ଦକ୍ଷିଣ ଫିଲିପାଇନ୍ସର ଉପକୂଳବର୍ତ୍ତୀ ସହରଗୁଡ଼ିକରେ ଲୋକଙ୍କୁ ଉଚ୍ଚ ସ୍ଥାନକୁ ଯିବା ପାଇଁ କୁହାଯାଇଥିଲା। ଏପର୍ଯ୍ୟନ୍ତ ସେଭଳି କୌଣସ ବଡ଼ ଧରଣର କ୍ଷୟକ୍ଷତି ହୋଇଥିବାର ସୂଚନା ମିଳିନାହିଁ।

## ଜୁବିନଙ୍କ ଦୁଇ ସୁରକ୍ଷା ଅଧିକାରୀ ଗିରଫ

ଗୌହାଟୀ, ୧୦।୧୦(ଏଜେନ୍ସି): ଜଣାଶୁଣା ବଲିଉଡ୍ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ଼ ନେଇଛି। ସ୍ପେଶାଲ ଇନ୍‌ଭେଷ୍ଟିଗେସନ ଟିମ (ଏସ୍‌ଆଇଟି) ଜୁବିନ୍‌ଙ୍କ ସନ୍ଦିଗ୍ଧ ମୃତ୍ୟୁ ମାମଲାରେ ତାଙ୍କର ଦୁଇଜଣ ସୁରକ୍ଷା ଅଧିକାରୀ ବା ପର୍ସନାଲ ସିକ୍ୟୁରିଟି ଅଫିସର (ପିଏସ୍‌ଓ)ଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ଏହି ଦୁଇ ପିଏସ୍‌ଓ ହେଲେ ନନ୍ଦେଶ୍ୱର ବୋରା ଓ ପରେଶ ବୈଶ୍ୟ। ଏହି ଦୁଇଜଣ ଜୁବିନଙ୍କ ସୁରକ୍ଷା ଅଧିକାରୀ ଭାବେ ଦୀର୍ଘଦିନ ଧରି ଦାୟିତ୍ୱରେ ରହିଆସୁଥିଲେ। ଗତ ୪ରୁ ୫ ବର୍ଷ ମଧ୍ୟରେ ଏହି ଦୁଇଜଣଙ୍କ ବ୍ୟାଙ୍କ ଖାତାରେ ଏକକୋଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ନେଣଦେଣ ହୋଇଛି। ଏଥିପାଇଁ ପୁଲିସ ଏମାନଙ୍କୁ ଗିରଫ କରିଛି ବୋଲି କହିଛି। ନନ୍ଦେଶ୍ୱରଙ୍କ ବ୍ୟାଙ୍କ ଖାତାକୁ ୭୦ ଓ ପରେଶଙ୍କ ଖାତାକୁ ୪୦ ଲକ୍ଷ ଟଙ୍କା ଆସିଥିଲା। ଫଳରେ ଦୁଇ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏଥିସହ ଜୁବିନଙ୍କ ମୃତ୍ୟୁ ମାମଲାରେ ଗିରଫ ସଂଖ୍ୟା ଏବେ ୭ରେ ପହଞ୍ଚିଛି। ଏଥିରେ ଜୁବିନଙ୍କ ସମ୍ପର୍କୀୟ ଭାଇ ତଥା ଡିଏସ୍‌ପି ସନ୍ଦୀପନ ଗର୍ଗ, ମ୍ୟାନେଜର ସିଦ୍ଧାର୍ଥ ଶର୍ମା, ସହ ଗାୟିକା ଅମୃତପ୍ରଭା ମହନ୍ତ, ନର୍ଥ ଇଷ୍ଟ ଭେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ, ବ୍ୟାଣ୍ଡ ଡ୍ରମ ମାଷ୍ଟର ଶେଖର ଜ୍ୟୋତି ଗୋସ୍ୱାମୀ ସାମିଲ ଅଛନ୍ତି।

## ନିର୍ବାଚନ ପୂର୍ବରୁ ଜେଡିୟୁକୁ ଝଟ୍‌କା

ପାଟନା, ୧୦।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁକୁ ବଡ଼ ଝଟ୍‌କା ଲାଗିଛି। ପୂର୍ବତନ ସାଂସଦ, ବିଧାୟକଙ୍କ ସମେତ ଅନେକ ପ୍ରମୁଖ ନେତା ଶୁକ୍ରବାର ଆରଜେଡିରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ବାଙ୍କା ସାଂସଦ ଗିରିଧାରୀ ଯାଦବଙ୍କ ପୁଅ, ପୂର୍ବତନ ସାଂସଦ ଜଗଦୀଶ ଶର୍ମାଙ୍କ ପୁଅ ରାହୁଲ ଶର୍ମା ଏବଂ ପୂର୍ବତନ ସାଂସଦ ସନ୍ତୋଷ କୁଶ୍ୱାହ ସାମିଲ ଅଛନ୍ତି।

## କରୁର ଦଳାଚକଟା: ସୁପ୍ରିମକୋର୍ଟରେ ରାୟ ସଂରକ୍ଷିତ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): କରୁର ଦଳାଚକଟା ମାମଲାରେ ସୁପ୍ରିମକୋର୍ଟ ସିବିଆଇ ଯାଞ୍ଚ କରିବା ଓ ମାଡ୍ରାସ ହାଇକୋର୍ଟଙ୍କ ଦ୍ୱାରା ଏସ୍‌ଆଇଟି ଗଠନ ଆଦେଶକୁ ଚ୍ୟାଲେଞ୍ଜ କରି ହୋଇଥିବା ଆବେଦନର ରାୟକୁ ସୁରକ୍ଷିତ ରଖିଛନ୍ତି। ତାମିଲ ଅଭିନେତା ବିଜୟଙ୍କ ନବଗଠିତ ପାର୍ଟି ଟିଭିକେ ଓ ବିଜେପି ନେତା ଉମା ଆନନ୍ଦନ ଏହି ଅବେଦନ ଦାଖଲ କରିଥିଲେ। ଟିଭିକେ ତରଫରୁ ଆଡଭୋକେଟ ଗୋପାଳ ସୁବ୍ରମନିୟମ ଓ ସିଏ ସୁନ୍ଦରନ ତର୍କ ଉପସ୍ଥାପନ କରିଥିଲେ। ସେପଟେ ତାମିଲନାଡୁ ସରକାରଙ୍କ ତରଫରୁ ବରିଷ୍ଠ ଓକିଲ ଅଭିଷେକ ମନୁ ସିଙ୍ଘଭି ସିବିଆଇ ଯାଞ୍ଚର ଆବଶ୍ୟକତା ନାହିଁ ବୋଲି କହିଥିଲେ। ଏହି ଦଳାଚକଟା ଘଟଣାରେ ପୁଲିସର ବିଫଳତା ସାବ୍ୟସ୍ତ ହୋଇନାହିଁ ବୋଲି ସେ ତର୍କ ଦେଇଥିଲେ। ଏହି ମାମଲାରେ ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଭର୍ତ୍ସନା କରିଛନ୍ତି। ସକାଳୁ ଭିଡ଼ ହୋଇଥିବାରୁ ଏହି ଦଳାଚକଟା ହୋଇଥିଲା ବୋଲି କୁହାଯାଇଥିଲା। କିନ୍ତୁ ବିଜୟ ସନ୍ଧ୍ୟା ୭ଟାରେ ପହଞ୍ଚିଥିଲେ। ଉଲ୍ଲେଖଥାଉ କି, ସେପ୍ଟେମ୍ବର ୨୭ରେ ହୋଇଥିବା ଏହି ଦଳାଚକଟାରେ ୪୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ଜଣ ଆହତ ହୋଇଥିଲେ। ଅକ୍ଟୋବର ୪ରେ ବିଜୟଙ୍କ ପାର୍ଟି ଉତ୍ତରଦାୟିତ୍ୱରୁ ବର୍ତ୍ତି ପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ବିଜୟଙ୍କ ପାର୍ଟି ଏସ୍‌ଆଇଟି ଗଠନକୁ ବିରୋଧ କରିଥିଲା।

## ଜାମ୍ମୁ- କଶ୍ମୀରକୁ ରାଜ୍ୟ ମାନ୍ୟତା: କେନ୍ଦ୍ରକୁ ଜବାବ ତଲବ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ଜମ୍ମୁ-କଶ୍ମୀରକୁ ପୁଣି ଥରେ ରାଜ୍ୟ ମାନ୍ୟତା ଦେବା ନେଇ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଶୁକ୍ରବାର ସୁପ୍ରିମକୋର୍ଟରେ ଶୁଣାଣି ହୋଇଥିଲା। ତେବେ ଏ ନେଇ କେନ୍ଦ୍ର ସରକାର ଓ ଜମ୍ମୁ-କଶ୍ମୀର ପ୍ରଶାସନ ମଧ୍ୟରେ କଥାବାର୍ତ୍ତା ଚାଲିଛି ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ଶୁଣାଣି ବେଳେ କହିଥିଲେ। ଜମ୍ମୁ-କଶ୍ମୀରରେ ବିକାଶ ତ୍ୱରାନ୍ୱିତ ହୋଇଛି ଓ ୯୯.୯ ପ୍ରତିଶତ ଲୋକ ସରକାରଙ୍କ ସହ ରହିଛନ୍ତି। କିନ୍ତୁ କିଛି ଲୋକ ମିଛ ଖବର ପ୍ରଚାର କରୁଛନ୍ତି ଓ ଲୋକଙ୍କୁ ଭ୍ରମିତ କରିବାକୁ ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି। ପୂର୍ବରୁ ଅଗଷ୍ଟ ୧୪ରେ ହୋଇଥିବା ଶୁଣାଣିରେ ସୁପ୍ରିମକୋର୍ଟ ୮ ସପ୍ତାହ ମଧ୍ୟରେ ଏହି ମାମଲାରେ ଲିଖିତ ଜବାବ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲେଖଥାଉ କି, ୬ ବର୍ଷ ତଳେ ୨୦୧୯ ଅଗଷ୍ଟ ୫ରେ ୩୭୦ ଧାରା ହଟାଇବା ପରେ କେନ୍ଦ୍ର ସରକାର ଜମ୍ମୁ-କଶ୍ମୀରକୁ କେନ୍ଦ୍ର ଶାସିତ ପ୍ରଦେଶର ମାନ୍ୟତା ଦେଇଥିଲେ। ଏହାପରେ କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ସୁପ୍ରିକୋର୍ଟରେ ଆବେଦନ ହୋଇଥିଲା।

## ବିଷାକ୍ତ କଫ୍ ସିରପ୍ ମାମଲା: ରଙ୍ଗନାଥନ୍‌ଙ୍କୁ କୋର୍ଟରେ ଆକ୍ରମଣ

ଭୋପାଳ, ୧୦।୧୦(ଏଜେନ୍ସି): ବିଶାକ୍ତ କଫ୍ ସିରପ୍ ସେବନ ଯୋଗୁଁ ଶିଶୁ ମୃତ୍ୟୁ ମାମଲାର ମୁଖ୍ୟ ଅଭିଯୁକ୍ତ ଶ୍ରୀସାନ ଫାର୍ମାସିଟିକାଲ କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କ ଉପରେ ପରାସିଆ କୋର୍ଟରେ ଆକ୍ରମଣ ହୋଇଛି। ଓକିଲଙ୍କ ସମେତ ସେଠାରେ ଏକାଠି ହୋଇଥିବା ଲୋକ ତାଙ୍କୁ ଫାସୀ ଦେବାକୁ ଦାବି କରିଛନ୍ତି। ମଧ୍ୟପ୍ରଦେଶ ସରକାରଙ୍କ ଦ୍ୱାରା ଗଠିତ ଏସ୍‌ଆଇଟି ରଙ୍ଗନାଥନଙ୍କୁ ଶୁକ୍ରବାର ଅପରାହ୍ଣ ୧୧ଟାରେ ପରାସିଆ କୋର୍ଟରେ ହାଜର କରିଥିଲା। ଶ୍ରୀସାନ କମ୍ପାନୀ ଦ୍ୱାରା ପ୍ରସ୍ତୁତ ବିଶାକ୍ତ କଫ୍ ସିରପ ସେବନ କରି ମଧ୍ୟପ୍ରଦେଶରେ ୨୫ ଜଣ ପିଲା ମୃତ୍ୟୁବରଣ କରିଥିଲେ। ସେପଟେ ଏହି ମାମଲାରେ ସିବିଆଇ ଦ୍ୱାରା ଯାଞ୍ଚ ପାଇଁ ହେଉଥିବା ଦାବିକୁ ସୁପ୍ରିମକୋର୍ଟ ପ୍ରତ୍ୟାଖାନ କରିଛନ୍ତି। ରଙ୍ଗନାଥନଙ୍କ ପାଇଁ କୌଣସି ଓକିଲ କୋର୍ଟରେ ଲଢ଼ିବେ ନାହିଁ ବୋଲି ପରାସିଆ ବାର ଆସୋସିଏସନ ଅଧ୍ୟକ୍ଷ ଶ୍ୟାମ କୁମାର ସାହୁ କହିଛନ୍ତି। ପୁଣି ଯଦି ବାହାରୁ କୌଣସି ଓକିଲ ତାଙ୍କ ପାଇଁ କେସ୍ ଲଢ଼ନ୍ତି, ତାଙ୍କୁ ବିରୋଧ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। କୋର୍ଟ ପରିସରରେ ଲୋକଙ୍କ ଭିଡ଼ ବଢୁଥିବାରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ମଧ୍ୟପ୍ରଦେଶ ଓ ତାମିଲନାଡୁ ପୁଲିସର ମିଳିତ କାର୍ଯ୍ୟାନୁଷ୍ଠାନ କ୍ରମେ ଶ୍ରୀସାନ ଫାର୍ମା କମ୍ପାନୀର ନିର୍ଦ୍ଦେଶକ ଗୋବିନ୍ଦନ ରଙ୍ଗନାଥନଙ୍କୁ ଗୁରୁବାର ଗିରଫ କରାଯାଇଥିଲା। ସେପଟେ ତାମିଲନାଡୁରେ ପ୍ରସ୍ତୁତ ହେଉଥିବା କଫ୍ ସିରିପ ତଥା ଔଷଧର ଯାଞ୍ଚକୁ ଅଣଦେଖା କରାଯାଇଛି ବୋଲି କମ୍ପଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ (ସିଏଜି) ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଡ୍ରଗ୍ ଟେଷ୍ଟିଂରେ ସାଂଘାତିକ ଅବହେଳା କରାଯାଇଛି ବୋଲି କୁହାଯାଇଛି।

### ଇସ୍ରାଏଲ- ହମାସ୍ ଅସ୍ତ୍ରବିରତି ପ୍ରକ୍ରିୟା ଆରମ୍ଭ

## ଗାଜାକୁ ଫେରୁଛନ୍ତି ନାଗରିକ

ଗାଜା, ୧୦।୧୦(ଏଜେନ୍ସି): ଦୀର୍ଘ ଦୁଇବର୍ଷ ଧରି ଗାଜାରେ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଥିବା ସଂଘର୍ଷ ଶେଷ ହେବାକୁ ଯାଉଛି। ଏବେ ଏହି ସଂଘର୍ଷ ଶାନ୍ତି ରୂପେ ନେବାକୁ ଯାଉଛି। ଇସ୍ରାଏଲ୍ ଓ ହମାସ ମଧ୍ୟରେ ଅସ୍ତ୍ରବିରତି ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ପାଲେଷ୍ଟାଇନ୍‌ରୁ ସ୍ଥାନାନ୍ତର ହୋଇଥିବା ହଜାର ହଜାର ନାଗରିକ ଶୁକ୍ରବାର ନିଜ ପରିତ୍ୟକ୍ତ ଘରକୁ ପ୍ରତ୍ୟାବର୍ତ୍ତନ କରିବା

### ସୈନ୍ୟ ହଟାଇଲା ଇସ୍ରାଏଲ

### ତଦାରଖ ପାଇଁ ୨୦୦ ସୈନ୍ୟ ପଠାଇଲା ଆମେରିକା



ଆରମ୍ଭ କରିଛନ୍ତି। ଶୁକ୍ରବାର ଅପରାହ୍ଣ ୨.୩୦ରେ ଅସ୍ତ୍ରବିରତି ପ୍ରକ୍ରିୟାର ଶୁଭାରମ୍ଭ ହୋଇଥିଲା। ସେହିପରି ଗାଜାରୁ ଇସ୍ରାଏଲ ତା'ର ସୈନ୍ୟ ଫେରାଇବା ଆରମ୍ଭ କରିଛି। ସେପଟେ ଅସ୍ତ୍ରବିରତି ପ୍ରକ୍ରିୟାକୁ କାର୍ଯ୍ୟକାରୀ କରିବା ସହ ତା'ର ତଦାରଖ ପାଇଁ ଆମେରିକା ତା'ର ୨୦୦ ସୈନ୍ୟ ଗାଜାକୁ ପଠାଇଛି। ତେବେ ଏହି ସୈନ୍ୟ ଗାଜାରେ ପ୍ରବେଶ କରିବେ ନାହିଁ ବୋଲି କୁହାଯାଇଛି।

ଅସ୍ତ୍ରବିରତିର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହେବା ପରେ ଉଭୟ ଇସ୍ରାଏଲ ଓ ଗାଜାର ନାଗରିକମାନେ ଖୁସିରେ ଆତ୍ମହରା ହୋଇଛନ୍ତି ଓ ଏହି ଅସ୍ତ୍ରବିରତି ପ୍ରକ୍ରିୟାକୁ ସ୍ୱାଗତ କରିଛନ୍ତି। ନୂତନ ନିର୍ଦ୍ଧାରିତ ସ୍ଥାନରେ ସୈନ୍ୟ ନିୟୋଜିତ ହେବା ପରେ ଅସ୍ତ୍ରବିରତି ଲାଗୁ କରାଯିବ ବୋଲି ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍) ତରଫରୁ କୁହାଯାଇଥିଲା। ବହୁ ସଂଖ୍ୟାରେ ଗାଜା ନାଗରିକ ଗାଜାର ଉତ୍ତରାଞ୍ଚଳରୁ ଗାଜା ସିଟିଆଡ଼କୁ ଯାତ୍ରା କରିଛନ୍ତି। ଚୁକ୍ତି ଅନୁସାରେ ଅସ୍ତ୍ରବିରତି ଲାଗୁ ହେବାର ୭୨ ଘଣ୍ଟା ମଧ୍ୟରେ ହମାସ ଇସ୍ରାଏଲ ପଣବନ୍ଦୀଙ୍କୁ ଖଲାସ କରିବ। ପ୍ରତିବଦଳରେ ଇସ୍ରାଏଲ ମଧ୍ୟ ଶହଶହ ପାଲେଷ୍ଟାଇନ୍ ବନ୍ଦୀକୁ ମୁକ୍ତ କରିବ। ଇସ୍ରାଏଲର ନେତାନ୍ୟାହୁ ସରକାର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅସ୍ତ୍ରବିରତି ଓ ପଣବନ୍ଦୀ ମୁକ୍ତ ଚୁକ୍ତିକୁ ସ୍ୱୀକୃତି ଦେବା ପରେ ଶାନ୍ତିର ରାସ୍ତା ଫିଟିଥିଲା। ଗତ ଗୁରୁବାର ଇସ୍ରାଏଲ ଓ ହମାସ ଅସ୍ତ୍ରବିରତି ପାଇଁ ସମ୍ମତି ପ୍ରକାଶ କରିଥିଲେ। ଗତ ଦୁଇବର୍ଷ ଧରି ଚାଲିଥିବା ଏହି ସଂଘର୍ଷରେ ଗାଜାରେ ୬୬, ୦୦୦ରୁ ଊର୍ଦ୍ଧ୍ୱ ଲୋକ ମୃତ୍ୟୁବରଣ କରିଥିବା ବେଳେ ବହୁ ସଂଖ୍ୟାରେ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ଗାଜାରେ ଦୁର୍ଭିକ୍ଷ ଭଳି ସ୍ଥିତି ସୃଷ୍ଟି ହୋଇଥିଲା।

ଏବେ ସବୁ ବନ୍ଧକ ଖୁବଶୀଘ୍ର ମୁକ୍ତ ହେବେ ବୋଲି ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ଉଲ୍ଲେଖ କରିଛନ୍ତି। ଇସ୍ରାଏଲ ମଧ୍ୟ ତା'ର ସୈନ୍ୟମାନଙ୍କୁ ଫେରାଇ ନେବ। ଏହା ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଆରମ୍ଭ ମାତ୍ର। ଏହି ଶାନ୍ତି ଦୀର୍ଘସ୍ଥାୟୀ ହେବା ସହ ସମଗ୍ର ମଧ୍ୟପ୍ରାଚ୍ୟରେ ପ୍ରାଚୁର୍ଯ୍ୟର ଆଶା ସୃଷ୍ଟି କରିବ। ଶାନ୍ତି ପ୍ରତସ୍ତାର ଏହି ପ୍ରକ୍ରିୟାରେ ସବୁ ପକ୍ଷ ପ୍ରତି ନିରପେକ୍ଷତା ଅବଲମ୍ବନ କରାଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

## ବେଆଇନ ବାଲି ଖନନ ପାଇଁ ପଶ୍ଚିମବଙ୍ଗରେ ୧୯ ଗିରଫ

ପୁରୁଲିଆ, ୧୦।୧୦(ଏଜେନ୍ସି): ପଶ୍ଚିମବଙ୍ଗର ପୁରୁଲିଆରେ ବେଆଇନ ବାଲି ଖନନ ପାଇଁ ବିଜେପୀ ବିଧାୟକ ଓ କର୍ମୀଙ୍କ ମଧ୍ୟରେ ମୁକାବିଲାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ପୁରୁଲିଆରେ ଉତ୍ତେଜନା ଦେଖା ଦେଇଛି। ବେଆଇନ ବାଲି ଖନନରେ ସାମିଲ ଥିବା ୧୯ଜଣଙ୍କୁ ପୁଲିସ ଶୁକ୍ରବାର ଗିରଫ କରିଛି। ବୁଧବାର ବିଳମ୍ବିତ ରାତିରେ ପୁଲିସ ଚଢ଼ାଉ କରିଥିଲା। ବାଲି ଚାଲାଣ କରୁଥିବା ଦୁଇଟି ଟ୍ରାକ୍ଟରକୁ ମଧ୍ୟ ପୁଲିସ ଅଟକ ରଖିଛି। ବେଇଆଇନ ବାଲି ଖନନ ନେଇ ପୁରୁଲିଆ ବିଧାୟକ ସୁଦୀପ ମୁଖାର୍ଜୀଙ୍କ ସହ କର୍ମୀ ଥାନାରେ ହିଁ ମୁହାଁମୁହିଁ ହୋଇଥିଲେ। ଦୀର୍ଘଦିନ ଧରି ଏହି ଅଞ୍ଚଳରେ ବେଆଇନନ ବାଲି ଖନନ ଓ ଚାଲାଣ ନେଇ ଅଭିଯୋଗ ହେଉଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିଲା। ଗିରଫ୍ ହୋଇଥିବା ୧୯ଜଣଙ୍କୁ ଶୁକ୍ରବାର ପୁରୁଲିଆ ଜିଲ୍ଲା କୋର୍ଟରେ ହାଜର କରାଯାଇଥିଲା।

## କାବୁଲ୍‌ରେ ପାକ୍ ବାୟୁସେନାର ଆକ୍ରମଣ

କାବୁଲ, ୧୦।୧୦(ଏଜେନ୍ସି): ପାକିସ୍ତାନ ଗୁରୁବାର ରାତିରେ ଆଫଗାନିସ୍ତାନ ରାଜଧାନୀ କାବୁଲରେ ତେହରିକ-ଏ- ତାଲିବାନ ପାକିସ୍ତାନ (ଟିଟିପି)ର କେତୋଟି ଠିକଣା ଉପରେ ଆକାଶ ମାର୍ଗରୁ ଆକ୍ରମଣ କରିଛି। ଏଥିରେ ଟିଟିପି ମୁଖ୍ୟ ମୌଲାନା ନୁର ୱାଲି ମେହସୁଦ ମୃତ୍ୟୁବରଣ କରିଛନ୍ତି ବୋଲି ପାକିସ୍ତାନ ବାୟୁସେନା ଦାବି କରିଛି। ପୂର୍ବ କାବୁଲ୍‌ରେ ଟିଟିପିର ଠିକଣାରେ ମେହସୁଦ ଥିଲେ ବୋଲି ପାକିସ୍ତାନ ଗଣମାଧ୍ୟମ ଦାବି କରିଛି। ମେହସୁଦ ୨୦୧୮ରୁ ଟିଟିପିର ନେତୃତ୍ୱ ନେଇ ଆସୁଛନ୍ତି। ତାଲିବାନ ସମର୍ଥନରେ ସେ ଏହି ସଂଗଠନ ପରିଚାଳନା କରି ଆସୁଛନ୍ତି। ତାଲିବାନ ସରକାରଙ୍କ ବିଦେଶ ମନ୍ତ୍ରୀ ଅମୀର ଖାନ୍ ମୁତ୍ତାକି ଭାରତ ଗସ୍ତରେ ଆସିଥିବା ବେଳେ ପାକିସ୍ତାନ ବାୟୁସେନା ଏହି ଆକ୍ରମଣ କରିଛି। ମୁତ୍ତାକି ଭାରତରେ ୭ ଦିନ ରହିବେ। କୌଣସି ପ୍ରକାର ଆକ୍ରମଣ ହୋଇନାହିଁ ବୋଲି ମେହସୁଦ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛି। ଏହି ଆକ୍ରମଣରେ କୌଣସ ପ୍ରକାର କ୍ଷତି ହୋଇନାହିଁ ଓ ସବୁକିଛି ନିୟନ୍ତ୍ରଣରେ ରହିଛି ବୋଲି ତାଲିବାନ ସରକାର ତରଫରୁ କୁହାଯାଇଛି। ମେହସୁଦ ଟିଟିପିର ଚତୁର୍ଥ ମୁଖ୍ୟ ଭାବେ ଦାୟିତ୍ୱରେ ରହିଛନ୍ତି। ଟିଟିପି ଏବେ ପାକିସ୍ତାନର ଆଭ୍ୟନ୍ତରୀଣ ସୁରକ୍ଷା ପାଇଁ ସବୁଠାରୁ ବଡ଼ ବିପଦ ଭାବେ ଉଭା ହୋଇଛି ଓ ପାକିସ୍ତାନ ସରକାରଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି। ପାକିସ୍ତାନ ପୁଣି ଥରେ ଏପରି ଦୁଃସାହସ କରେ ତେବେ ତାକୁ ଦୃଢ଼ ଜବାବ ଦିଆଯିବ। ଯଦି ପୁଣି ଏଭଳି କେହି ସାହସ କରେ, ତେବେ ସେମାନେ ସୋଭିଏତ ୟୁନିଅନ, ଆମେରିକା, ନାଟୋଠାରୁ ଶିକ୍ଷାଗ୍ରହଣ କରିବା ଉଚିତ ବୋଲି ମୁତ୍ତାକି କହିଛନ୍ତି।

## ହିମାଚଳରେ ତୁଷାରପାତ: ମନାଲୀ- ଲେହ ହାଇୱେ ୪ ଦିନ ବନ୍ଦ



ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ହିମାଳୟ କ୍ଷେତ୍ରରେ ଥିବା ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ତୁଷାରପାତ ଜାରି ରହିଛି। ଏହାର ପ୍ରଭାବରେ ସମତଳ ଅଞ୍ଚଳରେ ତାପମାତ୍ରା ତଳକୁ ଖସିଛି। ବାୟୁର ଗତିପରିବର୍ତ୍ତନ ଫଳରେ ଶୀତ ଅନୁଭୂତ ହେବା ଆରମ୍ଭ ହୋଇଛି। ହରିୟାଣା, ପଞ୍ଜାବ, ରାଜସ୍ଥାନ, ମଧ୍ୟପ୍ରଦେଶ, ଦିଲ୍ଲୀ, ଉତ୍ତରପ୍ରଦେଶର କେତେକାଞ୍ଚଳରେ ତାପମାତ୍ରା ୨୦ ଡିଗ୍ରୀ ତଳକୁ ଖସିଛି। ସକାଳୁ ଶୀତ ଅନୁଭୂତ ହେବା ସହ କୁହୁଡି ଦେଖିବାକୁ ମିଳିଥିଲା। ମଧ୍ୟପ୍ରଦେଶ ରାଜଗଡ଼ରେ ଗୁରୁବାର ତାପମାତ୍ରା ୧୫.୬ ଡିଗ୍ରୀରେ ପହଞ୍ଚିଥିଲା। ଭୋପାଳରେ ଏହା ୧.୬ ଡିଗ୍ରୀ କମି ୧୮ ଡିଗ୍ରୀରେ ପହଞ୍ଚିଥିଲା। ପ୍ରବଳ ବରଫପାତ କାରଣରୁ ମନାଲୀ- ଲେହ ରାଜପଥ ଗତ ୪ ଦିନ ହେବ ବନ୍ଦ ରହିଛି। ହିମାଚଳରେ କ୍ରମାଗତ ଚତୁର୍ଥଦିନ ବର୍ଷା ଓ ତୁଷାରପାତ ପରେ ଗୁରୁବାର ପାଗ ସଫା ରହିଥିଲା। କିନ୍ତୁ କୁଲ୍ଲୁ, ଲାହୋଲ-ସ୍ପିତି, କିନ୍ନାର, ଚମ୍ବା, ମଣ୍ଡି, କାଂଗ୍ରା ଓ ଶିମଳାରେ କିନ୍ତୁ ବରଫର ଚାଦର ଦେଖିବାକୁ ମିଳିଥିଲା। ଲାହୋଲ-ସ୍ପିତିର କେଲାଙ୍ଗରେ ଗତପାଲି ତାପମାତ୍ରା -୧ ଡିଗ୍ରୀରେ ପହଞ୍ଚିଛି। କୁକୁମସୋରୀରେ ତାପମାତ୍ରା -୦.୯ ଓ ସିମ୍‌ଲାରେ ୯.୮ ଓ ମନାଲୀରେ ୭.୭ ଡିଗ୍ରୀରେ ପହଞ୍ଚିଛି।



ପ୍ରଥମ ଭାରତୀୟ ଭାବେ ମିସେସ୍ ୟୁନିଭର୍ସ ମୁକୁଟ ଜିତିଲେ ସେରି ସିଂହ

## ଭାରତରୁ ପାକିସ୍ତାନ, ଆମେରିକାକୁ ନାଲି ଆଖି ଦେଖାଇଲେ ତାଲିବାନ ମନ୍ତ୍ରୀ

ନୂଆଦିଲ୍ଲୀ, ୧୦।୧୦(ଏଜେନ୍ସି): ପ୍ରଥମ ଥର ପାଇଁ ଭାରତ ଗସ୍ତରେ ଆସିଥିବା ତାଲିବାନ ବିଦେଶ ମନ୍ତ୍ରୀ ଅମୀର ଖାନ ମୁତ୍ତାକି ନୂଆଦିଲ୍ଲୀରୁ ପାକିସ୍ତାନ ଏବଂ ଆମେରିକାକୁ ନାଲିଆଖି ଦେଖାଇଛନ୍ତି। ଏହା ସହିତ ଭାରତ ସହ ସମ୍ବନ୍ଧ ବୃଦ୍ଧିକୁ ସେ ଅଗ୍ରାଧିକାର ଦେଇଛନ୍ତି। ମୁତ୍ତାକି କହିଛନ୍ତି ଯେ ଆମେରିକାକୁ ବଗରାମ ଏୟାରବେସ ଦିଆଯିବ ନାହିଁ । କୌଣସି ଦେଶ ବିରୋଧରେ ଆଫଗାନ ମାଟିକୁ ବ୍ୟବହାର କରିବାକୁ ମଧ୍ୟ ଦେବୁନାହିଁ । ଏହା ପୂର୍ବରୁ ଗତ ମାସରେ ଆମେରିକା ରାଷ୍ଟ୍ରପତି ଏହି ଏୟାରବେସ ପୁଣି ଫେରି ପାଇବାକୁ ଦାବି କରିଥିଲେ। ଏପରି ନ କଲେ ଗମ୍ଭୀର ପରିଣାମ ଭୋଗିବାକୁ ପଡିବ ବୋଲି ଧମକ ଦେଇଥିଲେ। ଏହାକୁ ନେଇ ମୁତ୍ତକି କହିଛନ୍ତି ଯେ ନିଜ ଦେଶରେ ବିଦେଶୀ ସେନାକୁ ଆଫଗାନ ନାଗରିକ ସ୍ୱୀକାର କରିବେ ନାହିଁ। ମାତ୍ର କୂଟନୈତିକ ଭାବେ ଆଫଗାନ ସହ କୌଣସି ଦେଶ ସମ୍ପର୍କ ବୃଦ୍ଧି କରିପାରିବେ। ଏହା ସହିତ ଚାବାହର ବନ୍ଦରରୁ କଟକଣା ହଟାଇବା ପାଇଁ ମୁତ୍ତକି ଆମେରିକାକୁ ଅନୁରୋଧ କରିଛନ୍ତି। ଏ ନେଇ ଭାରତ-ଆମେରିକା ଚର୍ଚ୍ଚା କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହି କଟକଣା ହଟିଲେ ପାକିସ୍ତାନ ନ ଯାଇ ସିଧାସଳଖ ଆଫଗାନ ସହ କାରବାର କରିହେବ। ଅନ୍ୟପକ୍ଷରେ ଭାରତ ପୁଣି ଥରେ ଆଫଗାନିସ୍ତାନରେ ଦୂତାବାସ ଆରମ୍ଭ କରିବାକୁ ଯାଉଛି। ଭାରତ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଓ ମୁତ୍ତାକିଙ୍କ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ବୈଠକରେ ଭାରତ କିମ୍ବା ଆଫଗାନିସ୍ତାନର ପତାକା ଦେଖିବାକୁ ମିଳି ନଥିଲା। ଭାରତ ଏପର୍ଯ୍ୟନ୍ତ ଆଫଗାନିସ୍ତାନର ତାଲିବାନ ସରକାରଙ୍କୁ ମାନ୍ୟତା ପ୍ରଦାନ କରି ନଥିବାରୁ ବୈଠକର ପୃଷ୍ଠଭୂମିରେ କୌଣସି ପତାକା ଦେଖିବାକୁ ମିଳି ନଥିଲା। ତାଲିବାନ କ୍ଷମତାକୁ ଆସିବା ପରେ ୨୦୨୧ରେ ଭାରତ ତା'ର ଦୂତାବାସକୁ ବନ୍ଦ କରିଥିଲା। କାବୁଲରେ ଥିବା ବୈଷୟିକ ମିସନକୁ ଭାରତ ଏବେ ଦୂତାବାସରେ ପରିଣତ କରିବ। ଦୂତାବାସକୁ ବନ୍ଦ କରିବାର ଗୋଟିଏ ବର୍ଷ ପରେ ଭାରତ ଚିକିତ୍ସା ସହାୟତା ଓ ମାନବୀୟ ସହାୟତା ଉପଲବ୍ଧ କରାଇବାକୁ କାବୁଲରେ ଏକ ଛୋଟ ମିଶନ ଖୋଲିଥିଲା। ଆଫଗାନିସ୍ତାନର ବିକାଶରେ ଭାରତ ରୁଚି ରଖୁଛି ବୋଲି ଜୟଶଙ୍କର କହିଛନ୍ତି। ମୁତ୍ତାକି ମଧ୍ୟ ବିଭିନ୍ନ ପ୍ରକାର ସହାୟତା, ସହଭାଗିତା ଓ ବନ୍ଧୁତା ପାଇଁ ଭାରତକୁ କୃତଜ୍ଞତା ଜଣାଇଛନ୍ତି। ଆଫଗାନିସ୍ତାନରେ ଯେତେବେଳେ ଭୂକମ୍ପ ଆସିଥିଲା ଭାରତ ପ୍ରଥମ ଦେଶ ଭାବେ ସାହାଯ୍ୟ ଓ ସୁବିଧା ସୁଯୋଗ ଉପଲବ୍ଧ କରାଇଥିଲା ବୋଲି ମୁତ୍ତାକି କହିଛନ୍ତି।

### ଅବସରପ୍ରାପ୍ତ ସିଭିଲ ଇଞ୍ଜିନିୟରଙ୍କ ଲୋକାୟୁକ୍ତ ଚଢ଼ାଉ

## ୨.୬ କେଜି ସୁନା, ୧୭ ଟନ୍ ମହୁ ଜବତ

ଭୋପାଳ, ୧୦।୧୦ (ଏଜେନ୍ସି): ମଧ୍ୟପ୍ରଦେଶ ଭୋପାଳରୁ ବାସ୍ତବ ଜୀବନର ଏକ କ୍ରାଇମ-ଥ୍ରିଲର ସାମ୍ନାକୁ ଆସିଛି। ପୂର୍ତ୍ତ ବିଭାଗ (ପିଡବ୍ଲ୍ୟୁଡି)ର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ଜିପି ମେହେଟାଙ୍କ ଘର ଏବଂ ଅନ୍ୟ ଠିକଣାରେ ଗୁରୁବାର ଦୁର୍ନୀତି ବିରୋଧୀ ସଂସ୍ଥା ଲୋକାୟୁକ୍ତ ପକ୍ଷରୁ ଚଢ଼ଉ କରାଯାଇଛି। ଏହି ଚଢ଼ଉରୁ ଧନର ପାହାଡ଼ର ସନ୍ଧାନ ମିଳିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ମାମଲାର ତଦନ୍ତରୁ ଆରମ୍ଭ ହୋଇଥିବା ଏହି କାହାଣୀ ରାଜ୍ୟର ପ୍ରମୁଖ ଦୁର୍ନୀତିରେ ସାମିଲ ହୋଇଯାଇଛି। ଘରୁ ଏତେ ଧନ ସମ୍ପତ୍ତି ମିଳିଛି ଯେ ତାହା ଦେଖି ଅଧିକାରୀ ଜଳକା ହୋଇଯାଇଛନ୍ତି। ଏତେ ଟଙ୍କା ଜବତ ହୋଇଛି ଯେ ତାହାକୁ ଗଣିବା ପାଇଁ ଗଣତି ମେସିନ ମଗାଯାଇଛି। ସୁନା ଏବଂ ରୁପା କେଜି ଆକାରରେ ଜବତ ହୋଇଛି। ମାତ୍ର ସବୁଠୁ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ମେହେଟାଙ୍କ ଫାର୍ମ ହାଉସରୁ ୧୭ ଟନ୍ ମହୁ ଜବତ କରାଯାଇଛି। ଏହାକୁ ମହଜୁଦ କରି ସଜାଇ ରଖାଯାଇଥିଲା।



ସୂଚନା ଅନୁଯାୟୀ ଲୋକାୟୁକ୍ତର ୪ ଡିଏସ୍‌ପି ର୍‍ୟାଙ୍କ ଅଧିକାରୀ ଗୁରୁବାର ବଡି ଭୋରରେ ମେହେଟାଙ୍କ ଭୋପାଳ ଏବଂ ନର୍ମଦାପୁରମ ସ୍ଥିତ ଚାରି ଠିକଣାରେ ଚଢ଼ଉ କରିଥିଲେ। ମଣିପୁର କଲୋନୀରେ ଥିବା ତାଙ୍କ ଘରୁ ୮.୭୯ ଲକ୍ଷ ଟଙ୍କା, ୫୦ ଲକ୍ଷର ଅଳଙ୍କାର, ୫୬ ଲକ୍ଷର ଫିକ୍ସଡ ଡିପୋଜିଟ ମିଳିଥିଲା। କିନ୍ତୁ ଅସଲ ସମ୍ପତ୍ତି ତାଙ୍କ ଦ୍ୱିତୀୟ କୋଠାରେ ଥିଲା। ଦାନା ପାନି ନିକଟରେ ଥିବା ବିଳାଶପୂର୍ଣ୍ଣ ଆପାର୍ଟମେଣ୍ଟରୁ ବିପୁଳ ସୁନା ମିଳିଥିଲା। ଏଠାରୁ ୨୬ ଲକ୍ଷ ଟଙ୍କା, ୩.୦୫ କୋଟି ଟଙ୍କାର ୨.୬ କେଜି ସୁନା ଏବଂ ୫.୫ କେଜି ରୁପା ମିଳିଥିଲା। ସହରର ସମ୍ପତ୍ତିଗୁଡ଼ିକ ଦେଖି ଆଖି ଖୋସି ହେଉଥିଲେ ମଧ୍ୟ ସୋହାଗପୁର (ନର୍ମଦାପୁରମ) ତହସିଲର ସାଇନି ଗ୍ରାମରେ ମେହରାଙ୍କ ଫାର୍ମହାଉସରୁ ସମ୍ପତ୍ତିର ବଡ଼ ସାମ୍ରାଜ୍ୟ ସାମ୍ନାକୁ ଆସିଥିଲା। ଏଠାରୁ ୧୭ ଟନ୍ ମହୁ, ଛଅଟି ଟ୍ରାକ୍ଟର, ୩୨ଟି ନିର୍ମାଣାଧୀନ କୁଟୀର, ନିର୍ମାଣ ସରିଥିବା ୭ଟି କୋଠା, ମାଛ ଚାଷ ସୁବିଧା ସହିତ ବିଶାଳ ପୋଖରୀ, ଗୋଶାଳା, ମନ୍ଦିର ଏବଂ ଏକ ଫୋର୍ଡ ଏଣ୍ଡେଭର, ସ୍କୋଡା ସ୍ଲାଭିଆ, କିଆ ସୋନେଟ୍ ଏବଂ ମାରୁତି ସିଆଜ୍ ଆଦି କାର୍ ଦେଖିବାକୁ ମିଳିଥିଲା। ଏହି ସବୁ କାର୍ ମେହରା ପରିବାରଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ସେହିପରି ଗୋବିନ୍ଦପୁର ଶିଳ୍ପାଞ୍ଚଳରେ ମେହେରାଙ୍କ ଅଫିସ ଥିଲା। ଏଠାରୁ ଅନେକ ସାମଗ୍ରୀ, କଞ୍ଚାମାଲ, ୧.୨୫ ଲକ୍ଷ କ୍ୟାସ ଏବଂ ତାଙ୍କ ପରିବାର ସମ୍ବନ୍ଧିତ ଅନେକ ସମ୍ପତ୍ତି କାଗଜପତ୍ର ମିଳିଥିଲା। ସନ୍ଧ୍ୟା ସୁଦ୍ଧା ତାଙ୍କ ଠିକଣାରୁ ୩୬.୦୫ ଲକ୍ଷ ଟଙ୍କା, ୨.୬୪୯ କେଜି ସୁନା, ୫.୫୨୩ କେଜି ରୁପା, ଏଫଡି, ବୀମା, ଅନେକ ସମ୍ପତ୍ତି, ୪ ବିଳାଶପୂର୍ଣ୍ଣ କାର୍ ଜବତ ହୋଇଥିଲା।

### ପୁଲିସ ଏସ୍‌ଆଇ ଚାକିରି ବେପାର

# ସିବିଆଇ ତଦନ୍ତ ଦାବିରେ ଗର୍ଜିଲା ଯୁବ-ଛାତ୍ର ବିଜେଡି





ବ୍ରହ୍ମପୁର,୧୦।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି କେଳେଙ୍କାରୀ ଘଟଣାରେ ରାଜରାସ୍ତାକୁ ଓହ୍ଲାଇଛି ବିଜୁ ଜନତା ଦଳ। ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ହୋଇଛି। ଏହି କ୍ରମରେ ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ ସାହୁ ଓ ରାଜ୍ୟ ଛାତ୍ର ବିଜେଡି ସଭାପତି ଇପ୍‌ସିତା ସାହୁଙ୍କ ଆହ୍ୱାନରେ ଗଞ୍ଜାମ ଜିଲ୍ଲା ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ନେତୃତ୍ୱରେ ସ୍ଥାନୀୟ ରାମଲିଙ୍ଗମ ପାର୍କରୁ ଏକ ବିରାଟ ବିକ୍ଷୋଭ ଶୋଭାଯାତ୍ରା ବାହାରି ଖଲ୍ଲିକୋଟ କଲେଜ ଛକରେ ପହଞ୍ଚିଥିଲା। ସେଠାରେ ଦୀର୍ଘ ସମୟ ଧରି ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

ଏହି ଅବସରରେ ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ପୁଲିସ ଏସ୍‌ଆଇ ଚାକିରି ଜାଲିଆତି ଘଟଣାରେ ପୁଲିସ ଓ କ୍ରାଇମବ୍ରାଞ୍ଚ ଟିମ୍ ୧୧୪ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଯଦିଓ ୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି, କିନ୍ତୁ ଏହା ପଛରେ ଥିବା ମୁଖ୍ୟ ଅଭିଯୁକ୍ତମାନେ ଏବେ ବି ଖୁଲମଖୁଲା ବୁଲୁଛନ୍ତି। ମୁଖ୍ୟ ଅଭିଯୁକ୍ତ ଭାବେ ଫେରାର୍ ଥିବା ଶଙ୍କର ପୃଷ୍ଟିଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ ବିଜେପି ସରକାର ଏହି ଜାଲିଆତି ଘଟଣାରେ ସମ୍ପୃକ୍ତ ରହିଛି। ଏଣୁ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ବିକ୍ଷୋଭକାରୀମାନେ ଦାବି କରିଥିଲେ। ଏପରି କରି ସରକାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଥିବା ଅଭିଯୋଗ କରି ଛାତ୍ର ଓ ଯୁବ ବିଜେଡି ନେତାମାନେ ଭୀଷଣ ବର୍ଷିଥିଲେ।

ବିକ୍ଷୋଭ ବେଳେ ବିଜୁ ଜନତା ଦଳର ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ମେୟର୍ ସଂଘମିତ୍ରା ଦଳେଇ, ଡେ଼ପୁଟି ମେୟର ଇ. ବିବେକ ରେଡ୍ଡୀ, ଦେବାନନ୍ଦ ମହାପାତ୍ର, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ, ଆସିକା ସାଂସଦ ପ୍ରାର୍ଥୀ ରଞ୍ଜିତା ସାହୁ, ଛାତ୍ର ବିଜେଡି ଜୋନ୍ ସଭାପତି ଜ୍ୟୋତିରଞ୍ଜନ ସାହୁ, ଜିଲ୍ଲା ସୋସିଆଲ ମିଡିଆ କୋର୍ଡିନେଟର୍ ଦୁର୍ଗାପ୍ରସାଦ ପଣ୍ଡା, ଅଜୟ ମହାରଣା, ନଚିକେତା ସ୍ୱାଇଁ, ଦୁର୍ଗା ଲାୟକ, ଜିଲ୍ଲା ଯୁବ ସଭାପତି ଭବାନୀ ସାହୁ, ବ୍ରହ୍ମପୁର ଯୁବ ସଭାପତି ଅଜିତ ପଣ୍ଡା, ବ୍ରହ୍ମପୁର ଛାତ୍ର ସଭାପତି ଶୋଭନ ନାୟକଙ୍କ ସମେତ ବହୁ ବିଜୁ ଯୁବ ଓ ଛାତ୍ର ଜନତା ଦଳର କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବକୁ ମୋହର



## ଏଥର ୯୩ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ

## ମହିଳାମାନଙ୍କୁ ରାତିରେ କାମ ପାଇଁ ଅନୁମତି

ଭୁବନେଶ୍ୱର,୧୦।୧୦(ସମିସ): ଏ ବର୍ଷ ରାଜ୍ୟରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ସଂଗ୍ରହ ହେବ। ଧାନ ହିସାବରେ ଏହା ପ୍ରାୟ ୯୩ ଲକ୍ଷ ମେଟ୍ରିକ୍ ଟନ୍ ହେବ। ଖରିଫ ଓ ରବିରେ ଧାନ ସଂଗ୍ରହର ଧାର୍ଯ୍ୟ ଲକ୍ଷ୍ୟ ଯଥାକ୍ରମେ ୭୩ ଓ ୨୦ ଲକ୍ଷ ମେଟ୍ରିକ୍ ଟନ୍ ରହିବ। ଏହାଠାରୁ ଯଦି ପଞ୍ଜିକୃତ ଚାଷୀଙ୍କଠାରୁ ମଣ୍ଡିକୁ ଅଧିକ ଧାନ ଆସେ ତେବେ ତାହା ମଧ୍ୟ ରାଜ୍ୟ ସରକାର ତାହା କ୍ରୟ କରିବେ ବୋଲି ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୨୮ ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକ ପରେ ଗଣମାଧ୍ୟମକୁ ସୂଚନାଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ବିଭିନ୍ନ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇଛନ୍ତି।

ମୁଖ୍ୟସଚିବ କହିଛନ୍ତି ଯେ କ୍ୟାବିନେଟ୍ ବୈଠକରେ ମୋଟ ୧୦ ଟି ବିଭାଗର ୧୫ ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଆସନ୍ତା ଚଳିତ ବର୍ଷ ନଭେମ୍ବର ମାସରୁ ଖରିଫ ଧାନ ସଂଗ୍ରହ କରାଯିବ ଓ ରବି ଧାନ ମେ ୨୦୨୬ରୁ ସଂଗ୍ରହ କରାଯିବ ଓ କେବଳ ପଞ୍ଜିକୃତ ଚାଷୀଙ୍କଠାରୁ ସେମାନଙ୍କ ବଳକା ଧାନ କ୍ରୟ ହେବ। କ୍ୟାବିନେଟ୍ ବୈଠକରେ 'ଓଡ଼ିଶା ଜନ ବିଶ୍ୱାସ' ଅଧ୍ୟାଦେଶକୁ ଅନୁମୋଦନ ମିଳିଛି। ଏହି ଅଧ୍ୟାଦେଶ ବଳରେ ୯ ଟି ବିଭାଗର ୧୬ ରାଜ୍ୟ ଆଇନକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଥିରେ ପୂର୍ବ ବ୍ୟବସ୍ଥାକୁ ବଦଳାଇ ଭିନ୍ନ ଭିନ୍ନ ଅର୍ଥ ଦଣ୍ଡ ବ୍ୟବସ୍ଥା କରାଯାଇଛି। ଏହା ସହିତ ପ୍ରକ୍ରିୟାଗତ ତ୍ରୁଟି ପାଇଁ ଦଣ୍ଡର ସୀମା କମ୍ କରିବା ସହ ଅଣ-ଗୁରୁତର ମାମଲାରେ କାରାଦଣ୍ଡକୁ ଦୂର କରାଯିବାକୁ ନିଷ୍ପତ୍ତି ହୋଇଛି।

ସେହିପରି ଜଳସମ୍ପଦ ବିଭାଗର ଅନେକ ନିଷ୍ପତ୍ତିକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏଥିରେ ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାକୁ ୨୦୨୫-୩୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଥିପାଇଁ ୧୪୩୭ କୋଟି ଟଙ୍କାର ବ୍ୟୟବରାଦ ହୋଇଛି ଓ ୧,୨୩,୪୮୮ ହେକ୍ଟର ଚାଷ ଜମିକୁ ଜଳସେଚନ କରିବା ଲକ୍ଷ୍ୟ ରହିଛି। ସେହିପରି ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣ ପାଇଁ ୧୯,୯୪୧ କୋଟି ମଞ୍ଜୁର କରାଯାଇଥିବା ବେଳେ ଆନ୍ତଃରାଜ୍ୟ ନଦୀ ସଂଯୋଗୀକରଣ ଯୋଜନା ପାଇଁ ୧୭୯୦ କୋଟି ମଞ୍ଜୁର ହୋଇଛି। ରାଜ୍ୟରେ ପରିମଳ ବ୍ୟବସ୍ଥାକୁ ସୁଧାରିବାକୁ ସ୍ୱଚ୍ଛ ଓଡ଼ିଶା ଯୋଜନା ପାଇଁ ୧୬୦୦ କୋଟି ଟଙ୍କାର ଅନୁମୋଦନ ଦିଆଯାଇଛି। ୨୦୨୫-୨୬ରୁ ୨୦୨୯-୩୦ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯିବ। ଏହି ଯୋଜନାରେ ବର୍ଜ୍ୟବସ୍ତୁ ପରିଚାଳନା, ବର୍ଜ୍ୟଜଳ ପରିଚାଳନା, ସହରାଞ୍ଚଳ ସେପ୍ଟେଜ ସିଷ୍ଟମ୍ ଭଳି କାର୍ଯ୍ୟକ୍ରମ ହାତକୁ ନିଆଯିବ। ସମସ୍ତ ସହରାଞ୍ଚଳକୁ ବର୍ଜ୍ୟମୁକ୍ତ, ସ୍ୱଚ୍ଛ ରଖିବା ସହ ପୌରାଞ୍ଚଳ ଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇ ଦେବା ସ୍ୱଚ୍ଛ ଓଡ଼ିଶା ଯୋଜାନାର ଲକ୍ଷ୍ୟ ରହିଛି। ଏହା ବ୍ୟତୀତ ଓଡ଼ିଶା ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ ନିୟମ ୨୦୨୫କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ସେହିପରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ ମିଳିବା ନିଷ୍ପତ୍ତିକୁ ମଧ୍ୟ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ଅଧ୍ୟାଦେଶ ଓ କାରଖାନା (ଓଡ଼ିଶା ସଂଶୋଧନ) ଅଧ୍ୟାଦେଶକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଏହି ଆଇନ ଦ୍ୱାରା ମହିଳାମାନେ ସମସ୍ତ ପ୍ରକାର କାମ ପାଇଁ ସମସ୍ତ ପ୍ରକାର କାରଖାନାରେ ନିଯୁକ୍ତି ପାଇପାରିବେ। ସେମାନଙ୍କୁ ସକାଳ ୬ଟାରୁ ସନ୍ଧ୍ୟା ୭ ଟା ପରେ ଲିଖିତ ସମ୍ମତି ସହିତ କାର୍ଯ୍ୟ କରିପାରିବେ।

### ଆଇଏଏସ୍ ସ୍ତରରେ ଅଦଳବଦଳ

# ଚଞ୍ଚଳ ରାଣାଙ୍କୁ ବିଡିଏ ଓ ସ୍ମାର୍ଟସିଟିର ଅତିରିକ୍ତ ଦାୟିତ୍ୱ

- ୩ ବରିଷ୍ଠ ଆଇଏଏସଙ୍କୁ ଦାୟିତ୍ୱମୁକ୍ତ କଲେ ସରକାର
- ହଟିଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ
- ଏନ୍ ଥିରୁମାଳା ନାଏକ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ନିଯୁକ୍ତ

ଭୁବନେଶ୍ୱର,୧୦।୧୦(ସମିସ): ଆଇଏଏସ୍ ସ୍ତରରେ ରାଜ୍ୟ ସରକାର ଏକ ବଡ଼ ଅଦଳବଦଳ କରିଛନ୍ତି। ଏହି ଅଦଳବଦଳରେ ୩ ଜଣ ବରିଷ୍ଠ ଆଇଏଏସ୍ ଅଫିସର କେନ୍ଦ୍ରୀୟ ଡେପୁଟେସନରେ ଯିବାପରେ ଖାଲି ପଡ଼ିଥିବା ତାଙ୍କ ପଦବୀରେ ଅନ୍ୟ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଛି। ଏହାସହ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ତଥା ବରିଷ୍ଠ ଓଏଏସ୍ ଅଫିସର କାହ୍ନୁଚରଣ ଧୀରଙ୍କୁ ତାଙ୍କ ପଦରୁ ବଦଳି କରାଯାଇଛି।

ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ୨୦୦୧ ବ୍ୟାଚ୍ ଆଇଏଏସ୍ ଶାଳିନୀ ପଣ୍ଡିତ, ୨୦୧୧ ବ୍ୟାଚ୍ ଆଇଏଏସ୍ ସମର୍ଥ ବର୍ମା ଓ ୨୦୧୪ ବ୍ୟାଚ୍ ଆଇଏଏସ୍ ସ୍ୱଧା ଦେବ ସିଂହ କେନ୍ଦ୍ରୀୟ ଡେପୁଟେସନରେ ଯାଇ ସାରିଥିବାରୁ ରାଜ୍ୟ ସରକାର ଏହି ୩ ଜଣ ଅଫିସରଙ୍କୁ ଚଳିତମାସ ୧୩ ତାରିଖ ଅପରାହ୍ନରୁ ଦାୟିତ୍ୱମୁକ୍ତ କରିଛନ୍ତି। ଅନ୍ୟପଟେ ବିଏମ୍‌ସି କମିସନର ଚଞ୍ଚଳ କୁମାର ରାଣାଙ୍କୁ ଅତିରିକ୍ତ ଭାବେ ବିଡିଏ ଉପାଧ୍ୟକ୍ଷ ସହ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗ ସଚିବ ୨୦୦୨ ବ୍ୟାଚ୍ ଆଇଏଏସ୍ ଏସଏନ୍ ଗିରୀଶଙ୍କୁ ମିଶନ ଶକ୍ତି ବିଭାଗର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ସେହିପରି ବିଡିଏ ଉପାଧ୍ୟକ୍ଷ ୨୦୦୯ ବ୍ୟାଚ୍ ଆଇଏଏସ୍ ଏନ୍ ଥିରୁମାଳା ନାଏକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବ ଭାବେ ବଦଳି କରାଯାଇଛି। ୨୦୧୦ ବ୍ୟାଚ୍ ଆଇଏଏସ୍ ମାନସୀ ନିମ୍ଭଲଙ୍କୁ ଓଡ଼ିଶା ଉଠାଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସହ ଜଳସମ୍ପଦ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ମାନସୀ ଏବେ ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ୨୦୧୨ ବ୍ୟାଚ୍ ଆଇଏଏସ୍ ସୁରେନ୍ଦ୍ର କୁମାର ମୀନାଙ୍କୁ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ବଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀ ମୀନା ଏବେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ସମେତ ଏସ୍‌ଆଇଆରଡି ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି।


ସେହିପରି ୨୦୧୪ ବ୍ୟାଚ୍ ଆଇଏଏସ୍ ତଥା ବୟନିକାର ପରିଚାଳନା ନିର୍ଦ୍ଦେଶକ ପ୍ରଣତି ଛୋଟରାୟଙ୍କୁ ଗୃହ ବିଭାଗର ଅତିରକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ୨୦୧୪ ବ୍ୟାଚ୍ ଆଇଏଏସ୍ ଦୀପଙ୍କର ମହାପାତ୍ରଙ୍କୁ ଓଡ଼ିଶା ପର୍ଯ୍ୟଟନ ନିର୍ଦ୍ଦେଶକ ଭାବେ ନିଯୁକ୍ତି ମିଳିଛି। ତାଙ୍କୁ ଓଡ଼ିଶା ପର୍ଯ୍ୟଟନ ବିକାଶ ନିଗମ(ଓଟିଡିସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ମହାପାତ୍ର ଏବେ ହକି ପ୍ରମୋସନ କାଉନସିଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି। ଗୃହ ବିଭାଗର ଅତିରିକ୍ତ ସଚିବ ଥିବା ୨୦୧୫ ବ୍ୟାଚ୍ ଆଇଏଏସ୍ ନିବେଦିତା ପୃଷ୍ଟିଙ୍କୁ ବୟନିକା ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ସେ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ଏସ୍‌ଟି ଏସ୍‌ସି ବିଭାଗର ଅତିରିକ୍ତ ସଚିବ ପ୍ରେମଜିତ ନାୟକଙ୍କୁ ଅନୁସୂଚୀତ ଜନଜାତି ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

ସେହିପରି ୨୦୧୫ ବ୍ୟାଚ୍ ଆଇଏଏସ୍ ମଧୁସ୍ମିତା ସାମଲଙ୍କୁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଶ୍ରୀମତୀ ସାମଲ ଏବେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ସଚିବ ଭାବେ କାର୍ଯ୍ୟରତ ଅଛନ୍ତି। ୨୦୧୫ ବ୍ୟାଚ୍ ଆଇଏଏସ୍ ସଞ୍ଜୟ କୁମାର ବିଶ୍ୱାଳଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଭାବେ ନିଯୁକ୍ତି ମିଳିଛି। ସେହିପରି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବ୍ୟକ୍ତିଗତ ସଚିବ ବରିଷ୍ଠ ଓଏଏସ୍ କାହ୍ନୁଚରଣ ଧୀର୍‌ଙ୍କୁ ମାଇନର ମିନେରାଲସ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି।

### ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ଘଟଣା

# ପୁରୁଣା ଅପରାଧୀଙ୍କ ଫାଇଲ ଓଲଟାଉଛି ପୁଲିସ

- ସ୍କାନର୍‌ରେ ସାର୍ପ ସୁଟର୍
- ଆସିଲା ବ୍ୟବଚ୍ଛେଦ ଓ ସାଇଣ୍ଟିଫିକ ରିପୋର୍ଟ
- ବାଲିଷ୍ଟିକ ରିପୋର୍ଟକୁ ଅପେକ୍ଷା
- ୫ଦିନ ପରେ ବି ସ୍ପଷ୍ଟ ହେଉନି କାରଣ
- ସନ୍ଦେହରେ ୫-୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ପଚରାଉଚରା
- ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଟକ ଓ ଦାମୀ ଗାଡ଼ି ଜବତ: ଏସ୍‌ପି



ବ୍ରହ୍ମପୁର, ୧୦।୧୦ (ସମିସ): ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକୁ ଇତିମଧ୍ୟରେ ୫ ଦିନ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ପୁଲିସ କାହାରିକୁ ଗିରଫ କରିପାରିନାହିଁ। ସେହିପରି, କେଉଁ କାରଣରୁ ତାଙ୍କୁ ହତ୍ୟା କରାଯାଇଛି, ତାହାର ମଧ୍ୟ ରହସ୍ୟ ପୁଲିସ ଭେଦି ପାରିନାହିଁ। ହତ୍ୟାକାଣ୍ଡ ପଛରେ ଏକାଧିକ କାରଣ ଥିବା ନେଇ ଆଲୋଚନା ପରେ ପୁଲିସର ଦ୍ୱନ୍ଦ୍ୱ ବଢ଼ିଯାଇଛି। କେଉଁ ଦିଗକୁ ଧରିବ, କାହାକୁ ଛାଡ଼ିବ; ବର୍ତ୍ତମାନ ସ୍ଥିତିରେ ପୁଲିସ ପାଇଁ ତାହା ବଡ଼ ଚ୍ୟାଲେଞ୍ଜ ହୋଇଛି। ତେବେ ଏପରି ଦୋଦୁଲ୍ୟମାନ ସ୍ଥିତିରେ ପୁଲିସ୍ ଏବେ ଦାଗୀ ଅପରାଧୀଙ୍କ ଫାଇଲ ଓଲଟାଇବା ଆରମ୍ଭ କରିଛି। ବିଶେଷକରି, ପୁଲିସ୍ ସାର୍ପ-ସୁଟର୍‌ଙ୍କ ତାଲିକା ବାହାର କରୁଛି। ଏହି ହତ୍ୟାକାଣ୍ଡରେ ସାର୍ପସୁଟର୍ ସୁପାରି କିଲର୍‌ଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଆତତାୟୀଙ୍କ ଗୁଳି କରିବାର ତରିକାରୁ ପୁଲିସର ଏପରି ସନ୍ଦେହ ହୋଇଛି। ତେଣୁ, ଜିଲ୍ଲାରେ ପୂର୍ବରୁ ସଂଘଟିତ ବିଭିନ୍ନ ଗୁଳିକାଣ୍ଡ ଘଟଣାରେ ନିୟୋଜିତ ସାର୍ପସୁଟର୍‌ଙ୍କ ତାଲିକା ବାହାର କରୁଛି। ପୂର୍ବରୁ କେଉଁକେଉଁ ମାମଲାରେ ସୁପାରି କିଲରଙ୍କୁ ନିୟୋଜିତ କରାଯାଇଥିଲା ଏବଂ ସେମାନଙ୍କୁ କେଉଁଠାରୁ ଆମଦାନୀ କରାଯାଇଥିଲା, ସେମାନଙ୍କ କୁଣ୍ଡଳୀ ଖୋଜୁଛି ପୁଲିସ।

ଅପରପକ୍ଷେ, ପୀତବାସଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆଜି ପୁଲିସର ହସ୍ତଗତ ହୋଇଛି। ପୀତବାସଙ୍କୁ ଅନ୍ୟୂନ ୨ରୁ ୨.୫ମିଟର ଦୂରରୁ ଗୁଳିମାଡ଼ ହୋଇଥିଲା। ଗୁଳିମାଡ଼ ପରେ ତାଙ୍କ ଶରୀରରୁ ପ୍ରାୟ ୪ଲିଟର ରକ୍ତସ୍ରାବ ହୋଇଥିଲା। ପ୍ରଚୁର ରକ୍ତସ୍ରାବ ଓ ଛାନିଆ ଯୋଗୁଁ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ଥିବା ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦୁର୍ବୃତ୍ତମାନଙ୍କ ଗୁଳି ଛାତିରେ ସିଧା ନବାଜି ସାମାନ୍ୟ ବଙ୍କା ହୋଇ ବାଜିଥିଲା। ଫଳରେ ଗୁଳିଟି ଶରୀରର ଅନେକ ଶିରାପ୍ରଶିରାକୁ ଭେଦ କରି ମେରୁଦଣ୍ଡ ନିକଟରେ ଲାଖି ରହିଥିଲା। ଗୁଳିଟିକୁ ବାହାର କରିବାକୁ ପ୍ରାୟ ଦେଢ଼ଘଣ୍ଟା ସମୟ ଲାଗିଥିଲା। ଏଭଳି ପୂର୍ବରୁ ଅନ୍ୟ କେଉଁ ମାମଲାରେ ଦେଖାଯାଇନଥିବା କହିଛନ୍ତି ଏମ୍‌କେସିଜି ମେଡିକାଲର ଏଫଏମ୍‌ଟି ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ସୁଦୀପା ଦାସ। ସାଇଣ୍ଟିଫିକ ରିପୋର୍ଟ ମଧ୍ୟ ପୁଲିସର ହସ୍ତଗତ ହୋଇଛି। ତେବେ ପୁଲିସ ଜବତ ଖୋଖା ଓ ଶରୀରରୁ ଉଦ୍ଧାର କରାଯାଇଥିବା ଗୁଳିର ବାଲାଷ୍ଟିକ୍ ରିପୋର୍ଟକୁ ଅପେକ୍ଷା କରିଛି। ରିପୋର୍ଟରୁ ତାହା କି' ପ୍ରକାରର ଗୁଳି ଓ କେଉଁ କିସମର ବନ୍ଧୁକରେ ବ୍ୟବହାର ହୋଇଥିଲା, ତାହା ଜଣାପଡ଼ିବ।

ଅପରପକ୍ଷେ, ସହରର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ସ୍ଥାନରୁ ସଂଗୃହୀତ ସିସିଟିଭି ଫୁଟେଜ ଆଧାରରେ ୫-୫ରୁ ଅଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ପଚରାଉଚରା କରିଛି ପୁଲିସ। ସେପଟେ ଦାମୀ ଗାଡ଼ି ସହ ୬ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା ଜାରି ରହିଥିବା କହିଛନ୍ତି ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ। ସେଥିମଧ୍ୟରେ ଜଣେ ଏସ୍‌ଓଜି କମାଣ୍ଡୋ ଓ ଅନ୍ୟ ଜଣେ ସିଆଇଏସଏଫ ଯବାନ ରହିଛନ୍ତି। ଅପରାଧୀଙ୍କୁ ଧରିବା ପୁଲିସ ପାଇଁ ମୁଣ୍ଡବ୍ୟଥାର କାରଣ ସାଜିଛି। ରହସ୍ୟ ଉନ୍ମୋଚନ ପାଇଁ ବଛାବଛା ଅଧିକାରୀଙ୍କୁ ନେଇ ଗଠିତ ୬ଟି ସ୍ୱତନ୍ତ୍ର ଟିମ୍ ପକ୍ଷରୁ ଗଞ୍ଜାମ ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗୋଟିଏ ଟିମ୍ ପୁରୀ ଯାଇଥିବା ବେଳେ ଅନ୍ୟ ଟିମ୍ ଖଲ୍ଲିକୋଟ, କବିସୂର୍ଯ୍ୟନଗର ଓ ପୋଲସରାରେ ଡେରା ପକାଇଛନ୍ତି। ଏପରିକି ବିଭିନ୍ନ ସ୍ଥାନରୁ ଏକାଧିକ ବ୍ୟକ୍ତିଙ୍କୁ ସନ୍ଦେହରେ ଉଠାଯାଇଥିବା ମଧ୍ୟ ଜଣାପଡ଼ିଛି।

## ହତ୍ୟା ପୂର୍ବରୁ ପିଛା କରିଥିଲେ ଅପରାଧୀ

ପୀତବାସଙ୍କ ହତ୍ୟାକାଣ୍ଡରେ ଏକାଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ସନ୍ଦେହ କରାଯାଉଛି। ହତ୍ୟା ପୂର୍ବରୁ ତାଙ୍କୁ ପିଛା କରାଯାଇଥିଲା ଏବଂ ଅତ୍ୟନ୍ତ ଯୋଜନାବଦ୍ଧ ଭାବେ ହତ୍ୟାକାଣ୍ଡକୁ ରୂପ ଦିଆଯାଇଛି ବୋଲି ଏସପି କହିଛନ୍ତି। ଏହି ମାମଲାରେ ପୁଲିସ ବର୍ତ୍ତମାନ ୬ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଥିବା ବେଳେ ଅଟକଙ୍କ ମଧ୍ୟରେ ଦୁଇଜଣ ଯବାନ ଓ ଦାମୀ ଗାଡ଼ିକୁ ମଧ୍ୟ ଜବତ କରାଯାଇଥିବା ଏସପି ସ୍ୱୀକାର କରିଛନ୍ତି।

## ପୀତବାସଙ୍କୁ ବିଜେପିର ଅଣଦେଖା!

ପୀତବାସ ପଣ୍ଡା ବିଜେପିର ଜଣେ ଆଗଧାଡିର ନେତା ଭାବେ ଗଞ୍ଜାମ ଜିଲ୍ଲାରେ ବେଶ ପରିଚିତ। ଗତ ସାଧାରଣ ନିର୍ବାଚନ ବେଳେ ସେ କଂଗ୍ରେସ ଛାଡ଼ି ବିଜେପିରେ ସାମିଲ ହୋଇଥିଲେ ହେଁ ଖୁବ୍ କମ୍ ଦିନରେ ଗୋପାଳପୁର ବିଧାୟକ ତଥା ଖଣିମନ୍ତ୍ରୀ ବିଭୂତି ଜେନାଙ୍କ ଅତ୍ୟନ୍ତ ଘନିଷ୍ଠ ଓ ନିକଟତର ହୋଇପାରିଥିଲେ। ପୀତବାସଙ୍କୁ ଗୁଳି କରାଯାଇଥିବା ଖବର ପାଇ ମନ୍ତ୍ରୀ ଶ୍ରୀ ଜେନା ମେଡିକାଲରେ ପହଞ୍ଚିବା ସହ ଅନ୍ତ୍ୟେଷ୍ଟିକ୍ରିୟା ପର୍ଯ୍ୟନ୍ତ ସାଙ୍ଗରେ ରହିଥିଲେ। ଏପରିକି, ସେହିଦିନ ବିଳମ୍ବିତ ରାତିରେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ସମେତ ଜିଲ୍ଲାର ଅନ୍ୟ ବିଧାୟକମାନେ ମଧ୍ୟ ଉପସ୍ଥିତ ଥିଲେ। ସମସ୍ତେ ଗଣମାଧ୍ୟମରେ ଶୋକବ୍ୟକ୍ତ ମଧ୍ୟ କରିଥିଲେ। ତେବେ ଘଟଣାକୁ ଇତି ମଧ୍ୟରେ ୫ଦିନ ବିତିଯାଇଥିଲେ ହେଁ ଦଳର ଜଣେ ନେତାଙ୍କୁ ହରାଇଥିବା ବିଜେପି ପକ୍ଷରୁ ଶୋକ ସଭାଟିଏ ଆୟୋଜନ କରାନଯିବା ଘଟଣାକୁ ନେଇ ସମଗ୍ର ଜିଲ୍ଲାରେ ସବୁଠି ଚର୍ଚ୍ଚା ଜୋର୍ ଧରିଛି। ଆଇନଜୀବୀଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳାନ ସହ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ଶୋକସଭାର ଆୟୋଜନ କରାଯାଇଛି। ହେଲେ ପୀତବାସଙ୍କ ନିଜ ଦଳ ବିଜେପି ତାଙ୍କୁ ସ୍ୱଳ୍ପ ଦିନରେ ଅଣଦେଖା କରିଦେଇଥିବା ନେଇ ସାଧାରଣରେ ଆଲୋଚନା ହେଉଛି।

# ୧୪ ସୁଦ୍ଧା ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ



ଭୁବନେଶ୍ୱର,୧୦।୧୦(ସମିସ): ଆସନ୍ତା ୩-୪ ଦିନ ମଧ୍ୟରେ ରାଜ୍ୟରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ ହେବ। ଦେଶର ବିଭିନ୍ନ ସ୍ଥାନ ସମେତ ଓଡ଼ିଶାର କିଛି ଅଞ୍ଚରୁ ମୌସୁମୀ ଅପସାରାଣ ପାଇଁ ପାଗ ଅନୁକୂଳ ରହିଛି। ତେଣୁ ରାଜ୍ୟରୁ ମୌସୁମୀ ବିଦାୟ ନେଇ ଆଇଏମ୍‌ଡି ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ରାଜ୍ୟରେ କିଛି କିଛି ଅଞ୍ଚଳରେ କାଁ ଭାଁ ବର୍ଷା ଛାଡ଼ି ଦେଲେ ବାକି ଅଞ୍ଚଳରେ ପାଗ ମୁଖ୍ୟତଃ ଶୁଖିଲା ରହିବାର ସମ୍ଭାବନା ରହିଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଆସନ୍ତା ସପ୍ତାହେ ପର୍ଯ୍ୟନ୍ତ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ଓ ଖରାଟିଆ ରହିବ। ତେବେ ୧୩ ଓ ୧୪ରେ ସମୁଦ୍ର ସଂଲଗ୍ନ ଜିଲ୍ଲାରେ ହାଲୁକାରୁ ସ୍ୱଳ୍ପ ବର୍ଷା ହୋଇପାରେ। ୧୫ ତାରିଖରୁ ରାତିର ତାପମାତ୍ରା କ୍ରମଶଃ କମିବା ସହ ୧୭ ତାରିଖ ସୁଦ୍ଧା କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ତାପମାତ୍ରା ପ୍ରାୟ ୨-୩ ଡିଗ୍ରୀ କମିପାରେ। କନ୍ଧମାଳ, କୋରାପୁଟ, ଗଜପତି, ମୟୂରଭଞ୍ଜ ଓ କେନ୍ଦୁଝରରେ ତାପମାତ୍ରା ସବୁଠାରୁ କମ୍ ରହିବ। ଏହି ସ୍ଥାନମାନଙ୍କରେ ସର୍ବନିମ୍ନ ତାପମାତ୍ରା ୨-୩ ଡିଗ୍ରୀ କମିବା ହେତୁ ଶିଶିରପାତ ସହ କୁହୁଡ଼ି ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ଦକ୍ଷିଣ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ସମୁଦ୍ରରେ ୫ ଦିନରୁ ଅଧିକ ରହିବାରୁ ଘନୀଭୂତ ହେବାର ସମ୍ଭାବନା ରହିଛି। ତେବେ ଏହା କେତେ ଘନୀଭୂତ ହେବ ଓ କେଉଁ ଆଡ଼କୁ ଗତି କରିବ ଆଗକୁ ସ୍ପଷ୍ଟ ହେବ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଅନ୍ୟପଟେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପରିବର୍ତ୍ତନ ହୋଇ ଉତ୍ତର-ପୂର୍ବ ବାୟୁ ଉପକୂଳରେ ହେବ, ଯାହାକି ପ୍ରତ୍ୟାବର୍ତ୍ତନ ମୌସୁମୀକୁ ସୁଚାଉଛି। ବିଭିନ୍ନ ମଡେଲ୍ ଓ ପାଣିପାଗ ସଂସ୍ଥାର ସୂଚନା ଅନୁଯାୟୀ ବର୍ତ୍ତମାନ ଲା-ନିନା ସ୍ଥିତି ସୃଷ୍ଟି ହୋଇ ସାରିଛି। ଜାନୁଆରୀ ୨୦୨୬ ପର୍ଯ୍ୟନ୍ତ ଅର୍ଥାତ ସ୍ୱଳ୍ପ ଅବଧି ପାଇଁ ଏହା ରହିପାରେ। ଲା-ନିନା ବର୍ଷରେ ଅନେକ ସମୟରେ ଅତ୍ୟଧିକ ବର୍ଷା ଓ ଶୀତ ହେବାର ନଜୀର ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଏହି ସମୟରେ ବାଲେଶ୍ୱରରେ ୧୧.୭ ମିମି ବର୍ଷା ରେକର୍ଡ ହୋଇଛି।

### ପୁଲିସ ଏସ୍‌ଆଇ ଚାକିରି ବେପାର

# ବିଜେପି ପ୍ରଭାରୀଙ୍କ ଆଡ଼କୁ କଂଗ୍ରେସର ଅଙ୍ଗୁଳି ନିର୍ଦ୍ଦେଶ



## ପ୍ରଭାବଶାଳୀ ଅତୁଲ ପ୍ରଭାକରଙ୍କ ଭୂମିକା ବି ସନ୍ଦେହରେ

ଭୁବନେଶ୍ୱର,୧୦।୧୦(ସମିସ): ରାଜ୍ୟରେ ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ବଡ଼ ମୁଣ୍ଡଙ୍କୁ ଯୋଡ଼ିଛି ରାଜ୍ୟ କଂଗ୍ରେସ। ଏହି କେଳେଙ୍କାରୀରେ ବିଜେପିର କେନ୍ଦ୍ରୀୟ ନେତୃତ୍ୱଙ୍କ ମଧ୍ୟ ସମ୍ପୃକ୍ତି ରହିଛି ବୋଲି କଂଗ୍ରେସ କହିଛି। ବିଜେପିର ଏହି କେନ୍ଦ୍ରୀୟ ନେତୃତ୍ୱ ତାଙ୍କର ଜଣେ ଅତ୍ୟନ୍ତ ଅନୁଗାମୀଙ୍କ ଜରିଆରେ ଏହି କେଳେଙ୍କାରୀରେ ସାମିଲ ଥିବା କଂଗ୍ରେସ ଅଭିଯୋଗ କରିଛି।

ଦଳ ପକ୍ଷରୁ ଶୁକ୍ରବାର କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି ଯେ ଓପିଆରବିର ବରିଷ୍ଠ ପୁଲିସ ଅଧିକାରୀ, ରାଜ୍ୟ ସରକାରଙ୍କର ବରିଷ୍ଠ ମନ୍ତ୍ରୀ ଓ ନେତୃବୃନ୍ଦଙ୍କ ବିନା ଅଗୋଚରରେ ଏହି କେଳେଙ୍କାରୀ ହୋଇପାରିବ ନାହିଁ। ବିଜେପି ନେତାଙ୍କ ସହ ଏହି କେଳେଙ୍କାରୀର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିର ଘନିଷ୍ଠ ସମ୍ପର୍କ ରହିଥିଲା। ଏହାସହିତ ଅତୁଲ ପ୍ରଭାକର ନାମକ ଜଣେ ବ୍ୟକ୍ତି ମଧ୍ୟ ଉଭୟ ବିଜେପି ନେତା ଓ ଶଙ୍କର ପୃଷ୍ଟିଙ୍କ ସହ ଘନିଷ୍ଠ ଥିଲେ। ଏହି ଅତୁଲ ପ୍ରଭାକର କିଏ ? ସେ ଶଙ୍କର ପୃଷ୍ଟିଙ୍କୁ କିଭଳି ଜାଣିଲେ? ଅତୁଲ ପ୍ରଭାକରଙ୍କ ସହ ରାଜ୍ୟ ବିଜେପି ପ୍ରଭାରୀ ବିଜୟପାଲ୍ ସିଂ ତୋମାରଙ୍କ କି ସମ୍ପର୍କ ଅଛି ବୋଲି କଂଗ୍ରେସ ପ୍ରଶ୍ନ କରିଛି। ରଜନୀ ମହାନ୍ତି କହିଛନ୍ତି ଯେ ଅତୁଲ ପ୍ରଭାକର ମହାରାଷ୍ଟ୍ରର ଅଧିବାସୀ। ମାତ୍ର ତାଙ୍କର ଓଡ଼ିଶାରେ କି କାର୍ଯ୍ୟ? ଭୁବନେଶ୍ୱରରେ ସେ ମାସ ମାସ ଧରି ରହୁଛନ୍ତି କାହିଁକି? ଶଙ୍କର ପୃଷ୍ଟିଙ୍କ ସହ ତାଙ୍କର ନିବିଡ ସମ୍ପର୍କ କେବେ ଠୁଁ ରହିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ ପୁଲିସ ଚାକିରି ବିକ୍ରି ରାକେଟକୁ ଶଙ୍କର ପୃଷ୍ଟି ସହିତ ଅତୁଲ ପ୍ରଭାକର ଚଳାଉଛନ୍ତି ବୋଲି କଂଗ୍ରେସ ସନ୍ଦେହ କରିଛି।

ଦଳ ପକ୍ଷରୁ ଆହୁରି କୁହାଯାଇଛି ଯେ ଏସଆଇ ନିଯୁକ୍ତି ପରୀକ୍ଷାର ମହାଦୁର୍ନୀତିର ଚେର ପଞ୍ଚସପ୍ଟ ମାଲିକ ଶଙ୍କର ପୃଷ୍ଟି ଓ ଆଜି ପର୍ଯ୍ୟନ୍ତ ଗିରଫ ହୋଇଥିବା ମଧ୍ୟସ୍ଥ ଏବଂ ପରୀକ୍ଷାର୍ଥୀଙ୍କ ଭିତରେ ସୀମିତ ନାହିଁ। ଯେଉଁମାନେ ବିଜେପିର ଓଡ଼ିଶା ଦାୟିତ୍ୱରେ ରହିଛନ୍ତି, ସେମାନଙ୍କ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଛି। ଓଡ଼ିଆ ଅସ୍ମିତାର ଦ୍ୱାହି ଦେଇ ପ୍ରଥମ ଥର ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ୧୫ ମାସ ଭିତରେ ୧୬ଟି ନିଯୁକ୍ତିଭିତ୍ତିକ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍‌ଠାରୁ ଆରମ୍ଭ କରି ଚାକିରି ଦେବା ପାଇଁ ଅର୍ଥ ଆଦାୟର ଅଭିଯୋଗ ହେବା ପରେ ଏହାକୁ ବାତିଲ କରାଯାଇଛି। ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ ରାଜ୍ୟରେ ଖାଲିପଡ଼ିଥିବା ୯୩୩ ପଦବୀ ପୂରଣ କରିବା ପାଇଁ ଲିଖିତ ପରୀକ୍ଷା କରିବା ପାଇଁ କେନ୍ଦ୍ର ସରକାରଙ୍କ ଆଇଟିଆଇ ସଂସ୍ଥା ସହିତ ଚୁକ୍ତିନାମା କରିଥିଲେ। ଉକ୍ତ ଚୁକ୍ତିନାମାରେ ସର୍ତ୍ତାବଳୀ ଅନୁସାରେ ଆଇଟିଆଇ ସଂସ୍ଥା ପରୀକ୍ଷା ପରିଚାଳନା କରିବା ପାଇଁ ଅନ୍ୟ କୌଣସି ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବେ। ସେହି ଅନୁସାରେ ସିଲିକନ ଟେକ୍ ଲାବକୁ ଆଇଟିଆଇ ସଂସ୍ଥା ସବ୍ କଣ୍ଟ୍ରାକ୍ଟ ଦେଇଥିଲା। କିନ୍ତୁ ସବ୍ କଣ୍ଟ୍ରାକ୍ଟ ପାଇଥିବା ସଂସ୍ଥା ଅନ୍ୟ ଏକ ସଂସ୍ଥାକୁ ସବ୍ କଣ୍ଟ୍ରାକ୍ଟ ଦେଇପାରିବ ନାହିଁ। କିଭଳି ଭାବରେ ସମସ୍ତ ନିୟମକୁ ଉଲଂଘନ କରି ପଞ୍ଚସପ୍ଟକୁ ପରୀକ୍ଷା କରିବାକୁ ଦିଆଗଲା ବୋଲି କଂଗ୍ରେସ ପ୍ରଶ୍ନ କରିଛି।

● ମା'ଗଜଲକ୍ଷ୍ମୀଙ୍କ ପୂଜାର ପଞ୍ଚମ ଦିନ

## ଯୋଗଦେଲେ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ



ଛତ୍ରପୁର, ୧୦ ।୧୦(ସମିସ): ସ୍ଥାନୀୟ ଲୋୟାର ବସଷ୍ଟାଣ୍ଡ ସ୍ଥିତ ଲକ୍ଷ୍ମୀ ବଜାର ମାର୍କେଟ କମ୍ପ୍ଲେକ୍ସରେ ମା ଗଜଲକ୍ଷ୍ମୀଙ୍କ ପୂଜା ଶୁକ୍ରବାର ପଞ୍ଚମ ଦିନରେ ପହଞ୍ଚିଛି । ମା'ଙ୍କ ସନ୍ଧ୍ୟା ଆଳତୀ ଦର୍ଶନ ଲାଗି ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦେବଦତ୍ତ ପଣ୍ଡା ଓ ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଯୋଗଦେଇଥିଲେ । ଏହି ଅବସରରେ ଅତିରିକ୍ତ ତହସିଲଦାର ମନୋଜ କୁମାର ପ୍ରଧାନ, ଛତ୍ରପୁର ବିଡିଓ ସମ୍ବିତ୍ ସଂଗ୍ରାମଜିତ୍ ଓ ଏନ. ରବି କୁମାର ପ୍ରଧାନ, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢ଼ୀ ଓ ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି ଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମାଇଥିଲେ । କାର୍ଯ୍ୟକ୍ରମକୁ ପୂଜା କମିଟି ଉପଦେଷ୍ଟା ଦୀପକ କୁମାର ମୁଦୁଲି, ମୁଖ୍ୟ କର୍ତ୍ତା ଭାବେ ଏସ. ପ୍ରବୀଣ କୁମାର ଓ ସରୋଜ କୁମାର ପାଢ଼ୀ, ସଭାପତି ବସନ୍ତ କୁମାର ମହାରଣା, ଉପ ସଭାପତି ମନୋଜ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ଅତୁଲ କୁମାର ଦାଶ, ଆରତ ବିଶ୍ୱାଳ, ଲିପୁନ ବିଶ୍ୱାଳ, କେ. କମଲାଙ୍କର, କେଞ୍ଚୁ ପୁରୋହିତ, ସୁରେନ୍ଦ୍ର ବେହେରା, ବାବୁ ବେହେରା, ଅଖିଳ ପାଣିଗ୍ରାହୀ, ଶିକ୍ଷକ ନେତା ରବିନାରାୟଣ ବେହେରା, କ୍ରୀଡ଼ାବିତ ଭି. ରମେଶ, ଛତ୍ରପୁର ପ୍ରେସ କ୍ଲବର ସଭାପତି ସରୋଜ କୁମାର ସାମଲ ,ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ସାହୁ, ପ୍ରଶାନ୍ତ କୁମାର ମହାରଣା, କେ ଶ୍ରୀନିବାସ ଦୋରା, ମୁନା ସାମଲ, ଗୌରହରି ସାମଲ, ଗୌରୀଶଙ୍କର ରଥ, ସନ୍ତୋଷ ସାହୁ, ଦିଲ୍ଲୀପ ସାମଲ, ସୁଜୟ ସୁପ୍ରକାଶ ଧଳ ଓ ଗୌର ପ୍ରସାଦ ମହାପାତ୍ରଙ୍କ ସମେତ ବହୁ ପୂଜା କମିଟିର ସଦସ୍ୟ ସହଯୋଗ କରିଛନ୍ତି ।

## ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ




କବିସୂର୍ଯ୍ୟନଗର,୧୦ ।୧୦(ସମିସ): ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ କବିସୂର୍ଯ୍ୟନଗର ଚେସ ଏକାଡେମୀ, ଅଲ ଇଣ୍ଡିଆ ଚେସ ଆସୋସିସନ ଓ ଓଡିଶା କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହଯୋଗରେ କବିସୂର୍ଯ୍ୟନଗର ବିଆଇଟିସି ଠାରେ ୧୯ ବର୍ଷରୁ କମ ଚେସ ଚମ୍ପିୟାନସିପ ଉଦଘାଟିତ ହୋଇଯାଇଛି । ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ମନୋନୀତ ୬୩ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ ଆସ୍କା ସାଂସଦ ଅନିତା ସୁଭଦର୍ଶିନୀ ପଟ୍ଟନାୟକ, ସମ୍ମାନିତ ଅତିଥି କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ନିମନ୍ତ୍ରିତ ଅତିଥି ମଧ୍ୟରେ ଫାଲଗୁନି ସାହା ନାୟକ, ଦକ୍ଷତା ବିକାଶ ବିଭାଗ ଉପ ନିର୍ଦ୍ଦେଶକ ଡ଼. ବସନ୍ତ କୁମାର ମିଶ୍ର, ବିଆଇଟିସିର ଅଧ୍ୟକ୍ଷ ପ୍ରଭାସ ଚନ୍ଦ୍ର ନାହାକ ପ୍ରମୁଖ ମଞ୍ଚସୀନ ଥିଲେ । ଗଞ୍ଜାମ ଜିଲ୍ଲା ଚେସ ସଂଘ ସମ୍ପାଦକ କେ. କେ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଛତ୍ରପୁର,୧୦ ।୧୦(ସମିସ): ଦିଗପହଣ୍ଡି ବ୍ଲକ ଫାସିଗୁଡା ଗ୍ରାମର ଚାଷୀ ସୁଦର୍ଶନ ପ୍ରଧାନଙ୍କ ପୁଅ ଜିତେନ୍ଦ୍ର ପ୍ରଧାନ ସିଆଇଟିଏସ୍ ପରୀକ୍ଷାରେ ସର୍ବଭାରତୀୟ ଟପ୍ପର ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଥିଲେ । ଚଳିତ ମାସ ୪ ତାରିଖରେ ନୂଆଦିଲ୍ଲୀ ବିଜ୍ଞାନ ଭବନରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିତେନ୍ଦ୍ରଙ୍କୁ ପୁରସ୍କୃତ କରିଥିଲେ । ଶୁକ୍ରବାର ତାଙ୍କୁ ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତ୍ତି ଭାସନ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କରି ଏହି ଯାତ୍ରା କିପରି ଥିଲା ଆଗାମୀ ଭବିଷ୍ୟତ ସହ ଅଞ୍ଚଳର ବିକାଶ ଉପରେ ଜିତେନ୍ଦ୍ର ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ଜିତେନ୍ଦ୍ରଙ୍କ ବାପା ସୁଦର୍ଶନ ପ୍ରଧାନ, ଫାସିଗୁଡାର ସରପଞ୍ଚ ଗୌରୀ କୁମାରୀ ବିଷୋୟୀ, ସରପଞ୍ଚ ପ୍ରତିନିଧି ଶିବାରମ ପ୍ରଧାନ, ହିଞ୍ଜିଳି ଶିଳ୍ପ ତାଲିମ କେନ୍ଦ୍ରର ଶିକ୍ଷୟିତ୍ରୀ ସ୍ୱାଗତିକା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।



## ପଥର ଖାଦାନ ବିରୋଧରେ ଧାରଣା ଜାରି

# ଧାରଣା ବନ୍ଦ ପାଇଁ ଗ୍ରାମବାସୀଙ୍କୁ ଚାପ



ଛତ୍ରପୁର,୧୦ ।୧୦(ସମିସ): ପଥର ଖାଦାନ ବନ୍ଦ ଦାବିରେ ଛତ୍ରପୁର ବ୍ଲକ ଚିକଲଖଣ୍ଡି ପଞ୍ଚାୟତ ଅଧିନ ଝରପୋଖରୀ ଗ୍ରାମବାସୀ ଗୁରୁବାର ଠାରୁ ଆନ୍ଦୋଳନରେ ବସିଛନ୍ତି । ଶୁକ୍ରବାର ଏହି ଧାରଣା ଦ୍ୱିତୀୟ ଦିନରେ ପହଁଚିଛି । ଏହି ଧାରଣାକୁ ଭଣ୍ଡୁର କରିବାକୁ ଲିଜ୍‌ଧାରୀ ଓ ପ୍ରଶାସନ ବିଭିନ୍ନ ଉପାୟରେ ଚାପ ପ୍ରୟୋଗ କରୁଥିବା ଗ୍ରାମବାସୀ କହିଛନ୍ତି । ଯେତେ ଦିନ ପର୍ଯ୍ୟନ୍ତ ପ୍ରଶାସନ ଏହି ପଥର ଖାଦାନ ବନ୍ଦ କରିନାହିଁ ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଗ୍ରାମବାସୀ କହିଛନ୍ତି । ଏପରିକି ଗୁରୁବାର ଘଟଣାସ୍ଥଳରେ ଖଣି ବିଭାଗ ଓ ତହସିଲଦାର ବୁଲିବା ସହ ଘର ଘର ପରିଦର୍ଶନ କରି କିପରି ଫାଟ ହୋଇଛି ଦେଖିଥିଲେ । ଖଣି ଅଧିକାରୀ ଦୀପକ ଜେନା ସମସ୍ତ ତଥ୍ୟ ତାଙ୍କ ଉପରସ୍ତ ଅଧିକାରୀଙ୍କୁ ଅବଗତ କରିବେ ଓ ଏହି ଆନ୍ଦୋଳନ ଚାଲିଥିବାରୁ ପଥର ଲିଜ ଧାରୀଙ୍କୁ ପଥର ନ ଫୁଟେଇବାକୁ କୁହାଯାଇଛି ।

ସୂଚନା ଥାଉକି ଝରପୋଖରୀ ଗ୍ରାମ ନିକଟରେ ଥିବା ଓମ ସାଇ ପଥର ଖାଦାନ ପାଇଁ ଆଜି ବିପଦରେ ଗ୍ରାମବାସୀ । ଅହରହ ପଥର ଫୁଟେଇବା ଦ୍ୱାରା ଘରର କାନ୍ଥ ଫାଟିବା ସହ ରାସ୍ତା ନଷ୍ଟ ହେଉଥିବାରୁ ତୁରନ୍ତ ଲିଜ ବାତିଲ କରିବା ଦାବି ହୋଇଛି ।

## ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ

ଛତ୍ରପୁର/କୋଦଳା,୧୦ ।୧୦(ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ସାମିଆପଲ୍ଲୀ ସ୍ଥିତ ସମର୍ଥ ଅନୁଷ୍ଠାନରେ କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ପ୍ରଦୀପ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି ।

ଏହି ଅବସରରେ ଏସଡିଜେଏମ ପ୍ରିତିଶ କୁମାର ରଥ, ଜେଏମଏଫସି ସ୍ୱାଗତିକା ସ୍ୱାଇଁ ଏବଂ କମିଟି ସଦସ୍ୟ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଅନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଫଳ ବଣ୍ଟନ କରିଥିଲେ । ସେହିପରି କୋଦଳା ତାଲୁକ ଲିଗାଲ କମିଟି ପକ୍ଷରୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । କମିଟି ଚେୟାରମ୍ୟାନ୍ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ବିଶ୍ୱରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜେଏମଏଫସି ଶୋଭନ କୁମାର ପଣ୍ଡା, ଅବସରପ୍ରାପ୍ତ ଭଦ୍ରକ ସିଡ଼ିଏମଓ ଡଃ ରମେଶ ଚନ୍ଦ୍ର ମହାନ୍ତି, କୋଦଳା ମେଡିକାଲ ସୁପରିଟେଣ୍ଡେଣ୍ଟ ଆଦିତ୍ୟ ପ୍ରସାଦ ସାହୁ, ଏପିପି ସୁବାଷ ଚନ୍ଦ୍ର ସାହୁ, ଏଏସଯେ ଏପିପି ନୀଳାଞ୍ଚଳ ପୋଲେଇ, ଜେଏମ୍‌ଏଫ୍‌ସି ଏପିପି ସୁବ୍ରମନ୍ୟୁ ଦାଶ, ବାର ସମ୍ପାଦକ ଗୋପାଳକୃଷ୍ଣ ସାହୁ, ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ମିଶ୍ର ପ୍ରମୁଖ ମଞ୍ଚାସିନ ରହି ମାନସିକ ରୋଗ ସମ୍ପର୍କରେ ସଚେତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନଜୀବୀ ଭଗବାନ ହୋତାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ ।

## ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ

ଛତ୍ରପୁର,୧୦ ।୧୦(ସମିସ): ଛତ୍ରପୁର ସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକ ଉପଜିଲ୍ଲାପାଳ ଶିବାଶିଷ ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବନ୍ୟା, ବାତ୍ୟା, ସାପକାମୁଡା, ପାଣିରେ ବୁଡି ମୃତ୍ୟୁବରଣ କରିଥିବା ଓ ବିଜୁଳି ଆଘାତରେ ମୃତ୍ୟୁବରଣ କରିଥିବା ଲୋକଙ୍କ ପରିବାରକୁ ସରକାରଙ୍କ ପକ୍ଷରୁ ମିଳୁଥିବା ବିଭିନ୍ନ ଅନୁକମ୍ପା ରାଶିକୁ ତୁରନ୍ତ ପ୍ରଦାନ କରିବା ସହ ବିଭିନ୍ନ ଜାତିଗତ ପ୍ରମାଣପତ୍ରକୁ ଲୋକଙ୍କୁ ସଠିକ୍ ସମୟରେ ପ୍ରଦାନ କରିବାକୁ ଉପଜିଲ୍ଲାପାଳ ଶ୍ରୀ ବରାଳ ନିର୍ଦ୍ଦେଶ ଦେଇଥିଲେ । ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସରକାର ଜମି ଜବରଦଖଲ କରି କୋଠା ନିର୍ମାଣ କରିଥିବା ଲୋକଙ୍କୁ ଚିହ୍ନଟ କରି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, କଲମ ଟୁ ଆରଆର କରେକ୍ସନ (ଜମି ପଟ୍ଟା ଗୁଡିକ ଅପଡେଟ୍) ଗୁରୁତ୍ୱ ଦେବା ସହ ପ୍ରତିଶତ ବୃଦ୍ଧି କରିବା, ଗ୍ରାମ କଣ୍ଟକ ମାମଲା ଗୁଡିକୁ ସମାଧାନ କରି ପ୍ରଦାନ କରିବା, ସରକାରୀ ସ୍କୁଲ କଲେଜ ଓ ଡିଗ୍ରୀ କଲେଜ ଭଳି ଶିକ୍ଷାନୁଷ୍ଠାନକୁ ଜମି ପଟ୍ଟା ପ୍ରଦାନ କରିବା, ସିଏମ ପୋର୍ଟାଲ ଏବଂ ଅଭିଯୋଗ ଶୁଣାଣି ଆସିଥିବା ମାମଲା ଗୁଡିକ ତୁରନ୍ତ ସମାଧାନ, ରାଜସ୍ୱ ନିରୀକ୍ଷକ ଅଧୀନରେ ହେବାକୁ କର୍ପୋରେଟିଭ ସୋସାଇଟି ଗୃହ ଏବଂ କାର୍ଯ୍ୟାଳୟ ନିମନ୍ତେ ଜମି ଚିହ୍ନଟ କରି କାର୍ଯ୍ୟର ଅଗ୍ରଗତି ନିମନ୍ତେ ସହଯୋଗ କରିବା ଭଳି ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥି ହାଁସଦା, ଡେପୁଟି କଲେକ୍ଟର ଲୋପମୁଦ୍ରା ରଥ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଏସଆରଏ ମଧୁସ୍ମିତା ନାୟକଙ୍କ ସମେତ ପୋଲସରା, ପୁରୁଷୋତ୍ତମପୁର, ଛତ୍ରପୁର, ହିଞ୍ଜିଳିକାଟୁ, ଗଞ୍ଜାମ, କବିସୂର୍ଯ୍ୟନଗର, ଖଲ୍ଲିକୋଟ ଓ କୋଦଳାର ତହସିଲଦାରମାନେ ଉପସ୍ଥିତ ଥିଲେ ।

● ରାଜ୍ୟସ୍ତରୀୟ ଚକରା ବିଷୋୟୀ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ

## ଭଞ୍ଜନଗର କ୍ଲବ୍ ୨-୧ରେ ଚାମ୍ପିଅନ୍

ଭଞ୍ଜନଗର,୧୦ ।୧୦ (ସମିସ): ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଖେଳ ପଡିଆରେ ଚାଲିଥିବା ରାଜ୍ୟସ୍ତରୀୟ ଚକରା ବିଷୋୟୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଫାଇନାଲ ମ୍ୟାଚ୍ । ଏହା ଭଞ୍ଜନଗର ନରେଶ ଏକାଦଶ ଓ ଆୟୋଜକ ଭଞ୍ଜନଗର ଫୁଟବଲ କ୍ଲବ ମଧ୍ୟରେ



ହୋଇଥିଲା । ଏଥିରେ ଭଞ୍ଜନଗର ଫୁଟବଲ କ୍ଲବ ୨-୧ ଗୋଲରେ ଚାମ୍ପିଅନ ହୋଇଛି । ଭଞ୍ଜନଗର ଉପ ଜିଲ୍ଲାପାଳ ଉମାଶଙ୍କର ବେହେରା ମୁଖ୍ୟ ଅତିଥି ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଡ. ଦୀପକ କୁମାର ମିଶ୍ର, ଅତିରିକ୍ତ ତହସିଲଦାର ଅବିନାଶ ମହାର, ସରପଞ୍ଚ ପ୍ରତିନିଧି ସୁବାଷ ବରାଡ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ । ଚାମ୍ପିଅନ୍ ଦଳକୁ ୨୨ହଜାର ୨୨୨ ଟଙ୍କା ଓ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୧୭ହଜାର ୭୭୭ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ନରେଶ ଏକାଦଶର ସୋରେନ୍, ଶ୍ରେଷ୍ଠ ଗୋଲକିପର ଆୟୋଜକ ଟିମ୍‌ର ଭିକାରୀ ବିଷୋୟୀ, ଶ୍ରେଷ୍ଠ ଡିଫେନ୍ସ ଖେଳାଳି ଆଶିଷ, ଶ୍ରେଷ୍ଠ ସ୍କୋରର ଗୋଧି ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର ଭିକିଙ୍କୁ ପ୍ରଦାନ କରାଯାଇଥିଲା । ମ୍ୟାଚ୍ ଗୁଡିକୁ ଜାତୀୟ ରେଫରି ସୁବ୍ରତ କୁମାର ପୁରୋହିତ, ରାଜ୍ୟସ୍ତରୀୟ ରେଫରୀ ପି ରମେଶ, ସଲିଲ କୁମାର ବେହେରା, ବାପୁନା ସିଂ, ବିଚିତ୍ର ଜେନା, ମ୍ୟାଚ୍ କମିଶନର ପି ଆନନ୍ଦ ରାଓ ପରିଚାଳନା କରିଥିଲେ । ପ୍ରଶାନ୍ତ ମହାନ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ । ଖେଳ ପରିଚାଳନା କରିବାରେ ବାପୁନା ମହାନ୍ତି, ଦିଲ୍ଲୀପ ମଲ୍ଲିକ, ଚିଦାନନ୍ଦ ସ୍ୱାଇଁ, ଦୀପକ ସେଠୀ, ନୃସିଂହ ନାଥ ପ୍ରଧାନ, ସୁଚିତ୍ର ଜେନା, ଦୀପାଞ୍ଜଳୀ ସାହୁ, ସ୍ମୃତିମୟୀ ମିଶ୍ର, ଭାର୍ଗବୀ ସ୍ୱାଇଁ, କ୍ରୀଷ୍ଣା ପରିଡା, ଜଗନ୍ ପୋଲେଇ ପ୍ରମୁଖ ସହଯୋଗ କରିଥିଲେ ।

## ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ପୋଲସରା,୧୦ ।୧୦(ସମିସ): ପୋଲସରା ବ୍ଲକ ପରିସର ବୈଠକ ଗୃହରେ ରାଷ୍ଟ୍ରୀୟ ପୋଷଣ ମାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୋଲସରା ସିଡ଼ିପିଓ ତିଳୋତ୍ତମା ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲସରା ବିଡ଼ିଓ ଶଶିଭୂଷଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରକଳ୍ପସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ସମ୍ପର୍କରେ ଆଲୋଚନା କରିବା ସହ ଶିଶୁ ଓ ମାତୃ ପୋଷଣର ଗୁରୁତ୍ୱ ବିଷୟରେ ସମାଜକୁ ସଚେତନବାର୍ତ୍ତା ଦେଇ ଅପପୁଷ୍ଟି ପୋଷଣ ଜନିତ ସମସ୍ୟାରୁ କିପରି କୋମଳ ଶିଶୁମାନଙ୍କୁ ସୁସ୍ଥ କରିହେବ ସେନେଇ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବା ପାଇଁ ବିଡ଼ିଓ ଶ୍ରୀ ମହାପାତ୍ର ସମସ୍ତ ଉପସ୍ଥିତ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଏବିଡିଓ ସୋନମ ବେହେରା, ସୁପରଭାଇଜର୍ ସୁରଭି କୁସୁମ ଦାଶ, ସବିତା ଶବର, ଅରୁଣା କ୍ଲଷ୍ଟର ଲିଙ୍କ୍ ୱାକର ସତ୍ୟନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ଶିଶୁମାନଙ୍କ ଅଙ୍କନର ପ୍ରତିଯୋଗିତା ସହିତ ମା' ମାନଙ୍କ ପାଇଁ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଓ ସଚେତନତା ରାଲି ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମରେ ସଂଘର ସଭାନେତ୍ରୀ ଜୋସ୍ନାରାଣୀ ମିଶ୍ର, ସଂପାଦିକା ରାଜଲକ୍ଷ୍ମୀ ମହାପାତ୍ର, ଉପସଭାପତି ସସ୍ମିତା ପଟ୍ଟନାୟକ, ସହ ସଂପାଦିକା ମିନତୀ ରାଣୀ ତ୍ରିପାଠୀ, ଏନଏସି ସେକ୍ଟର ଲିଡ଼ର କାନନବାଳା ତ୍ରିପାଠୀ, ତୁଙ୍ଗାପଡା ଲିଡ଼ର ରଶ୍ମିତା ପାଣିଗ୍ରାହୀ, କଲମ୍ବ ସେକ୍ଟର ଲିଡ଼ର ପ୍ରତିମା ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।

# ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକ ଦିବସ







ଶେରଗଡ,୧୦ ।୧୦(ସମିସ)

ଅକ୍ଟୋବର ୧୦ ତାରିଖ ହେଉଛି ବରିଷ୍ଠ ନାଗରିକ ଦିବସ । ଏହି ଦିବସ ଅବସରରେଶେରଗଡ ବ୍ଲକରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ସଭାର ଆୟୋଜନ କରାଯାଇଥିଲା । ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ଚିନୁ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ ଓ ବିଡିଓ ତୃପ୍ତିମୟୀ ଜେନା, ଏବିଡିଓ ସୁଧାଂଶୁ ଶେଖର ତରାଇ ଉଦଘାଟନ କରିଥିଲେ । ଏହି ଅବସରରେ ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନିତ କରାଯାଇଥିବା ବେଳେ ବରିଷ୍ଠ ନାଗରିକ ମାନଙ୍କ ସୁରକ୍ଷା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି ଉପସ୍ଥିତ ଅତିଥି ମାନେ ପ୍ରକାଶ କରିଛନ୍ତି । ଏହି ଅବସରରେ ରଚନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ଶେରଗଡ ମହାଗାଗାନ୍ଧୀ ହାଇସ୍କୁଲର ଛାତ୍ରୀ ବର୍ଷା ରାଣୀ ପ୍ରଧାନ ପ୍ରଥମ, ତାକରଡା ଶହୀଦ ହାଇସ୍କୁଲର ଛାତ୍ରୀ ସାଇନି ପ୍ରଧାନ ଦ୍ୱିତୀୟ ଓ ଖିରିଡା ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତୁଳସୀ ବିଷୋୟୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି ।

**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୟୋଜ୍ୟେଷ୍ଠ ସଂଘର ସଭାପତି ଅରୁଣ କୁମାର ପଣ୍ଡା ପୌରହିତ୍ୟ କରିଥିଲେ । ମୁଖ୍ୟବକ୍ତା ଭାବେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ସଙ୍ଘର ସମ୍ପାଦକ ପ୍ରଫୁଲ୍ଲ କୁମାର ରଥ, ଅବସରପ୍ରାପ୍ତ ଶିକ୍ଷକ ଏ ରାଜୁ ଗୋପାଳ ରାଓ, ଲକ୍ଷ୍ମୀଚରଣ ପାଣିଗ୍ରାହୀ, ମଞ୍ଚାସିନ ହୋଇଥିଲେ । ହରିହର ପଣ୍ଡା ସଂଯୋଜନା କରିଥିବା ବେଳେ ସମ୍ପାଦକ ରଥ ଉଦେଶ୍ୟ ପ୍ରତିପାଦନ କରିଥିଲେ ।

**ସୋରଡ଼ା:** ସୋରଡ଼ାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ଥାନୀୟ ସାମାଜିକ ସୁରକ୍ଷା ଅଧିକାରୀ ଦଳବେହେରା ସଂଯୋଜନା କରିଥିବା ବେଳେ ବରିଷ୍ଠ ନାଗରିକ ସଙ୍ଘ ସଭାପତି ଦେବେନ୍ଦ୍ରନାଥ ପାତ୍ର, ସମ୍ପାଦକ ଏନ ନରସିଂହ ଚୌଧୁରୀ, ପୂର୍ବତନ ସମ୍ପାଦକ ଉମା ଚରଣ ଦାସ, ବିଡିଓ ତନ୍ମୟ ପାତ୍ର, ଏବିଡିଓ ସଂଜୀବ ରାଜ୍ ସେନାପତି ପ୍ରମୁଖଙ୍କ ସହିତ ମୁଖ୍ୟ ଅତିଥି ଭାବେ ତ୍ରିନାଥ ଗୌଡ଼ ମଞ୍ଚାସୀନ ଥିଲେ । ଏହି ଦିବସ ଉଦ୍ଦେଶରେ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଘର ଅନ୍ୟତମ ସଦସ୍ୟ ସନ୍ତୋଷ କୁମାର ସାମନ୍ତରାୟ, ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ, ବ୍ଲକର ସମସ୍ତ କର୍ମଚାରୀ ଓ ଅନ୍ୟ ସଦସ୍ୟ ମାନେ ସହଯୋଗ କରିଥିଲେ ।

**ପାତ୍ରପୁର:** ପାତ୍ରପୁର ବିଡିଓ ଲକ୍ଷ୍ମଣଚରଣ ସୋରେନ୍‌ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଯୋଗଦେଇଥିଲେ । ସେହିଭଳି ଉପାଧ୍ୟକ୍ଷ ଅନାଦୀ ଚରଣ ପଣ୍ଡିତ, ଦୁଇ ବରିଷ୍ଠ ନାଗରିକ ସଚ୍ଚିଦାନନ୍ଦ ସୁବୁଦ୍ଧି ଓ ବୃନ୍ଦାବନ ସାହୁ ମଞ୍ଚସୀନ ହୋଇଥିଲେ । ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହୋଇଥିବା ୧୨ଜଣ ହିତାଧିକାରୀଙ୍କ କାର୍ଯ୍ୟାଦେଶ ବିଧାୟକ ପ୍ରଦାନ କରିଥିଲେ ।

**ପୋଲସରା:** ବ୍ଲକ ଅଧକ୍ଷା କଳ୍ପନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପଞ୍ଚାୟତରୁ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ । ସୀମାଞ୍ଚଳ ଆଚାର୍ଯ୍ୟ, ମାଳ ତେନ୍ତୁଳିଆର ରାଜେନ୍ଦ୍ର ବିଷୋୟୀ, ହାତୀଓଟର ଦୟା ସାହୁ, ବେଲଗାଁର ଖଦାଳ ସାହୁ, ଖଣ୍ଡୁରୁର ରାମଚନ୍ଦ୍ର ସାହୁ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା । ଅତିରିକ୍ତ ବିଡିଓ ସୋନମ ବେହେରା, ଉପାଧ୍ୟକ୍ଷ କାହ୍ନୁ ପରିଡାଙ୍କ ସମେତ ସମସ୍ତ ସରପଞ୍ଚ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

**ଆସିକା:** ଆସିକା ବ୍ଲକ କାର୍ଯ୍ୟାଳୟରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି ।ଜିପିଓ ରାଜଶ୍ରୀ ସାହୁ ସଂଯୋଜନା କରିଥିଲେ । ମଞ୍ଚାସିନ ଥିଲେ ଏବିଡିଓ ସୁଶାନ୍ତ ବେହେରା, ବରିଷ୍ଠ ନାଗରିକ ଗଣେଶ ରଥ, ବ୍ଲକ ଶିକ୍ଷା ଅଧିକାରୀ ମୁନୁ ରାଣୀ ମହାନ୍ତି କଳାକାର ଲଡ୍ଡୁ କିଶୋର ବିଶ୍ୱାଳ । ସରକାର ଯେଉଁ ସବୁ ଯୋଜନା ପ୍ରଣୟନ କରୁଛନ୍ତି ସେହି ଯୋଜନା ଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ମଞ୍ଚାସୀନ ଅତିଥି ମାନେ ମତ ରଖିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଜିତ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ ।

**ଦିଗପହଣ୍ଡି:** ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ଦିବସ ଅବସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମହାସମାରୋହରେ ପାଳିତ ହୋଇଯାଇଛି । ବିଡ଼ିଓ ଅନାମିକା ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସହର ତଥା ଆଖପାଖ ଗ୍ରାମାଞ୍ଚଳର ବହୁ ସଂଖ୍ୟକ ବରିଷ୍ଠ ନାଗରିକ, ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

କାର୍ଯ୍ୟକ୍ରମ ଶୁଭାରମ୍ଭ ରେ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ ମଞ୍ଚ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ ସଂଯୋଜନା କରିଥିଲେ । ଉଦଯାପନୀ ସମାରୋହରେ ବ୍ଲକ ଉପାଧକ୍ଷା ସୁକାନ୍ତି ପ୍ରଧାନ, ଅତିରିକ୍ତ ବିଡିଓ ଉମେଶ ସେଠୀ, ବ୍ରହ୍ମପୁର ସାଂସଦ ପ୍ରତିନିଧି କେ. ହରିବନ୍ଧୁ ରେଡୀ, ସ୍ଥାନୀୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ଡ଼. ଯୁଧିଷ୍ଠିର ସ୍ୱାଇଁ, ସମ୍ପାଦକ କେ . ନାଗେଶ୍ୱର ରାଓ, ସରପଞ୍ଚ ଲିଙ୍ଗରାଜ ଦୋରା ପ୍ରମୁଖ ଅତିଥି ଭାବେ ମଞ୍ଚାସିନ ଥିଲେ । ସଭା ଶେଷରେ ୩୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହାସହ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ୫୫ ଜଣ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ସହାୟକ ପ୍ରେମାନନ୍ଦ ପାଣିଗ୍ରାହୀ, ସାଗର ରାଉଳ, ଅକ୍ଷୟ କୁମାର ପ୍ରଧାନ, ସମସ୍ତ ସିଆରସିସି, ପଞ୍ଚାୟତ ନିର୍ବାହୀ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ ।

## ପେପର ଇଣ୍ଡଷ୍ଟ୍ରିରେ ଅଗ୍ନିକାଣ୍ଡ

ବୁଗୁଡା,୧୦ ।୧୦(ସମିସ): ବୁଗୁଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ହରିଶରଣପୁର ଶାସନରେ ଥିବା ବାଲୁଙ୍କେଶ୍ୱର ପେପର ଇଣ୍ଡଷ୍ଟ୍ରିରେ ଅଗ୍ନିକାଣ୍ଡ ଘଟି କ୍ଷୟକ୍ଷତି ହୋଇଛି ।

ଶୁକ୍ରବାର ପୂର୍ବାହ୍ନରେ ଉକ୍ତ ଇଣ୍ଡଷ୍ଟ୍ରିରେ ବିଦ୍ୟୁତ୍ ସର୍ଟ ସର୍କିଟ୍ ଯୋଗୁ ଅଗ୍ନିକାଣ୍ଡ ଘଟି ସେଠାରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପୋଡିଜଳି ଛାରଖାର ହୋଇଯାଇଥିଲା । ବୁଗୁଡ଼ା ଦମକଳବାହିନୀ ପହଞ୍ଚିବା ବେଳକୁ ନିଆଁ ଲିଭି ଯାଇଥିବାରୁ ସେମାନେ ଫେରି ଆସିଥିଲେ ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ବୁଗୁଡ଼ା,୧୦ ।୧୦(ସମିସ): ସ୍ଥାନୀୟ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଏନ୍‌ଏସି କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏନ୍‌ଏସି କ୍ଲଷ୍ଟର ଅଧିନସ୍ଥ ୧୧ଟି ବିଦ୍ୟାଳୟରୁ ୯୭ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା । ବିଚାରକ ଭାବେ ସିଆରସିସି ସୁନିତା ପାଣିଗ୍ରାହୀ ଓ ଶର୍ମିଷ୍ଠା ଜେନାଙ୍କ ସମେତ ଅନ୍ୟ କେତେକ ଶିକ୍ଷକ ଓ ଶିକ୍ଷୟିତ୍ରୀ ନିୟୋଜିତ ଥିଲେ । ଏନ୍‌ଏସି କ୍ଲଷ୍ଟର ସିଆରସିସି କିରଣବାଳା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣପ୍ରିୟା ମହାରଣା ଉଦଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଏବିଇଓ ଅମିତା କୁମାରୀ ପାଢୀ, ସମ୍ମାନିତ ଅତିଥି ଭାବେ ପିପୁଲ୍ଲି ହାଇସ୍କୁଲ ଏନସିସି ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ଓ ବୁଦ୍ଧଗିରି ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ମୀନକେତନ ବେହେରା ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିଥିଲେ ।

## ସିସିଟିଭି ଆଡ଼େଇ ତାଲା ବନ୍ଦ ଘରୁ ଚୋରି

ବ୍ରହ୍ମପୁର,୧୦ ।୧୦(ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୁଲି ଲକ୍ଷ୍ମୀନାରାୟଣ ନଗର ୨ୟ ଲାଇନରେ ରହୁଥିବା ଶୁଭସୌମ୍ୟ ପଟ୍ଟନାୟକଙ୍କ ଘରୁ ସୁନା ଅଳଙ୍କାର ଚୋରି ହୋଇଛି । ଗତକାଲି ରାତିରେ ଘରେ କେହି ନଥିବାବେଳେ କିଛି ଦୁର୍ବୃତ୍ତ ଘରେ ପଶି ଦୁଇଟି ଆଲମିରାରୁ ୨ଟି ସୁନା କାନଫୁଲ, ୨ଟି ସୁନା ଚୁଡ଼ି, ଗୋଟିଏ ସୁନା ଲୋକେଟ ଓ ନଗଦ ଦଶ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଘର ଭିତରେ ଲାଗିଥିବା ସିସିଟିଭି କ୍ୟାମେରାକୁ ଆଡ଼େଇ ଦେଇ ହାର୍ଡଡ଼ିସ୍କକୁ ବାହାର କରି ନେଇ ଯାଇଛନ୍ତି । ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ କରୁଛି ।

## ଦାନହୁଣ୍ଡି ନେଇ ଦୁର୍ବୃତ୍ତ ଚମ୍ପଟ

ବ୍ରହ୍ମପୁର,୧୦ ।୧୦(ସମିସ): ସଦରଥାନା ଅନ୍ତର୍ଗତ ସୁକୁଣ୍ଡା ଗ୍ରାମସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିରର ଦାନ ହୁଣ୍ଡି ଚୋରି ନେଇ ଥାନାରେ ଅଭିଯୋଗ ହୋଇଛି । ଗତକାଲି ମଧ୍ୟରାତିରେ ମନ୍ଦିର ପରିସରରେ ଥିବା ମହାପ୍ରଭୂଙ୍କ ଦାନହୁଣ୍ଡି କିଛି ଦୁର୍ବୃତ୍ତ ଚୋରି କରିଥିଲେ । ଏନେଇ ମନ୍ଦିର ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି ।

## ଘରୁ ୧୦ଲକ୍ଷ ଟଙ୍କାର ବାଣ ଜବତ

ବ୍ରହ୍ମପୁର,୧୦ ।୧୦(ସମିସ): ବୈଦ୍ୟନାଥପୁର ଥାନା ପୁଲିସ ଜେଲ୍ ରୋଡରେ ଏକ ଘରେ ବେଆଇନ ଭାବେ ଗଚ୍ଛିତ ଥିବା ପ୍ରାୟ ୧୦ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ଜଣେ ଯୁବକଙ୍କୁ ଅଟକ ରଖିଛି । ଅଭିଯୁକ୍ତ ଜଣଙ୍କ ଲାଞ୍ଜିପଲ୍ଲୀ ରେଡିକା ସାହିର ଜି.ପିଙ୍କୁ ରେଡ୍ଡୀ (୨୬) । ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ବେଳେ ଉକ୍ତ ବ୍ୟବସାୟୀ ପିଙ୍କୁ ଗୁରୁବାର ରାତିରେ ବିପୁଳ ପରିମାଣର ବାଣ ସେଠାରେ ଏକ ଘର ଭଡ଼ାରେ ନେଇ ମହଜୁଦ ରଖିଥିବା ଜଣାପଡ଼ିଥିଲା ।

## ୧୭ ଜୁଆଡ଼ି ଗିରଫ

ବ୍ରହ୍ମପୁର,୧୦ ।୧୦(ସମିସ): ଦୁଇ ଜୁଆ ଆଡ଼ାରୁ ପୁଲିସ ୧୭ଜଣ ଜୁଆଡ଼ିଙ୍କୁ ଗିରଫ କରିଛି । ସେମାନଙ୍କ ନିକଟରୁ ୭୬ହଜାର ୬୪୦ଟଙ୍କା ଓ ୧୬ଟି ମୋବାଇଲ ଜବତ କରିଛି । ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଲପୁର ଗ୍ରାମ ଠାକୁରାଣୀ ମନ୍ଦିର ନିକଟରେ ଚାଲିଥିବା ଜୁଆଖେଳରେ ଚଢ଼ଉ କରି ୭ଜଣ ଜୁଆଡ଼ିଙ୍କୁ ଗିରଫ ସହ ୧୯ହଜାର ୧୧୦ଟଙ୍କା, ୫ଟି ମୋବାଇଲ ଜବତ କରିଥିଲା । ସେହିପରି ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ଆମ୍ବମାର୍କେଟ ନିକଟରେ ଚାଲିଥିବା ଜୁଆ ଆଡ଼ାରେ ଚଢ଼ଉ କରି ୧୦ ଜୁଆଡ଼ିଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ୫୭ହଜାର ୬୩୦ଟଙ୍କା, ୧୧ଟି ମୋବାଇଲ ଜବତ କରିଥିବା ଜଣାପଡ଼ିଛି ।

## ଘରୁ ମୋବାଇଲ ଚୋରି; ୨ ଗିରଫ

ବ୍ରହ୍ମପୁର,୧୦ ।୧୦(ସମିସ): ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ କାଲୁଆସାହି ନିବାସୀ ଡ଼ି ବାଲାଜୀ ଆଚାରୀ ଘରୁ ୨ଟି ମୋବାଇଲ ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ସେମାନେ ହେଲେ ଡ଼ି ସରୋଜ ପାତ୍ର ଓ ଡ଼ି ବବୁଲ ପାତ୍ର । ଗତକାଲି ରାତିରେ ବାଲାଜୀ ଶୋଇଥିବା ବେଳେ ମୁଣ୍ଡ ପାଖରେ ମୋବାଇଲ ରଖିଥିଲେ । କେହି ଦୁର୍ବୃତ୍ତ ଘରେ ପଶି ତାଙ୍କର ଦୁଇଟି ମୋବାଇଲ ନେଇଯାଇଥିଲା ।

**ଖବର ପ୍ରକାଶ ପରେ ସଂକଟାପନ୍ନ ଶିଶୁଙ୍କୁ ମିଳିଲା ସେବା**

# ଶିଶୁ ବିଭାଗକୁ ଆସିଲା ପୋର୍ଟେବଲ୍ ଏକ୍ସ-ରେ

ବ୍ରହ୍ମପୁର,୧୦ ।୧୦(ସମିସ)

ଏମକେସିଜି ମେଡିକାଲ ଶିଶୁ ବିଭାଗରେ ଥିବା ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ମାସାଧିକ ସମୟ ହେବ ଅଚଳ ନେଇ "ସକାଳ"ରେ ଏକ ଖବର ପ୍ରକାଶ ପରେ ମେଡିକାଲ କର୍ତ୍ତୃପକ୍ଷ ତତ୍ପରତା ଦେଖାଇଛନ୍ତି । ଶିଶୁ ବିଭାଗ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ଶିଶୁଙ୍କ ନିମନ୍ତେ ତୁରନ୍ତ ଅନ୍ୟ ଏକ ବିଭାଗରେ ଥିବା ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ଯୋଗାଇ ଦିଆଯାଇଛି । ଫଳରେ ଶୁକ୍ରବାର ବିଭାଗରେ ଚିକିତ୍ସିତ ଏକାଧିକ ଶିଶୁଙ୍କ ଏକ୍ସ-ରେ କରାଯାଇଛି । ଅନ୍ୟପକ୍ଷରେ ମେଡିକାଲ ଶିଶୁ ବିଭାଗର ଥିବା ପୋର୍ଟେବଲ୍ ଏକ୍ସ-ରେ ମେସିନ୍ ଏବେ ମଧ ଅଚଳ ରହିଥିବା ବେଳେ ତାକୁ କାର୍ଯ୍ୟକ୍ଷମ କରିବାକୁ ଦାବି ହୋଇଛି ।

ସୂଚନାଯୋଗ୍ୟ ଯେ, ଏମକେସିଜି ମେଡିକାଲ ଶିଶୁ ବିଭାଗରେ ନବଜାତ ଠାରୁ ୧୬ବର୍ଷ ପର୍ଯ୍ୟନ୍ତ ବହୁ ସଙ୍କଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହେଉଥାନ୍ତି । ସେଥି ମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥାନ୍ତି । ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତା ସ୍ଥଳେ ଡାକ୍ତର ରୋଗ ନିର୍ଣ୍ଣୟ ପାଇଁ ଏକ୍ସ-ରେ କରିବାକୁ ପରାମର୍ଶ କରିଥାନ୍ତି । ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ବିଭାଗକୁ ଯାଇ ଏକ୍ସ-ରେ କରିବା ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି । ଏହାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ

### କେବେ ମରାମତି ହେବ ଅଚଳ ମେସିନ




ପୋର୍ଟେବଲ୍ ଏକ୍ସ-ରେ ମେସିନର ବ୍ୟବସ୍ଥାର କରାଯାଇଛି । କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବେ ଉକ୍ତ ମେସିନ ଅଚଳ ରହିଛି । ଡାକ୍ତର ଯେଉଁ ରୋଗୀଙ୍କୁ ଏକ୍ସ-ରେ କରିବାକୁ ପରାମର୍ଶ କରୁଛନ୍ତି । ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟ ସହ ଯୋଗାଯୋଗ କରି ୮ଶହ ଟଙ୍କା ଦେଇ ଏକ୍ସ-ରେ କରିଥିଲେ । ଯାହାକୁ ନେଇ କିଛି ଦିନ ପୂର୍ବେ ଖବର ପ୍ରକାଶ ପାରିଥିଲେ । ଏହାପରେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ଅନ୍ୟଏକ ପୋର୍ଟେବଲ୍ ଏକ୍ସ-ରେ ମେସିନ ବ୍ୟବସ୍ଥା କରିଥିଲେ ।

## ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପାଳିତ




ବ୍ରହ୍ମପୁର,୧୦ ।୧୦(ସମିସ)

ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ପ୍ରେକ୍ଷାଳୟରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାସ୍ତରୀୟ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି ଯୋଗଦେଇ ବରିଷ୍ଠ ନାଗରିକ ହେଉଛନ୍ତି ସମାଜ ଓ ପରିବାରର ଦିଗ୍‌ଦର୍ଶକ, ଘରର ମେରୁଦଣ୍ଡ ବୋଲି କହିଥିଲେ । ଅନ୍ୟତମ ଅତିଥି ଭାବେ ପଦ୍ମଶ୍ରୀ ଡ଼ା କୃଷ୍ଣମୋହନ ପାଠୀ, ବରିଷ୍ଠ ନାଗରିକ କ୍ଲବର ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, ଭାସ୍କର ପାଢ଼ୀ, କେ ଏ ଏସ ପାତ୍ର, ସୂର୍ଯ୍ୟକାନ୍ତ ପାତ୍ର, ସୀମାଞ୍ଚଳ ବିଷୋୟୀ, ପ୍ରଶାନ୍ତ କୁମାର ଶତପଥୀ, ରାଧା ଚରଣ ନାୟକ ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ବେହେରା ଉପସ୍ଥିତ ଥିଲେ । ବରିଷ୍ଠ ନାଗରିକ ମାନଙ୍କୁ ସମ୍ମାନ ଓ ସ୍ନେହ କରନ୍ତୁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏ ଅବସରରେ ବରିଷ୍ଠ ନାଗରିକଙ୍କ ଲାଗି ଯୋଗ ଓ ପ୍ରାଣାୟାମ ସହିତ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସାହୁ ଓ ଛତ୍ରପୁର ସାମାଜିକ ସୁରକ୍ଷା ଅଧିକାରୀ ସସ୍ମିତା ସ୍ୱାଇଁ ସହିଯୋଗ କରିଥିଲେ ।

## ମଦ ପଇସା ନ ଦେବାରୁ ଗ୍ରାହକଙ୍କୁ ଛୁରାମାଡ଼ ଅଭିଯୋଗ

ରଙ୍ଗେଇଲୁଣ୍ଡା,୧୦ ।୧୦(ସମିସ): ଗୋଳନ୍ଥରା ଥାନା ସୁରଳ ଛକରେ ବୁଧବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ମଦ ପିଇବା ପରେ ଟଙ୍କା ନଦେବାରୁ ଗ୍ରାହକଙ୍କୁ ଛୁରାମାଡ ଅଭିଯୋଗ ହୋଇଛି । ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ସୁରଳ ଜଙ୍ଗସନରେ ସେହି ଅଞ୍ଚଳର ସୁନୀଲ ସାହୁ ମଦ ଦୋକାନ କରିଛନ୍ତି । ସେହି ଅଞ୍ଚଳର ଚୌଧୁରୀ ସାହୁ ଗତ ବୁଧବାର ରାତି ୧୦ଟାରେ ଦୋକାନକୁ ଆସି ମଦ ମାଗି ପିଇଥିଲେ । ସୁନୀଲ ଟଙ୍କା ମାଗିବାରୁ ଚୌଧୁରୀ କାଲି ଦେବି ବୋଲି କହିଥିଲେ । ଏନେଇ ଉଭୟ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ସୁନୀଲ ଉତ୍ତେଜିତ ହୋଇ ଚୌଧୁରୀଙ୍କ ପେଟକୁ ଛୁରାମାଡ଼ କରିଥିଲେ । ଫଳରେ ସେ ଗୁରୁତର ହୋଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ । ଚୌଧୁରୀଙ୍କ ଭାଇ ସନ୍ତୋଷଙ୍କ ଅଭିଯୋଗ କ୍ରମେ ପୁଲିସ ମାମଲା ରୁଜୁ କରି ଶୁକ୍ରବାର ସୁରଳ ଛକରୁ ସୁନୀଲକୁ କାବୁ କରି କୋର୍ଟଚାଲାଣ କରିଛି । ଅନ୍ୟ ପଟେ ଗିରଫ ସୁନୀଲକୁ ଚୌଧୁରୀଙ୍କ ସମ୍ପର୍କୀୟମାନେ ମାଡ଼ ମାରିଥିବା ନେଇ ତାଙ୍କ ସ୍ତ୍ରୀ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ମାମଲା ରୁଜୁ କରି ନଥିବା ଅଭିଯୋଗ ହୋଇଛି ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ର

ବ୍ରହ୍ମପୁର,୧୦ ।୧୦(ସମିସ): ସ୍ଥାନୀୟ କେ.ସି.ବାଳକ ଉଚ୍ଚ ବିଦ୍ୟାଳୟ ଠାରେ ପ୍ରଧାନଶିକ୍ଷକ ଶଶାଙ୍କ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଜିଲ୍ଲାସ୍ତରୀୟ ବିଜ୍ଞାନ ପାଠଚକ୍ର ଆୟୋଜିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ.ପ୍ରଭାତି କୁମାରୀ ମହାପାତ୍ର କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲାର ପ୍ରତ୍ୟେକଟି ବ୍ଲକରୁ ଜଣେ ଲେଖାଁଏ ପ୍ରତିଯୋଗୀ ଓ ସହାୟକ ଶିକ୍ଷକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ବିଚାରକ ଭାବେ ଖଲ୍ଲିକୋଟ ମାଧମିକ ବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପିକା ସଂଘମିତ୍ରା ମହାପାତ୍ର ଓ ଗଞ୍ଜାମ ମହାବିଦ୍ୟାଳୟର ବିଭୁ ପ୍ରସାଦ ପାତ୍ର ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ସମ୍ମତ ଜ୍ଞାନ ଆହରଣ ସହ ପ୍ରତିଯୋଗିତାମୂଳକ ବାତାବରଣରେ ସହାୟକ ହୋଇପାରିବ ବୋଲି ଜିଲ୍ଲା ଶିକ୍ଷା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ପ୍ରତିଯୋଗିତାରେ ଆସିକା ସ୍ଥିତ ଟେକନିକାଲ ଉଚ୍ଚ ବିଦ୍ୟାଳୟର ଭକ୍ତ ପ୍ରସାଦ ମହାନ୍ତି ପ୍ରଥମ,




ହାତୀଓଟ ଓଏଭିର ଅନନ୍ୟା ମାଝୀ ଦ୍ୱିତୀୟ ଓ ଚମାଖଣ୍ଡି ଓଏଭିର ବିଶ୍ୱଜିତ ମିଶ୍ର ତୃତୀୟ ସ୍ଥାନ ହାସଲ କରିଛନ୍ତି । ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତ୍ୱିଯୋଗୀ ରାଜ୍ୟସ୍ତରୀୟ ପ୍ରତ୍ୱିଯୋଗିତାରେ ଅଂଶଗ୍ରହଣ କରିବେ । ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିବା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା କୃତି ପ୍ରତିଯୋଗିଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ମହାନ ସଂଘର ପ୍ରସ୍ତୁତି ବୈଠକ

ବ୍ରହ୍ମପୁର,୧୦ ।୧୦(ସମିସ): ହିଲପାଟଣା ସ୍ଥିତ କାର୍ଯ୍ୟାଳୟରେ ମହାନ ସଂଘର ୪୦ତମ ବାର୍ଷିକ ଉତ୍ସବ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ସୁଶାନ୍ତ କୁମାର ସାବତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ମାସ ୧୯ ଓ ୨୬ତାରିଖ ଦିନ ଗୁରୁକୁଳ ଇଣ୍ଟର ନେସନାଲ ସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି । କୃତୀ ପ୍ରତିଯୋଗୀମାନଙ୍କୁ ନଭେମ୍ବର ୨ରେ ଗଞ୍ଜାମ କଳା ପରିଷଦଠାରେ ପୁରସ୍କୃତ କରାଯିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକରେ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ପ୍ରକାଶ ଭାଜାନି, ଲିପିକା ଜେନା, ସାଧନା ପାଢ଼ୀ, ସୁଜାତା ମହାପାତ୍ର, ସୁଦିପ ସାହୁ, ଡ. ସୌଭାଗ୍ୟ ଲକ୍ଷ୍ମୀ ଓ ମନୋରଞ୍ଜନ ପାଢ଼ୀଙ୍କ ସମେତ ବହୁ ସଦସ୍ୟ ଏବଂ ସଦସ୍ୟା ଉପସ୍ଥିତ ଥିଲେ ।

● ଛାତ୍ରୀ ଗଣଦୁଷ୍କର୍ମ ମାମଲା

## ବତୀଘରର ୨ କର୍ମଚାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୧୦।୧୦(ସମିସ): ଗୋପାଳପୁର ବେଳାଭୂମିରେ ଗତ ଜୁନ୍‌ରେ ଜଣେ କଲେଜ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଦୁଷ୍କର୍ମ ହୋଇଥିଲା । ଏହି ମାମଲାର ବିଚାରଣା ଏବେ ଅତିରିକ୍ତ ଜିଲ୍ଲା ଦୌରାଜଜ( ଏଡିଜେ-୨) ଅୟୁଷ୍ମାନ ମହନ୍ତଙ୍କ କୋର୍ଟରେ ଚାଲିଛି । ନାବାଳକରୁ ସାବାଳକ ଭାବେ ଗ୍ରହଣ କରାଯାଇଥିବା ତିନିଜଣ ଅଭିଯୁକ୍ତଙ୍କ ଉକ୍ତ କୋର୍ଟରେ ଅଭାସୀ ମାଧ୍ୟମରେ ବିଚାରଣା ହୋଇଛି । ଏହି ମାମଲାରେ ସ୍ୱାଧୀନ ସାକ୍ଷୀ ଭାବେ ଗୋପାଳପୁର ବତୀଘରର ଦୁଇ ଜଣ କର୍ମଚାରୀ କୋର୍ଟରେ ହାଜର ହୋଇଥିଲେ । ସେମାନେ ହେଲେ ସନ୍ତୋଷ କୁମାର ପାଢୀ ଓ ନିହାର ରଞ୍ଜନ ଷଡଙ୍ଗୀ । ସେମାନେ ଘଟଣା ସମ୍ପର୍କରେ ଯାହାସବୁ ଜାଣିଥିଲେ ତାହା କୋର୍ଟରେ କହିଥିଲେ ଓ ଏହା ରେକର୍ଡ କରାଯାଇଛି । ଏହି ମାମଲାର ପରିଚାଳନା ପାଇଁ ସ୍ୱତନ୍ତ୍ର ପିପି ଭାବେ ଆଇନ ବିଭାଗ ପକ୍ଷରୁ କାଳୀ ଚରଣ ମିଶ୍ରଙ୍କୁ ନିଯୁକ୍ତ କରାଯାଇଛି । ଗୁରୁବାର ସେ କୋର୍ଟରେ ଉପସ୍ଥିତ ରହିଥିଲେ ।

## ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ୍‌ର ବିକ୍ଷୋଭ




ବ୍ରହ୍ମପୁର,୧୦ ।୧୦(ସମିସ)

ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ସହିଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରୁ ଶତାଧିକ ଉପଭୋକ୍ତାମାନଙ୍କର ଏକ ଶୋଭାଯାତ୍ରା ବାହାରି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଆଇଡିସିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ରାଜ୍ୟ ସରକାର ବିଦ୍ୟୁତ୍ ବିତରଣ ନିମନ୍ତେ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦେବାର ୩ବର୍ଷ ବିତିଥିଲେ ବି ଗ୍ରାହକ ସେବାରେ ସେଭଳି ଗୁଣାତ୍ମକ ପରିବର୍ତ୍ତନ ପରିଲିଖିତ ହୋଇନଥିବା ସିପିଏମ ଅଭିଯୋଗ କରିଛି । ଗ୍ରାହକ ଲୋଭୋଲ୍‌ଟେଜ, ବାରମ୍ବାର ବିଦ୍ୟୁତ କାଟ, ବିଦ୍ୟୁତ ଶୁଳ୍କ ବୃଦ୍ଧି ଓ ପ୍ରତିମାସରେ ବିଲ ନଦେବା ଭଳି ସମସ୍ୟାରେ ଘାଣ୍ଟି ହେଉଛନ୍ତି । ଅନ୍ୟଦିଗରେ ମାସକୁ ୨୮ ଦିନ ବିଦ୍ୟୁତ ଦେଇ ୩୦ଦିନିଆ ଶୁଳ୍କ ସଂଗ୍ରହ କରିବା, ବିଭିନ୍ନ ଆଳ ଦେଖାଇ ମନଇଚ୍ଛା ଫାଇନ, ଉପଭୋକ୍ତାଙ୍କ ଆପତ୍ତି ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା ନକରିବା ଏବଂ ବେଆଇନ ଭାବେ ସ୍ମାର୍ଟ ମିଟର ଲଗାଇବା ଭଳି ଲାଭଖୋରି କାର୍ଯ୍ୟ ସଂସ୍ଥା ପକ୍ଷରୁ କରାଯାଇଥିବା ଅଭିଯୋଗ ହୋଇଛି ।

ଏଭଳି ବିଭିନ୍ନ ଦାବି ନେଇ କାର୍ଯ୍ୟାଳୟ ସମ୍ମୁଖରେ ସିପିଏମ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ବେହେରା, କୈଳାସ ଷଡ଼ଙ୍ଗୀ, ରାମଚନ୍ଦ୍ର ନାୟକ, ହରୀକୃଷ୍ଣ ରେଡ଼ି, ବିଦ୍ୟାଧର ଜେନା, ଅଜୟ ଗୌଡ଼, ଶିବପ୍ରସାଦ ମହାପାତ୍ର, ପ୍ରତାପ ଚୌଧୁରୀ, ବିଭୁ ପାଣିଗ୍ରାହୀ, ନୀଳମଣି ଗୁରୁ, ବିଜୟ ବିଶୋଇ, ବିପିନ ବିହାରୀ ନାୟକ, ଶିବ ଶଙ୍କର, ବୈରାଗୀ ବେହେରା, ଯୋଗେଶ ସାହୁ, ଗୋପାଳ ପାଣିଗ୍ରାହୀ, ଗୋକୁଳ ତ୍ରିପାଠୀ, ରାଜାରାଓ, ହରି ନାହାକ, ଚିଟିବାବୁ ଓ ଗୋକୁଳ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି ଆଜି ଓଇଆରସି ପକ୍ଷରୁ ଭୁବନେଶ୍ୱର ଠାରେ ବିଦ୍ୟୁତ ଗ୍ରାହକ ମାନଙ୍କୁ ଟାଟା ଯୋଗାଉଥିବା ସେବା ସମ୍ପର୍କରେ ଆପତ୍ତି ଓ ଅଭିଯୋଗ ଶୁଣାଣି ହେଉଛି । ଏଥିରେ ଦକ୍ଷିଣ ଓଡ଼ିଶା ବିଦ୍ୟୁତ ଉପଭୋକ୍ତାମାନଙ୍କ ପକ୍ଷରୁ ଅଳି କିଶୋର ପଟ୍ଟନାୟକ ଉପଭୋକ୍ତା ମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡିକୁ ଉପସ୍ଥାପନ କରିବା ପାଇଁ ଯାଇଛନ୍ତି ।



ସକାଳ
THE SAKALA

# ସମ୍ପାଦକୀୟ



ଯଦି ଶୀଘ୍ର ଚାଲିବାକୁ ଚାହୁଁଛ ତେବେ ଏକୁଟିଆ ଚାଲ; ଯଦି ବହୁଦୂର ବାଟ ଯିବାର ଅଛି ତେବେ ସାଥୀମାନଙ୍କୁ ସାଙ୍ଗରେ ନେଇ ଚାଲ।
-ରତନ ଟାଟା

## ଆଉ ଢିଲା ଦିଅନି, ବାନ୍ଧ

ପୁଲିସ ମହାନିର୍ଦ୍ଦେଶକଙ୍କୁ ଏବେ ବିଶୃଙ୍ଖଳା ସୃଷ୍ଟିକାରୀ ଓ ଅସାମାଜିକ ତତ୍ତ୍ୱଙ୍କୁ ବାନ୍ଧିବା ପାଇଁ ନିର୍ଦ୍ଦେଶ ମିଳିଛି। ଇଏ ବି ଠିକ୍ କଥା। ନହେଲେ ଆମ ରାଜ୍ୟରେ ଭୁଶୁଡ଼ି ପଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଏତେ ସହଜ ହେବନି। କ୍ଷମତା କେନ୍ଦ୍ର ପ୍ରତି ଲୋକେ ଆଙ୍ଗୁଠି ଉଠାଇବା ଆରମ୍ଭ କଲେଣି। ହେଲେ ମନରେ ସ୍ୱତଃ ପ୍ରଶ୍ନ ଉଠେ ଏମାନଙ୍କୁ ନବାନ୍ଧିବା ସକାଶେ ଆଗରୁ କ'ଣ ଗୋପନ ନିର୍ଦ୍ଦେଶ ଦିଆଯାଇଥିଲା ଯେ ଏବେ ବାନ୍ଧିବାକୁ ନିର୍ଦ୍ଦେଶ ଦେବା ପାଇଁ ବାଧ୍ୟବାଧକତା ଉପୁଜିଲା? ବିଶୃଙ୍ଖଳା ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବାରୁ ସରକାରଙ୍କୁ ଏହି ସୀମିତ ସମୟ ମଧ୍ୟରେ ତିନି ତିନି ଥର ସାନ୍ଧ୍ୟ ଆଇନ ଜାରି କରିବାକୁ ପଡ଼ିଛି। ଆତ୍ମାହୁତି ଓ ଆତ୍ମହତ୍ୟା ଘଟଣା ରାଜ୍ୟବାସୀଙ୍କୁ ଏଭଳି ବିଚଳିତ କରିପକାଇଲା ଯେ ସରକାର ବ୍ୟବସ୍ଥାକୁ ସୁଧାରି ନପାରି କେବଳ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରି ନିଶ୍ଚିନ୍ତ ହୋଇପଡ଼ିଛନ୍ତି। ଅଥଚ ଘଟଣାର ଅନୁସନ୍ଧାନ ରିପୋର୍ଟ ଓ ଚାର୍ଜସିଟ ଦାଖଲରେ ଅକ୍ଷମଣୀୟ ବିଳମ୍ବ ପ୍ରତି ଧ୍ୟାନ ନ ଦେବାରୁ ଅପରାଧ ବଢ଼ିଚାଲିଛି। ଧର୍ଷଣକେଷଣ ଦିନକୁ ଦିନ ସୀମାତିକ୍ରମ କରୁଥିବାରୁ ମହିଳା ନିଜକୁ ଅସୁରକ୍ଷିତ ମଣୁଛନ୍ତି। ତେବେ ଏହି ବାନ୍ଧିବା ନିର୍ଦ୍ଦେଶରୁ ପୁଲିସର ନ ପାରିବା ପଣିଆ ବାରି ହୋଇପଡୁଛି।

ନିକଟରେ ୨୦୨୩ର ଏନ୍‌ସିଆରବି ରିପୋର୍ଟ ପ୍ରକାଶ ପାଇଛି। ଏହାକୁ ସାମଗ୍ରିକ ଭାବେ ଦେଶର ଅପରାଧ ଚିତ୍ର ଓ ଚରିତ୍ର ସଂକ୍ରାନ୍ତ ଠୋସ୍ ଆକଳନ କୁହାଯାଇପାରେ। ଠିକ ଠିକ ହିସାବ କଲେ ଦେଶର ଅପରାଧ ହାର ପ୍ରତି ୧ଲକ୍ଷ ନାଗରିକ କ୍ଷେତ୍ରରେ ୪୪୮.୩ ପହଞ୍ଚିଛି। ଦେଶରେ ପଞ୍ଜିକୃତ ହୋଇଥିବା ଆପରାଧିକ କାର୍ଯ୍ୟକଳାପ ସଂଖ୍ୟା ୬.୪ନିୟୁତ ଏବଂ ଏହା ପୂର୍ବବର୍ଷ ତୁଳନାରେ ୭.୨ ପ୍ରତିଶତ ଅଧିକ। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା, ଦେଶର ସହରାଞ୍ଚଳର ଅପରାଧ ସଂଖ୍ୟା ସୀମା ଅତିକ୍ରମ କରିଛି। ତେଣୁ ପୂର୍ବବର୍ଷ ତୁଳନାରେ ସହରାଞ୍ଚଳ ଅପରାଧ ସଂଖ୍ୟା ୧୦.୬ ପ୍ରତିଶତ ବଢ଼ିଛି। ଜାତୀୟସ୍ତରରେ ହାରାହାରି ପ୍ରତି ୫ ସେକେଣ୍ଡରେ ଗୋଟିଏ ଅପରାଧ ଘଟୁଛି। ମହିଳାଙ୍କ କ୍ଷେତ୍ରରେ ଅସୁରକ୍ଷିତ ପରିବେଶ ସବୁଠାରୁ ଅଧିକ ଚିନ୍ତାଜନକ। ଦେଶର ପ୍ରତି ୧ ଲକ୍ଷ ମହିଳାଙ୍କ ମଧ୍ୟରୁ ୬୬.୭ ଜଣ ଅପରାଧିକ କାର୍ଯ୍ୟକଳାପର ସମ୍ମୁଖୀନ ହେଉଛନ୍ତି। ବିଗତ ୧୨ ବର୍ଷ ମଧ୍ୟରେ ମହିଳାବିରୋଧୀ ଅପରାଧ ତିନିଗୁଣ ବଢ଼ିଛି। ଦିଲ୍ଲୀ ଓ ତେଲେଙ୍ଗାନାରେ ମହିଳା ସବୁଠାରୁ ଅଧିକ ଅସୁରକ୍ଷିତ। ଏହି ଦୁଇ ରାଜ୍ୟରେ ପ୍ରତି ୧ ଲକ୍ଷ ମହିଳାଙ୍କ କ୍ଷେତ୍ରରେ ଯଥାକ୍ରମେ ୧୩୩ ଓ ୧୨୪ ଅପରାଧର ସମ୍ମୁଖୀନ ହୋଇଛନ୍ତି। ଗତ ଦଶବର୍ଷ ମଧ୍ୟରେ ଅନୁସୂଚିତ ଜାତି ଓ ଜନଜାତି ମହିଳା ନିଜକୁ ସବୁଠାରୁ ଅଧିକ ଅସୁରକ୍ଷିତ ମଣୁଛନ୍ତି। ସେମାନଙ୍କ ଉତ୍ପୀଡ଼ନ ହାର କ୍ରମାଗତ ଭାବେ ବୃଦ୍ଧି ଚାଲିଛି।

ରିପୋର୍ଟର ନିର୍ଯାସ ହେଉଛି, ସାମାଜିକ ପରିବେଶରେ ପରିବର୍ତ୍ତନ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଆସ୍ଥା ବଢ଼ିଥିବାରୁ ମହିଳା ନିରବ ନ ରହି ସେମାନେ ସମ୍ମୁଖୀନ ହେଉଥିବା ଉତ୍ପୀଡ଼ନ ସଂପର୍କରେ ଥାନାରେ ରିପୋର୍ଟ କରୁଛନ୍ତି। ସେହିଭଳି ସହରାଞ୍ଚଳରେ ବର୍ଦ୍ଧିତ ଅପରାଧିକ କାର୍ଯ୍ୟକଳାପ ଓ ସାଇବର ଅପରାଧ ଚିନ୍ତାଜନକ। ଏହାକୁ ପରିବର୍ଦ୍ଧିତ ପରିସଂଖ୍ୟାନର ଅସଲ କାରଣ ବୋଲି ଦର୍ଶାଯାଇଛି। ୨୦୨୩ ପରେ ଘଟଣାକ୍ରମ ସୁଧୁରିବା ପରିବର୍ତ୍ତେ ଅଧିକ ବିଗୁଡୁଥିବାର ପରିଲକ୍ଷିତ ହେଉଛି। ତେଣୁ ଏନସିଆରବି ରିପୋର୍ଟରେ ଯେଉଁ ପରିସଂଖ୍ୟାନ ଉପସ୍ଥାପନ କରାଯାଇଛି ତାହା ନିଶ୍ଚିୟ ଚିନ୍ତା ଉଦ୍ରେକକାରୀ।

## ଅଳିକ ଅହଂକାର

ଡୋନାଲ୍ଡ ଟ୍ରମ୍ପଙ୍କ କୋଳାଶ୍ରିତ ହେବା ପରେ ପାକିସ୍ତାନ ନେତାମାନେ ହଠାତ୍ ମୁଖର ହୋଇପଡ଼ିଛନ୍ତି। ଆମେରିକା ପରେ ସାଉଦୀ ଆରବ ସହ ସୁସଂପର୍କକୁ ଏକ କୂଟନୈତିକ ସଫଳତା ରୂପେ ବିଚାର କରି ପାକିସ୍ତାନର ପ୍ରତିରକ୍ଷାମନ୍ତ୍ରୀ ଖାଜା ଆସିଫ ଯେଉଁ ଭାରତ ବିରୋଧୀ ବିବୃତି ଦେଇଛନ୍ତି ତାହାର ସୁଦୂରପ୍ରସାରୀ ପ୍ରଭାବ ନେଇ ଏପର୍ଯ୍ୟନ୍ତ ଅନିଶ୍ଚିତ ଥିବା ମନେହୁଏ। 'ଅପରେସନ ସିନ୍ଦୂର'ର ପରିଣତି ଓ ପରାଭବରୁ ନିଜକୁ ମୁକ୍ତ କରି ନଥିବା ପାକ୍‌ନେତାମାନେ ଆଭ୍ୟନ୍ତରୀଣ କନ୍ଦଳ ଓ ଆତଙ୍କୀ କାର୍ଯ୍ୟକଳାପରେ ବ୍ୟସ୍ତ ଓ ବିବ୍ରତ। ବେଲୁଚିସ୍ତାନ ଓ ଖାଇବରପଖ୍ତୁନଖ୍ୱା ପ୍ରଦେଶରେ ବିଦ୍ରୋହୀଙ୍କୁ ଜବତ କରିବାରେ ପାକ୍ ସେନାଙ୍କ ଅସାମର୍ଥ୍ୟ ପଦାରେ ପଡ଼ି ଯାଇଛି। ଦେଶର ସମଗ୍ର ଶାସନତନ୍ତ୍ର ସେନାବାହିନୀ ନିୟନ୍ତ୍ରଣରେ ଥିବାରୁ ସେମାନଙ୍କ ଇଙ୍ଗିତରେ ନେତାମାନେ ଭାରତ ବିରୋଧରେ ଯୁଦ୍ଧ ପ୍ରସ୍ତୁତ ନେଇ ଅପରିଣାମଦର୍ଶୀ ବୟାନ ଆରମ୍ଭ କରିଛନ୍ତି। ଆସିଫ୍ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନରେ ଐକ୍ୟ ଓ ସଂହତି ପ୍ରତିଷ୍ଠାରେ ଏହା ସହାୟକ ହୋଇଆସିଛି। ଏଥିରୁ ସ୍ପଷ୍ଟ ଯେ ପାକ୍ ସୈନ୍ୟଙ୍କ କ୍ରମାଗତ କାର୍ଯ୍ୟାନୁଷ୍ଠାନ ସତ୍ତ୍ୱେ ବିଚ୍ଛିନ୍ନତାବାଦୀ ଆତଙ୍କୀଙ୍କ ଉପଦ୍ରବ ନିୟନ୍ତ୍ରଣ ହୋଇପାରିନାହିଁ। ତେଣୁ ବିଚଳିତ ଓ ବିବ୍ରତ ସେନାଧ୍ୟକ୍ଷଙ୍କ ବିରୋଧରେ ଦେଶବାସୀଙ୍କ ଅସନ୍ତୋଷ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।

ସମୟର ଆବଶ୍ୟକତା ଦୃଷ୍ଟିରୁ ଅସ୍ଥାୟୀ ଓ କାମଚଳା କୂଟନୈତିକ ସଂପର୍କ ନେଇ ଆଶାର ପିରାମିଡ୍ ଗଢ଼ିବାରେ କାହାକୁ ମନା ନାହିଁ। ଗାଜା ପ୍ରସଙ୍ଗକୁ କେନ୍ଦ୍ରକରି ଆରବ ରାଷ୍ଟ୍ରଙ୍କ ମଧ୍ୟରେ ନୂଆ ଅଙ୍କ କଷିବା ଆରମ୍ଭ ହୋଇଥିବା ବେଳେ ସାଉଦୀ ନେତୃତ୍ୱର ପାକିସ୍ତାନ ଉପରେ ନିର୍ଭରଶୀଳତା ଯେ ଅଧିକ ତାହା ଜଳଜଳ ଦୃଶ୍ୟମାନ ହେଉଛି। ଅନ୍ୟପକ୍ଷରେ ଚୀନ ସହ ପାକିସ୍ତାନ ସଂପର୍କର ଗଭୀରତା ନିକଟରେ ଟ୍ରମ୍ପ ଯେ କେତେବେଳେ ପଛଘୁଞ୍ଚା ଦେବେ ତାହାର କିଛି ଠିକଣା ନାହିଁ। ଏସିଆ କପ ରାଜନୀତିରେ ପାକିସ୍ତାନ ଯେପରି ଅପଦସ୍ତ ହୋଇଛି ତାହା କ୍ରିକେଟ ସହ ସଂଶ୍ଳିଷ୍ଟ କୂଟନୈତିକ ସଂପର୍କରେ ପ୍ରତିବନ୍ଧକ ହୋଇଛି। ଏହି କ୍ରିକେଟ୍ ରାଜନୀତି ସହ ପାକିସ୍ତାନ ଅର୍ଥମନ୍ତ୍ରୀ ପ୍ରତ୍ୟକ୍ଷ ଭାବେ ଜଡିତ ଥିବାରୁ ତାହା ସରକାରଙ୍କ ସକାଶେ ଅଧିକ ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରିଛି। ଏସବୁକୁ ବିଚାର କଲେ ଆସିଫ୍‌ଙ୍କ ଅହଙ୍କାର ଯେ କେତେ ଅଳିକ ତାହା ସହଜରେ ଅନୁମାନ କରାଯାଇପାରେ।

ଆଫଗାନିସ୍ତାନ ସୀମାବର୍ତ୍ତୀ ଖାଇବରପଖ୍ତୁନଖ୍ୱା ପ୍ରଦେଶରେ ସକ୍ରିୟ ଟିଟିପି ଆତଙ୍କବାଦୀ ଗୋଷ୍ଠୀ ବିରୋଧରେ ପାକ ସରକାର ନିଷେଧାଦେଶ ଜାରି କରିଥିଲେ ମଧ୍ୟ ସେମାନଙ୍କ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିନାହିଁ। ବୁଧବାରର ସାମରିକ କାର୍ଯ୍ୟନୁଷ୍ଠାନରେ ୧୯ ଟିଟିପି କାର୍ମୀ ନିହତ ହୋଇଥିଲେ ମଧ୍ୟ ଜଣେ ଲେଫ୍ଟନାଣ୍ଟ କର୍ଣ୍ଣେଲ ଓ ଜଣେ ମେଜରଙ୍କ ସମେତ ୧୧ ଜଣଙ୍କୁ ହରାଇଛି ସେନାବାହିନୀ। ଏହି ପ୍ରଦେଶର ନେତୃତ୍ୱ ପୂର୍ବତନ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କ ପାକିସ୍ତାନ ତେହେରିକ ଇ ଇନସାଫ ଦଳ ହାତରେ ରହିଛି। ସାମରିକ କାର୍ଯ୍ୟନୁଷ୍ଠାନ ପରେ ଅଲ୍ଲି ଅମିନ ଗଣ୍ଡପୁରଙ୍କୁ ସ୍ଥାନରେ ମହମ୍ମଦ ସୋହେଲ ଆଫ୍ରିଦିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଦଳ ଅବସ୍ଥାପିତ କରିଛି। ଅନ୍ୟପକ୍ଷରେ ବେଲୁଚିସ୍ତାନ ଉପକୂଳରେ ଗ୍ୱାଦର ବନ୍ଦର ନିକଟରେ ଆଉ ଏକ ବନ୍ଦର ପ୍ରତିଷ୍ଠା ସକାଶେ ଆମେରିକାକୁ ପ୍ରସ୍ତାବ ଦେଇ ପାକିସ୍ତାନ ଉଭୟ ବିଦ୍ରୋହୀ ବିଏଲଓ ଏବଂ ଚୀନ ଅସନ୍ତୋଷର କାରଣ ହୋଇଛି। ଏଭଳି ପ୍ରତିକୂଳ ପରିସ୍ଥିତିରେ ପାକ୍ ନେତାଙ୍କ ମିଛ ଅହଂକାର କାହିଁକି?

# ଓଡ଼ିଶାର ବିକାଶ ଓ ସୁସମ୍ପନ୍ନ ସହରୀକରଣ

**ଡ. ପିୟୁଷ ରଞ୍ଜନ ରାଉତ**

ବିଶ୍ୱର ନିରନ୍ତର ବିକାଶଯାତ୍ରାରେ ଆଧୁନିକ ସହର ଯୋଜନା ଏକ ଅପରିହାର୍ଯ୍ୟ ଅଙ୍ଗ। ସାମ୍ପ୍ରତିକ ବିବିଧତା ଭରା ଆହ୍ୱାନରେ ସହରର ଆକାର ବଢ଼େଇବା ଅପେକ୍ଷା ସ୍ୱଳ୍ପ ସମୟ ମଧ୍ୟରେ ବିକଶିତ କରିବାର ଆବଶ୍ୟକତା ରହିଛି। ଏହି ପରିପ୍ରେକ୍ଷୀରେ 'ପନ୍ଦର ମିନଟ ସହର ଯୋଜନା' ଏକ ସୁନ୍ଦର ପରିକଳ୍ପନା। ପନ୍ଦର ମିନିଟ ସହର ଯୋଜନାର କେନ୍ଦ୍ରବିନ୍ଦୁ ହେଉଛି, ଦୈନନ୍ଦିନ ଜୀବନରେ ମଣିଷର ଜୀବନଶୈଳୀରେ ଯାହା ଆବଶ୍ୟକ, ଯେପରି ପନ୍ଦର ମିନଟ ଦୂରତ୍ୱ ମଧ୍ୟରେ ତାହା ମିଳିପାରୁଥିବ। ଜଣେ ସାଇକେଲ ଚଳାଇ କିମ୍ବା ଚାଲିକି ଯାଇ ଆଣି ପାରୁଥିବ। ଯେତେବେଳ ଦୂର ଜାଗାକୁ ଯାତ୍ରା କରିବାର ଥିବ ସେତେବେଳେ ସର୍ବସାଧାରଣ ପାଇଁ ଉଦିଷ୍ଟ ବସ ପରିବହନ ବ୍ୟବହାର କରିପାରିବେ ଅବା ନିଜର କାର ବ୍ୟବହାର କରିପାରିବେ। ଏହା ଲୋକମାନଙ୍କ ପାଇଁ ଏକ ବନ୍ଧୁତ୍ୱପୂର୍ଣ୍ଣ ଭାଇଚାରାର ସହର ସୃଷ୍ଟି କରିବ। ପରିସ୍ଥିତିକୁ ବଦଳାଇ ପାରିବାର ଦକ୍ଷତା ରଖିଥିବ। ଅଧିବାସୀଙ୍କର ଆବଶ୍ୟକତା ଅନୁସାରେ ଯୋଜନା ପ୍ରସ୍ତୁତ ହେବ। ଫଳସ୍ୱରୂପ ଗୋଟିଏ ସହର ମଧ୍ୟରେ ଅନେକ ଆତ୍ମନିର୍ଭରଶୀଳ ସହର ଗଢ଼ିଉଠିବ।

ଶିଳ୍ପ ବିପ୍ଳବ ପରେ ଏବଂ କାର ଉଦ୍ଭାବନ ପରେ ଯେଉଁ ସହର ଯୋଜନା ପ୍ରସ୍ତୁତ ହେଉଥିଲା, ତାହା କେବଳ ଧନୀ ଓ ଗରିବ ମଧ୍ୟରେ ଦୂରତ୍ୱ ସୃଷ୍ଟି କରୁଥିଲା। ସହର ମଧ୍ୟରେ ବାସସ୍ଥାନ, କର୍ମକ୍ଷେତ୍ର, ଶିଳ୍ପ, ବାଣିଜ୍ୟ ପାଇଁ ଅଲଗା ଅଲଗା ସ୍ଥାନ ନିରୂପଣ ହେଉଥିଲା, ଯାହା ସହରକୁ ଖଣ୍ଡବିଖଣ୍ଡ କରିଦେଉଥିଲା। ତେଣୁ ସମୟକ୍ରମେ ପନ୍ଦର ମିନିଟର ସହରୀ ଯୋଜନା ପରିକଳ୍ପନା କରାଗଲା।

ଆଜିର ସହରୀକରଣର ମୁଖ୍ୟ ଆହ୍ୱାନ ହେଉଛି ସହରାଞ୍ଚଳରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରତିହତ କରିବା ଲାଗି ସ୍ଥାନୀୟ ଯୋଜନା ଏବଂ ତା'ର ସଫଳ ରୂପାୟନ। ଆମେ ବର୍ତ୍ତମାନ ଏପରି ଏକ ସହରୀ ସଭ୍ୟତାରେ ବସବାସ କରୁଛେ, ଯାହାକୁ ସହର ଶତାବ୍ଦୀ ବୋଲି କହିବାରେ ଦ୍ୱିଧା ନାହିଁ। ମିଳିତ ଜାତିସଂଘର ଭବିଷ୍ୟତ ଚିନ୍ତାଧାରା ଅନୁସାରେ ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱରେ ୭୦% ଲୋକ ସହରରେ ବସବାସ କରିବେ। ସହରୀକରଣ ବିଶ୍ୱର ବହୁଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ବଡ଼ ଭୂମିକା ଗ୍ରହଣ କରିଛି। ଆପାତତଃ ବିଶ୍ୱର ୭୫% ଅର୍ଥନୀତିର ଆଦାନ ପ୍ରଦାନ ସହର ମଧ୍ୟରେ ଘଟିଥାଏ, ଯାହାକି ବହୁତ ଲୋକଙ୍କୁ ଗରିବ ସୀମା ରେଖାରୁ ଉପରକୁ ଉଠେଇବାରେ ସହାୟକ ହୋଇଛି। ସହରୀକରଣରେ ଅଧିକ ପ୍ରାକୃତିକ ସମ୍ବଳ ବ୍ୟବହାର ହୋଇଥାଏ। ବିଶ୍ୱର ୩% ସ୍ଥାନ ସହର ପାଇଁ ବ୍ୟବହୃତ ହୁଏ। ସେହିପରି ବିଶ୍ୱର ୬୦% ସହର ଅଧିବାସୀ ଏହାର ୭୫% ସମ୍ବଳ ବ୍ୟବହାର କରିଥା'ନ୍ତି। ସହରରେ ବସବାସ କରୁଥିବା ଲୋକ ବିଶ୍ୱର ଦୁଇ-ତୃତୀୟାଂଶ ଶକ୍ତି ବ୍ୟବହାର କରିଥା'ନ୍ତି, ଯାହା ଗ୍ରୀନ୍ ହାଉସ୍ ଗ୍ୟାସ୍ ନିର୍ଗମନରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଆଗାମୀ ଦିନରେ ଏହି ଆହ୍ୱାନର ମୁକାବିଲା କରିବା ପାଇଁ ସହରଗୁଡ଼ିକୁ ଏକ ଉନ୍ନତଶୈଳୀରେ ପରିବେଶ ସୁରକ୍ଷିତ କରି ଗଢ଼ିବାକୁ ପଡ଼ିବ।

ଭାରତ ଏକ ବୃହତ ସହରୀକରଣ ଦିଗରେ ଅଗ୍ରସର। ୨୦୩୦ସୁଦ୍ଧା ସମ୍ଭବତଃ ୩୫୦ ନିୟୁତ ଜନସଂଖ୍ୟା ସହରରେ ବସବାସ କରୁଥିବେ ଏବଂ ୨୦୫୦ ବେଳକୁ ଏହା ୭୦୦ ନିୟୁତରେ ପହଞ୍ଚିବ। ସେହିଭଳି ଓଡ଼ିଶାର ଜନସଂଖ୍ୟାର ୧୬% ଲୋକେ ବର୍ତ୍ତମାନ ସହରରେ ବସବାସ କରୁଛନ୍ତି, ଯାହାକି ୨୦୩୦ ବେଳକୁ ସମ୍ଭବତଃ ୨୫% ପହଞ୍ଚିପାରେ।

କିନ୍ତୁ ସହରାଞ୍ଚଳରେ ବସବାସ କରିବା ପାଇଁ ଯେଉଁଭଳି ମାନଦଣ୍ଡର ସୁବିଧା ସୁଯୋଗ ରହିବା କଥା ଆଜି ମଧ୍ୟ ତାହା ଦେଖିବାକୁ ମିଳୁନି। ଯାହାଫଳରେ ସହରମାନଙ୍କରେ ସମସ୍ୟା ବଢ଼ିବାରେ ଲାଗିଛି। ଭାରତରେ ସହର ଭିତ୍ତିଭୂମି ବିକାଶ ପାଇଁ ପ୍ରତି ବାସିନ୍ଦାଙ୍କ ପାଇଁ ଖର୍ଚ୍ଚ ହେଉଛି ହାରାହାରି ୨୦ ଆମେରିକୀୟ ଡଲାର, ଯାହାକି ବ୍ରିଟେନରେ ୮୦୦ ଆମେରିକୀୟ ଡଲାର ଏବଂ ଚୀନରେ ୧୨୦ ଆମେରିକୀୟ ଡଲାର। ସମ୍ଭବତଃ ଭାରତରେ ଗ୍ରାମାଞ୍ଚଳ ଅପେକ୍ଷା ବହୁତ କମ ଅର୍ଥ ପ୍ରଦାନ କରାଯାଉଥିବାରୁ ସହରଗୁଡ଼ିକ ବିଶ୍ୱସ୍ତରରେ ପଛରେ ପଡ଼ିଯାଇଛନ୍ତି।

ଓଡ଼ିଶାର ସହରଗୁଡ଼ିକୁ ଯୋଜନାବଦ୍ଧ ଓ ସୁନ୍ଦର କରିବା ପାଇଁ ଏହା ହିଁ ଏକ ପ୍ରକୃଷ୍ଟ ସୁଯୋଗ। ଯୋଜନାବଦ୍ଧ ସୁନ୍ଦର ସହରର ଅର୍ଥ ନୁହେଁ କେବଳ ଉଚ୍ଚ ଅଟ୍ଟାଳିକା, ଚଉଡ଼ା ରାସ୍ତା। ବରଂ ସହରକୁ ଗରିବ ମୁକ୍ତ କରିବା, ଅର୍ଥନୈତିକ ଅଭିବୃଦ୍ଧି, ପରିବେଶ ସନ୍ତୁଳିତ ଏବଂ ଜଳବାୟୁ ପରିବର୍ତ୍ତନକୁ ନେଇ ଯୋଜନା ଆଧାରରେ ପ୍ରସ୍ତୁତ କରିବା। ଯେପରି ଦକ୍ଷିଣ କୋରିଆ ସିଓଲ ସହରକୁ ସମଗ୍ର ବିଶ୍ୱ ପାଇଁ ଉଦାହରଣୀୟ କରିପାରିଛି। ମାତ୍ର ତିରିଶ ବର୍ଷ ମଧ୍ୟରେ ଏକ ଗରିବ କୃଷିପ୍ରଧାନ ଦେଶରୁ ବିଶ୍ୱର ପ୍ରମୁଖ ଅର୍ଥନୈତିକ ପେଣ୍ଠସ୍ଥଳୀ ଏବଂ ବିଶ୍ୱର ଅନ୍ୟତମ ବିକଶିତ ସହରରେ ପରିବର୍ତ୍ତନ ହୋଇପାରିଛି। ପାରମ୍ପରିକ ସହର ଯୋଜାନାଠାରୁ ବହୁମାତ୍ରାରେ ଉନ୍ନତ ଓ ଲୋକାଭିମୁଖୀ କରି ଦକ୍ଷିଣ କୋରିଆ ଏହି ସଫଳତା ହାସଲ କରିଛି।

ସିଓଲ ଭଳି ବିଶ୍ୱରେ ଅନେକ ସହର ଅଛି, ଯେଉଁଗୁଡ଼ିକ ନୂତନତ୍ୱକୁ ମାନଦଣ୍ଡ କରି ଆଜି ସାରା ବିଶ୍ୱ ପାଇଁ ଉଦାହରଣ ହେଇପାରିଛନ୍ତି। ଆଉ ଏକ ସହର ହଉଛି ବୋଗଟା ଯାହାକି ବିଶ୍ୱରେ ସୁନ୍ଦର ପରିବହନ ପରିକଳ୍ପନା କରି ସ୍ୱଳ୍ପ ସମୟ ଯୋଜନାର ସହର ଭାବେ ଆପଣେଇ ପାରିଛନ୍ତି। ବୋଗଟା ସହର ନିଜ ଲୋକଙ୍କ ପାଇଁ କାର ରାସ୍ତା କରିବା ଅପେକ୍ଷା ୪୦୦ କିମି. ସାଇକେଲ ରାସ୍ତା ପ୍ରସ୍ତୁତ କରିଛନ୍ତି, ଯାହାକୁ ୪୦% ରୁ ଅଧିକ ଲୋକେ ଦୈନିକ ବ୍ୟବହାର କରୁଛନ୍ତି। ସେହିଭଳି କୁରୀଟିବା ସହର ବସ ପରିବହନ ପାଇଁ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିପାରିଛି। ଜାପାନର ୟୋକହମା ସହର ଲୋକସଂଖ୍ୟା ବଢ଼ିବା ପରେ ବି ବର୍ଜ୍ୟ ନିଷ୍କାସନକୁ ୪୦% ପର୍ଯ୍ୟନ୍ତ ହ୍ରାସ କରିପାରିଛନ୍ତି କେବଳ ଲୋକଙ୍କ ମଧ୍ୟରେ ପରିବେଶ ସମ୍ବନ୍ଧୀୟ ସଚେତନତା ଓ ସହଯୋଗିତା ଯୋଗୁଁ।

ଆମ ରାଜଧାନୀ ଭୁବନେଶ୍ୱର ପାଇଁ ମଧ୍ୟ ଏଭଳି ଅପାର ସମ୍ଭାବନା ରହିଛି। ଭୁବନେଶ୍ୱର ଆଜିକୁ ସାତ ଦଶନ୍ଧି ପୂର୍ବେ ଦୂରତ୍ୱ ଅନୁସାରେ 'ପନ୍ଦର ମିନିଟ ସହର' ଭାବେ ଗଢ଼ା ଯାଇଥିଲା। କିନ୍ତୁ ସମୟ ସହିତ ତାଳ ନ ଦେଇପାରିବା ଯୋଗୁଁ ଲକ୍ଷ୍ୟରୁ ଦୂରେଇ ଯାଇଛି। 'ପନ୍ଦର ମିନିଟର ସହର' ପରିକଳ୍ପନା ବର୍ତ୍ତମାନ ସମୟରେ ଆବଶ୍ୟକତା। କାରଣ ଭବିଷ୍ୟତରେ ଜନସଂଖ୍ୟା ବୃଦ୍ଧି ସହିତ ଯେତେ ବଡ଼ ସହର ହେବ ସେତେ ଅଧିକ ସମସ୍ୟା ସୃଷ୍ଟି ହେବ। ଭୂମି, ଜଳ, ଗ୍ୟାସ ଏତେ ସହଜରେ ମିଳିନପାରେ; ତେଣୁ ଆମକୁ ଅଳ୍ପ ସମୟ ଏବଂ ଦୂରତ୍ୱ ମଧ୍ୟରେ କିପରି ଅଧିକ ଲୋକ ବସବାସ କରିପାରିବେ ଏବଂ ସୁରକ୍ଷିତରେ ରହିପାରିବେ ସେଥିପ୍ରତି ଧ୍ୟାନ ଦେବାକୁ ପଡ଼ିବ।

ଭୁବନେଶ୍ୱର ଏକ ଯୋଜନାବଦ୍ଧ, ପରିବେଶ ସନ୍ତୁଳିତ ଏବଂ ସମସ୍ତଙ୍କ ପାଇଁ ଉଦିଷ୍ଟ ସହର ଭଳି ଗଢ଼ି ଉଠୁ, ଯାହାକି ଅନ୍ୟ ସହର ପାଇଁ ଉଦାହରଣ ହେବ। କାରଣ ଦେଶ ଓ ରାଜ୍ୟର ଭବିଷ୍ୟତ ଦକ୍ଷତା ସମ୍ପନ୍ନ ସହରୀକରଣ ଉପରେ ନିର୍ଭରଶୀଳ। ଉପରେ।"

(ସହର ଯୋଜନା ବିଶେଷଜ୍ଞ)
ଭୁବନେଶ୍ୱର, ମୋ: ୯୪୩୭୦୧୭୬୭୦୭

## ଚିକିତ୍ସା ବିଜ୍ଞାନ ନୋବେଲ-୨୦୨୫

# ପ୍ରତିରକ୍ଷା ତନ୍ତ୍ରୀ-ସଜାଗପ୍ରହରୀର ଆବିଷ୍କାର

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ମେରୀ ଇ ବ୍ରଙ୍କୋ, ଫ୍ରେଡ ରାମସଡେଲ ଓ ଡାକ୍ତର ସାଇମୋନ୍ ସାକାଗୁଚି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାର ଗୌରବ ପ୍ରାପ୍ତ ହୋଇଛନ୍ତି। ପ୍ରଥମ ବିଜ୍ଞାନୀଦ୍ୱୟ ଆମେରିକୀୟ, ଡାକ୍ତର ସାକାଗୁଚି ଜାପାନର ଅଧିବାସୀ। ମେରୀ ବ୍ରଙ୍କୋ ଜଣେ ମହିଳା। ସେମାନଙ୍କ ବୟସ ଯଥାକ୍ରମେ ୬୪, ୬୪ ଓ ୭୪। ମେରୀ ବ୍ରଙ୍କୋ ଜିନୋମିକ୍ସ ଓ ଅଟୋଇମ୍ୟୁନ୍ ରୋଗ ଉପରେ ଗବେଷଣା କରୁଛନ୍ତି ସିୟାଟେଲ ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଫର ସିଷ୍ଟମସ ବାୟୋଲୋଜି ପ୍ରତିଷ୍ଠାନରେ। ଫ୍ରେଡ ରାମସଡେଲ ସାନଫ୍ରାନସିସ୍‌କୋର ସୋନୋମା ବାୟୋ ନାମକ ଏକ ଜୈବ ପ୍ରଯୁକ୍ତି ସଂସ୍ଥାରେ ଗବେଷଣାରତ। ସାଇମୋନ୍ ସାକାଗୁଚି ଜାପାନର ସୋକା ବିଶ୍ୱବିଦ୍ୟାଳୟରେ ଇମ୍ୟୁନୋଲୋଜି ବିଭାଗର ପ୍ରଫେସର।

ଗୋଟିଏ ଗୋଷ୍ଠୀର ରୋଗ ଅଛନ୍ତି, ଯେଉଁଗୁଡ଼ିକୁ କୁହାଯାଏ ଅଟୋଇମ୍ୟୁନ। 'ଅଟୋ' ଏକ ଗ୍ରୀକ୍ ଶବ୍ଦ। ଏହାର ଅର୍ଥ ସ୍ୱ ବା ନିଜର। 'ଇମ୍ୟୁନ'ର ଅର୍ଥ ରୋଗ କବଳରୁ ପ୍ରତିରୋଧକ୍ଷମ। ଆମ ଶରୀରରେ ରହିଛି ବିଭିନ୍ନ ତନ୍ତ୍ର। ପ୍ରତ୍ୟେକ ତନ୍ତ୍ରର କାର୍ଯ୍ୟ ନିର୍ଦ୍ଦିଷ୍ଟ। ସେହି ତନ୍ତ୍ରଗୁଡ଼ିକ ମଧ୍ୟରୁ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ହେଉଛି ଅନ୍ୟତମ। ଜୀବାଣୁ, ଭୂତାଣୁ ଓ ଅନ୍ୟାନ୍ୟ ଅଣୁଜୀବଗୁଡ଼ିକର ଆକ୍ରମଣରୁ ଶରୀରକୁ ସୁରକ୍ଷିତ ରଖିବା ହେଉଛି ପ୍ରତିରକ୍ଷା ତନ୍ତ୍ରର କାମ। କିନ୍ତୁ ପ୍ରତିରକ୍ଷା ତନ୍ତ୍ରଗୁଡ଼ିକ ବେଳେ ବେଳେ ହୋଇପଡ଼େ ରୋଗ ସୃଷ୍ଟିର କାରଣ। ନିଜସ୍ୱ ପ୍ରତିରକ୍ଷା ତନ୍ତ୍ର ବା ଇମ୍ୟୁନ ସିଷ୍ଟମ ଦ୍ୱାରା ସୃଷ୍ଟି ହେଉଥିବାରୁ ସେହି ରୋଗଗୁଡ଼ିକୁ ଡାକ୍ତରୀ ଭାଷାରେ 'ଅଟୋଇମ୍ୟୁନ୍' ରୋଗ ବୋଲି କହନ୍ତି। ଏବେ ଏହିଧରଣର ରୋଗସଂଖ୍ୟା ବଢ଼ି ଚାଲିଛି। ଏ ସଂପର୍କିତ ଗବେଷଣାକୁ ସ୍ୱୀକୃତି ଜଣେଇ ନୋବେଲ ପୁରସ୍କାର କମିଟି ପ୍ରଦାନ କରିଛି ୨୦୨୫ ମସିହାର ଚିକିତ୍ସା ବିଜ୍ଞାନ ନୋବେଲ ପୁରସ୍କାର। ପୁରସ୍କାରଟି ପ୍ରଦତ୍ତ ହୋଇଛି 'ପେରିଫେରାଲ ଇମ୍ୟୁନ ଟଲେରାନ୍ସ' ବା 'ପ୍ରାନ୍ତୀୟ ରୋଗ ପ୍ରତିରକ୍ଷା ସହନଶୀଳତା' ବିଷୟକ ସେମାନଙ୍କର ଯୁଗାନ୍ତକାରୀ ଆବିଷ୍କାର ପାଇଁ। ପୁରସ୍କାର ବାବଦକୁ ପ୍ରତ୍ୟେକ ନୋବେଲ ବିଜେତାଙ୍କୁ ଦିଆଯିବ ୪ ଲକ୍ଷ ଡଲାର (ଭାରତୀୟ ମୁଦ୍ରାର ପାଖାପାଖି ୩୫୦ ଲକ୍ଷ ଟଙ୍କା), ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ପଦକ ଓ ପୁରସ୍କାର ପ୍ରମାଣପତ୍ର ବା ନୋବେଲ ଡିପ୍ଲୋମା। ଏହା ପ୍ରଦତ୍ତ ହେବ ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲ୍‌ଫ୍ରେଡ୍ ନୋବେଲଙ୍କ ତିରୋଧାନ ଦିବସ ଡିସେମ୍ବର ୧୦ ତାରିଖରେ। ଏହି ଦିବସକୁ 'ନୋବେଲ ଦିବସ' ଭାବରେ ପାଳନ କରାଯାଏ।

ପ୍ରଶ୍ନ ଉଠେ, ଆମ ଶରୀରରେ ଯଦି ପ୍ରତିରକ୍ଷା ତନ୍ତ୍ର ଭଳି ଏକ ସ୍ୱତନ୍ତ୍ର ପ୍ରଣାଳୀ ଆମକୁ ସୁରକ୍ଷିତ ରଖିବା ପାଇଁ କାମ କରୁଛି ଏବଂ ତାହା ଶରୀରର ସୁସ୍ଥ କୋଷଗୁଡ଼ିକୁ ସୁରକ୍ଷିତ ରଖି ରୋଗ ସୃଷ୍ଟିକାରୀ ଜୀବାଣୁ ଭୂତାଣୁ ଇତ୍ୟାଦିକୁ ଆକ୍ରମଣ କରି ଧ୍ୱଂସ କରିଦେଉଛି; ତେବେ ଆମ ଭିତରୁ କେତେକ ପୁଣି ଅଟୋଇମ୍ୟୁନ ରୋଗ ଦ୍ୱାରା ଆକ୍ରାନ୍ତ ହୋଇପଡୁଛନ୍ତି କିପରି? କାହିଁକି ଅବା ଆମେ ସମସ୍ତେ ଅଟୋଇମ୍ୟୁନ ରୋଗ ଭୋଗୁନେ? ସାଇମୋନ ସାକାଗୁଚି ଆବିଷ୍କାର କଲେ ଏକନୂତନ ପ୍ରକାରର ଇମ୍ୟୁନ୍ ସେଲ୍‌ଫ। ସେହି ସେଲ ବା କୋଷର ନାଁ 'ରେଗୁଲେଟରୀ ଟିସେଲ'। ସଂକ୍ଷେପରେ 'ଟି ରେଗ୍‌ସ ରେଗୁଲେଟରୀ ଟି ସେଲ' ହେଉଛି ନିଅନ୍ତ୍ରଣକାରୀ। ତାହା ସିକ୍ୟୁରିଟି ଗାର୍ଡ ବା ନିରାପତ୍ତା ରକ୍ଷୀ ଭାବରେ କାର୍ଯ୍ୟ କରି ଶରୀରର ସୁସ୍ଥକୋଷଗୁଡ଼ିକୁ ପ୍ରତିରକ୍ଷା ତନ୍ତ୍ରର ଆକ୍ରମଣରୁ ରକ୍ଷା କରେ। ଯେଉଁ ପ୍ରତିରକ୍ଷାତନ୍ତ୍ର ପୁଲିସ ଭଳି କାମ କରି ରୋଗ ସୃଷ୍ଟି କରୁଥିବା ଜୀବାଣୁ ଭୂତାଣୁମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ କାବୁ କରି ଦେଉଛି, ସେହି ପ୍ରତିରକ୍ଷା ତନ୍ତ୍ର ଯେପରି ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ ନ କରି ପାରିବ ସେଥିପ୍ରତି ପୁଲିସ ଭଳି ସେଥିପ୍ରତି କଡ଼ା ନିଘା ରଖିଛି ରେଗୁଲେଟରୀ ଟି ସେଲ ବା ନିରାପତ୍ତା ରକ୍ଷୀ। ଫଳରେ ପ୍ରତିରକ୍ଷା ତନ୍ତ୍ର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରୁନାହିଁ।

ପ୍ରଶ୍ନ ଉଠେ ରେଗୁଲେଟରୀ ଟି ସେଲ ରହିଥିବା ସତ୍ତ୍ୱେ ନିରାପତ୍ତା ରକ୍ଷୀ ଭାବରେ ତାହା ପ୍ରତିରକ୍ଷା ତନ୍ତ୍ର ଉପରେ ସତର୍କ ଦୃଷ୍ଟି ରଖିଥିବା ସତ୍ତ୍ୱେ, ପୁଣି ପ୍ରତିରକ୍ଷା ତନ୍ତ୍ର ତା'ର ଭାରସାମ୍ୟ ହରେଇ ସୁସ୍ଥକୋଷକୁ ଆକ୍ରମଣ କରି ପକାଉଛି କିପରି? କିପରି ପୁଣି ଜାତ ହୋଇପାରୁଛି ଅଟୋଇମ୍ୟୁନ ରୋଗ? ଏହି ଆବିଷ୍କାରର ରହିଛି ଏକ ଦ୍ୱିତୀୟ ଅଂଶ। ଦ୍ୱିତୀୟ ଅଂଶଟିର ଆବିଷ୍କାରକ ହେଉଛନ୍ତି ମେରୀ ବ୍ରଙ୍କୋ ଓ ଫ୍ରେଡ ରାମସଡେଲ। ସେମାନେ ଏପରି ଏକ ପ୍ରଜାତିର ମୂଷାଙ୍କ ସନ୍ଧାନ ପାଇଲେ, ଯେଉଁ ମୂଷାମାନେ ଅଟୋଇମ୍ୟୁନ ରୋଗ ପ୍ରତି ଅତିମାତ୍ରାରେ ସଂବେଦନଶୀଳ। ରୋଗଭୋଗୀ ଅଳ୍ପ କେଇଟି ସପ୍ତାହ ଭିତରେ ସେମାନେ ମୃତ୍ୟୁବରଣ କରିବା ପାଇଁ ବାଧ୍ୟ ହୋଇଥା'ନ୍ତି। ସେହି ପ୍ରଜାତିର ମୂଷାଙ୍କୁ କୁହାଯାଉଛି ସ୍କର୍ଫି। କେବଳ ଅଣ୍ଡିରା ମୂଷା ଏଥିରେ ଆକ୍ରାନ୍ତ ହେଉଥିବାରୁ ମେରୀ ଓ ଫ୍ରେଡ ସିଦ୍ଧାନ୍ତରେ ପହଞ୍ଚିଲେ ଯେ ଅଣ୍ଡିରା ସ୍କର୍ଫି ମୂଷାଙ୍କ ଏକ୍ସ କ୍ରୋମୋଜୋମରେ କିଛି ତ୍ରୁଟି ରହିଛି। ଆହୁରି ଅଧିକ ଅନୁଧ୍ୟାନ କରି ସେମାନେ ଦେଖିଲେ ଯେ ଏକ୍ସ କ୍ରୋମୋଜୋମ୍‌ରେ ଫକ୍ସପି ୩ ନାମକ ଏକ ଜିନ୍‌ରେ ରହିଛି ଏକ ପରିବର୍ତ୍ତନ (ଜିନରେ ଏଭଳି ପରିବର୍ତ୍ତନକୁ ବିଜ୍ଞାନ ଭାଷାରେ କୁହାଯାଏ ମ୍ୟୁଟେସନ)। ଫକ୍ସପି ୩ ଜିନରେ ମ୍ୟୁଟେସନ ଯୋଗୁଁ ହିଁ ମୂଷା ଅଟୋଇମ୍ୟୁନ ରୋଗରେ ଆକ୍ରାନ୍ତ ହୋଇପଡୁଛନ୍ତି। ସେମାନେ ଏହା ବି ଦେଖିଲେ ଯେ ମଣିଷ ଶିଶୁମାନଙ୍କ ଭିତରୁ କେତେକ ଭୋଗିଥା'ନ୍ତି ଆଇପେକ୍ସ ନାମକ ଗୁରୁତର ଅଟୋଇମ୍ୟୁନ ରୋଗ। ସେହି ରୋଗୀଙ୍କଠାରେ ବି ଫକ୍ସପି ୩ଜିନରେ ପରିଲକ୍ଷିତ ହୋଇଛି ମ୍ୟୁଟେସନ। ସୁତରାଂ ମେରୀ ଓ ଫ୍ରେଡ ନିଶ୍ଚିତ ହୋଇଗଲେ ଯେ ଫକ୍ସପି ୩ ରେ ମ୍ୟୁଟେସନ କରେଇପାରେ ଅଟୋଇମ୍ୟୁନ୍ ରୋଗ।

ଏହି ତଥ୍ୟ ମିଳିଗଲା ପରେ ସାକାଗୁଚି ପୁଣି ଲାଗିପଡ଼ିଲେ ଗବେଷଣାରେ। ଦୁଇବର୍ଷ ଧରି ଗବେଷଣା ପରେ ସାକାଗୁଚି ଦର୍ଶେଇଦେଲେ ଯେ ଫକ୍ସପି ୩ ଜିନଟି ନିୟନ୍ତ୍ରଣ କରିଥାଏ ରେଗୁଲେଟରି ଟି ସେଲର ବିକାଶକୁ। ଫଳରେ ପ୍ରତିରକ୍ଷା ତନ୍ତ୍ର ଶରୀରର ସୁସ୍ଥ କୋଷଗୁଡ଼ିକୁ ଆକ୍ରମଣ କରିପାରେନି। କିନ୍ତୁ ଫକ୍ସପି୩ ଜିନରେ ମ୍ୟୁଟେସନ ହୋଇ ତାହା ତ୍ରୁଟିଯୁକ୍ତ ହୋଇ ପଡ଼ିଲେ ରେଗୁଲେଟରୀ ଟି ସେଲ ବା ପ୍ରତିରକ୍ଷା ତନ୍ତ୍ରର ନିରାପତ୍ତାର ରକ୍ଷୀ ଦାୟିତ୍ୱ ନିର୍ବାହ କରିବାରେ ବିଫଳ ହେବାରୁ ଜାତ ହୋଇପଡ଼େ ଅଟୋଇମ୍ୟୁନ ରୋଗ।

ଆମର ଅତିପରିଚିତ ରିଉମାଟଏଡ ଆଥ୍ରାଇଟିସ ନାମକ ଗଣ୍ଠିରୋଗ ଓ ଟାଇପ-୧ ଡାଇବେଟିସ ହେଉଛି ଅଟୋଇମ୍ୟୁନ ରୋଗର ଉଦାହରଣ। ଅଙ୍ଗ ପ୍ରତିରୋପଣ ଓ କେତେକ କ୍ୟାନସରରେ ମଧ୍ୟ ଏହି ଆବିଷ୍କାରର ଗୁରୁତ୍ୱ ରହିଛି। ମାତ୍ର ରେଗୁଲେଟରୀ ଟି ସେଲ ଭିତ୍ତିକ ଚିକିସା ପଦ୍ଧତି ସଂପ୍ରତି ରହିଛି ପରୀକ୍ଷା ସ୍ତରରେ। ହେଲେ ଏହି ଚିକିତ୍ସା ପଦ୍ଧତିର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ।

କଟକ, ମୋ: ୯୪୩୭୭୬୬୧୧୭

# ତିବ୍ବତରେ ବୌଦ୍ଧ ବିହାର

**ପ୍ରବୀର କୁମାର ପଟ୍ଟନାୟକ**

ପୂର୍ବପ୍ରକାଶିତ ଉତ୍ତାରୁ...

ପ୍ରାୟତଃ ସମସ୍ତ ବୌଦ୍ଧବିହାର ଶିକ୍ଷାକେନ୍ଦ୍ର ଭାବେ କାର୍ଯ୍ୟ କରିଥା'ନ୍ତି। ଏଗୁଡ଼ିକରେ ତିବ୍ବତୀୟ ଭାଷାରେ ଅନୁଦିତ କଞ୍ଜୁର ଓ ତଞ୍ଜୁର ଦୁଇଟି ବର୍ଗର ଧର୍ମୀୟ ପୁସ୍ତକ ତଥା ବିଭିନ୍ନ ଶାସ୍ତ୍ରସବୁର ବିଶାଳ ଭଣ୍ଡାର ସଂଗୃହୀତ। ତିବ୍ବତରେ ବୌଦ୍ଧବିହାର ତଥା ମନ୍ଦିରମାନ ପ୍ରତିଷ୍ଠା କାର୍ଯ୍ୟ ତଥା ଏଥିପାଇଁ ରାଜକୀୟ ଅଥବା ଶାସକୀୟ ସହାୟତା, ମୁଖିଆ ତଥା ଅଭିଜାତ ବର୍ଗର ସହାୟତା ପ୍ରାପ୍ତି ସପ୍ତମ /ଅଷ୍ଟମ ଶତାବ୍ଦୀରୁ ଆରମ୍ଭ ହୋଇ ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଚାଲି ରହିଲା। ଭାରତ ଭଳି ତିବ୍ବତୀୟ ବୌଦ୍ଧ ଧର୍ମରେ ମଧ୍ୟ ବିଭିନ୍ନ ସଂପ୍ରଦାୟ ରହିଛନ୍ତି। ଏହିମାନେ ଧର୍ମର ପ୍ରଚାର ପ୍ରସାର ଅଧିକ ମାତ୍ରାରେ କରିଛନ୍ତି। ଏହି ସଂପ୍ରଦାୟଗୁଡ଼ିକ ମଧ୍ୟରେ ମୁଖ୍ୟ ହେଲେ ନିଙ୍ଗ୍‌ମାପା, ଶାସ୍‌କ୍ୟାପା ଓ କାବ୍‌ରଗ୍ୟୁଡପା। ମିଳିତ ଭାବେ ଏମାନେ 'ନାଲିଟୋପି' ସଂପ୍ରଦାୟ ଭାବେ ପରିଚିତ ଏବଂ ଏମାନଙ୍କର ସବୁଠାରୁ ଅଧିକ ସଂଖ୍ୟକ ବିହାର ରହିଛି।



ତିବ୍ବତ ହେଉଛି ବୌଦ୍ଧ ବିହାରର ଦେଶ। ସେଥିମଧ୍ୟରୁ କେତେକ ଉଲ୍ଲେଖଯୋଗ୍ୟ ବିହାର ହେଲା (୧) ସମୟେ- ଏହା ହେଉଛି ରାଜା ଖ୍ରୀ-ସ୍ରନ୍‌ଙ୍କ ଦ୍ୱାରା ପଦ୍ମସମ୍ଭବ ଓ ଶାନ୍ତରକ୍ଷିତଙ୍କ ସହାୟତାରେ ଲାସା ନିକଟରେ ନିର୍ମିତ ପ୍ରଥମ ବୌଦ୍ଧ ମହାବିହାର। ଏହି ମହାବିହାରଟି ମଗଧର ଓଦନ୍ତପୁରୀ ମହାବିହାର ଅବିକଳ ଢାଞ୍ଚାରେ ଖ୍ରୀ ୭୪୯ ରେ ନିର୍ମିତ ହୋଇଥିଲା। ଏହାଥିଲା

### ଦ୍ୱିତୀୟ-ବୁଦ୍ଧ କଥା

ତିବ୍ବତର ମୁଖ୍ୟ ତଥା ପ୍ରଧାନ ବୌଦ୍ଧ ଶିକ୍ଷାକେନ୍ଦ୍ର। ଆଚାର୍ଯ୍ୟ ଶାନ୍ତରକ୍ଷିତ ଏହି ବିହାରର ପ୍ରଥମ ମୁଖ୍ୟ ଆଚାର୍ଯ୍ୟ ଭାବେ ନିଯୁକ୍ତ ହୋଇ ଜୀବନର ଶେଷକାଳ ପର୍ଯ୍ୟନ୍ତ ସେହି ଦାୟିତ୍ୱ ତୁଲାଇଥିଲେ। ଏହି ବିହାରର ଅଧିକାଂଶ ଭିକ୍ଷୁ ନିଙ୍ଗ୍‌ମାପା ସଂପ୍ରଦୟର ହୋଇଥିଲେ ମଧ୍ୟ ଏହାର ମୁଖ୍ୟ ଶସ୍‌କ୍ୟାପା ଗୋଷ୍ଠୀର। (୨) ଗାଲ୍‌ଡାନ୍- ଏହାର ସଂସ୍କୃତ ଅର୍ଥ ହେଲା ତୁଷିତ (ଦେବତାମାନଙ୍କର ବାସସ୍ଥାନ, ଗୋଟିଏ ସ୍ୱର୍ଗ)। ଏହି ବିହାରଟି ଗେଲୁଗ୍‌ପ୍ପା ସଂପ୍ରଦାୟର (ହଳଦିଆ ଟୋପି) ବିରାଟ ତଥା ପ୍ରସିଦ୍ଧ ମହାବିହାର। ଲାସାର ପୂର୍ବକୁ ତିରିଶ ମାଇଲ ଦୂରରେ ଏହା ଅବସ୍ଥିତ। ତିବ୍ବତର ମହାନ ବୌଦ୍ଧ ସଂସ୍କାରକ ସଙ୍ଗ୍-ଖା-ପା ଏହି ବିହାରକୁ ଖ୍ରୀ୧୪୦୯ ରେ ନିର୍ମାଣ କରାଇଥିଲେ। ଏହି ବିହାରଟି ଭାବିବୁଦ୍ଧ ମୈତ୍ରେୟଙ୍କର ଚିତ୍ତାକର୍ଷକ ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ। କିମ୍ବଦନ୍ତୀ କୁହେ ଏହା ମଗଧରୁ ଏଠାକୁ ଉଡ଼ି କରି ଆସିଛନ୍ତି। (୩) ଦେ-ପୁଙ୍ଗସ୍- ଏହା ହେଉଛି ତିବ୍ବତର ସବୁଠାରୁ ଅଧିକ କ୍ଷମତାଶାଳୀ ତଥା ଜାନାକୀର୍ଣ୍ଣ ମହାବିହାର। ଏହା ଖ୍ରୀ ୧୪୧୫ରେ ନିର୍ମିତ। ଏହି ବିହାରଟିର ବହୁ ଉଚ୍ଚ ଉଚ୍ଚ କୋଠାମାନଙ୍କର ସମାହାର ଏହାକୁ ଏକ ସହର ଭଳି ଦର୍ଶାଇଥାଏ। ଏହି ବିହାରଟି ଲାସାର ପଶ୍ଚିମକୁ ମାତ୍ର ତିନି ମାଇଲ ଦୂରରେ ଅବସ୍ଥିତ। ଏଠାରେ ପ୍ରାୟ ସାତ ହଜାର ଭିକ୍ଷୁ ବସବାସ କରିଥା'ନ୍ତି। ଏଠାରେର ଶିକ୍ଷା ନିମିତ୍ତ ଆଠ ଗୋଟି ମହାବିଦ୍ୟାଳୟ ରହିଥିଲା। ଏବେ ମାତ୍ର ଚାରିଗୋଟି କାର୍ଯ୍ୟକ୍ଷମ। (୪)ସେରା - ସଙ୍ଗ୍-ଖା-ପାଙ୍କର ମହାପ୍ରୟାଣ ବର୍ଷ ଖ୍ରୀ ୧୪୧୮ ରେ ଏହି ବିହାରଟି ଲାସାର ଅତି ନିକଟରେ ଥିବା ତାଟି ପୁ ପାହାଡ଼ରେ ଗଡ୍ଡାଣିଆ ସ୍ଥଳରେ ନିର୍ମିତ। ଏହା ମଧ୍ୟରେ ବହୁତଳ ବିଶିଷ୍ଟ ତିନିଗୋଟି ବିଶାଳ ବୌଦ୍ଧ ମନ୍ଦିର ରହିଛନ୍ତି। ଏହା ଚାରିଗୋଟି ମହାବିଦ୍ୟାଳୟ ସହ ଗୋଟିଏ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟ। କୁହାଯାଏ ସମ୍ରାଟ ଅଶୋକଙ୍କ ଦ୍ୱାରା ନିର୍ମିତ ୮୪, ୦୦୦ ଚୈତ୍ୟମଧ୍ୟରୁ ଏଇଟି ଗୋଟିଏ ଏବଂ ଏହାକୁ ମଗଧରୁ ଅଣାଯାଇ ଥିଲା। (୫) ତାସୀ-ଲୁନ୍-ପୋ - ଏହି ବିଶାଳ ମହାବିହାରଟି ଲାସାର ଦକ୍ଷିଣ-ପଶ୍ଚିମକୁ ଶିଗାତ୍‌ସେ ଠାରେ ଅବସ୍ଥିତ। (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭ ୯୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

### ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ

# ହାତୀ-ମଣିଷ ଲଢ଼େଇକୁ ନେଇ ରାଜ୍ୟପାଳଙ୍କ ଚିନ୍ତାପ୍ରକଟ



**ଭୁବନେଶ୍ୱର, ୧୦।୧୦ (ସମିସ):** ରାଜ୍ୟରେ ମଣିଷ-ହାତୀ ସଂଘର୍ଷ ଚନ୍ତାଜନକ। ଭିତ୍ତିଭୂମି, ବିକାଶମୂଳକ ପ୍ରକଳ୍ପ ଏବଂ ଭୂମି ବ୍ୟବହାର ପରିବର୍ତ୍ତନ ଯୋଗୁଁ ହାତୀ କରିଡର୍ ସଙ୍କୁଚିତ ହେଉଛି। ଏଥିପାଇଁ ମଣିଷ ଓ ହାତୀଙ୍କ ମଧ୍ୟରେ ବିବାଦ ବୃଦ୍ଧି ହେଉଛି। ଏହା ଦୁଃଖଦ ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ରାଜ୍ୟର ହାତୀ କରିଡର୍‌ଗୁଡ଼ିକର ସୁରକ୍ଷା ଏବଂ ପୁନରୁଦ୍ଧାର କରିବା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱ ଦେଇଛନ୍ତି।

ଗୁରୁବାର ଲୋକସେବା ଭବନର କନ୍‌ଭେନସନ୍ ସେଣ୍ଟର୍‌ଠାରେ ଆୟୋଜିତ ୭୧ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ କହିଛନ୍ତି ଯେ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ସାମୂହିକ ଦାୟିତ୍ୱର ଏକାନ୍ତ ଆବଶ୍ୟକ। ମଣିଷ ଏବଂ ବନ୍ୟପ୍ରାଣୀଙ୍କ କଲ୍ୟାଣ ପ୍ରାକୃତିକ ସମନ୍ୱୟର ଅବିଚ୍ଛେଦ୍ୟ ଅଂଶ। ତେଣୁ ହାତୀ-ମଣିଷ ଲଢ଼େଇ ପ୍ରତିହତ କରିବା ପାଇଁ ଡ୍ରୋନ୍ ନିରୀକ୍ଷଣ ଏବଂ ଜିପିଏସ୍ ଟ୍ରାକିଂ ଭଳି ଆଧୁନିକ ଉପକରଣ ବ୍ୟବହାର ସହ ଏଥିରେ ଯୁବପିଢ଼ି ଏବଂ ଗୋଷ୍ଠୀକୁ ସାମିଲ କରିବାକୁ ପରାମର୍ଶ ଦେଇଛନ୍ତି।

# ରେଳଧାରଣାରେ ଶୋଇପଡ଼ିଲେ ମହିଳା

**ବୈଶିଙ୍ଗା, ୧୦।୧୦ (ସମିସ):** ବେତନଟୀ ବ୍ଲକ ଆମ୍ବଗଡ଼ିଆ ଉପକଣ୍ଠ ନୂଆସାହିଠାରେ ଜଣେ ମହିଳା ଟ୍ରେନ୍‌ରେ କଟି ପ୍ରାଣ ହରାଇଛନ୍ତି। ମୃତ ମହିଳା ହେଲେ ନୂଆସାହି ଗ୍ରାମର ପରମାନନ୍ଦ ସିଂଙ୍କ ସ୍ତ୍ରୀ ସିତୁ ଓରଫ କଟି ସିଂ (୪୬)। ସୂଚନାନୁଯାୟୀ, ବାଙ୍ଗିରିପୋଷିରୁ ବାଲେଶ୍ୱର ଅଭିମୁଖେ ମେମୁ ଟ୍ରେନ୍ ଯାଉଥିବା ବେଳେ ଅନତି ଦୂରରେ ଅଟକିବାର ଥିଲା। ତେବେ ଠାକୁରତୋଟା ଷ୍ଟେସନର ପହଞ୍ଚିବା ଅବ୍ୟବହିତ ପୂର୍ବରୁ ସିତୁ ଦୌଡ଼ି ଆସି ରେଳଧାରଣା ଉପରେ ମୁଣ୍ଡ ରଖି ଶୋଇ ପଡ଼ିଥିଲେ। ଫଳରେ ତାଙ୍କର ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିଲା। ଲୋକୋପାଇଲଟଙ୍କଠାରୁ ସୂଚନା ପାଇ ରୁପ୍ସା ଜଙ୍କସନରୁ ଜିଆରପି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ କରିବା ବେଳକୁ ମହିଳାଙ୍କ ପରିବାର ମୃତଦେହକୁ ନେଇ ପଳାଇଥିଲେ। ତେବେ ପାରିବାରିକ କଳହରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି।


**AFFIDAVIT**

By virtue of an affidavit (No. 5392, dtd- 09/10/2025) before the Executive Magistrate, Angul. I, **Bijaya Kumar Panda,** resident of At-Kaliadama, Po- Balipasi, Ps-Rengali Dam Site, Dist-Angul, PIN- 759105, Odisha declare that, I want to correction my wife name from **Subasini Satpathy to Subhasini Satpathy** & my name from **Bijaya Ku. Panda to Bijaya Kumar Panda** in my son's (**Anwesh Panda**) school admission register / records.

**AFFIDAVIT**

By virtue of an affidavit before the Notary Public, Nuapada, I, Narayan Majhi, resident of At-Darlipali ORF Chuhuri, Po-Kodomeri, Ps- Jonk, Dist-Nuapada, Odisha, PIN-766104 have changed my minor son name from Rehaan Sahu to Aryan Majhi. Henceforth, he shall be known and called as Aryan Majhi for all purposes.

**Sd/-Narayan Majhi**

**AFFIDAVIT**

By virtue of an affidavit before the Executive Magistrate, Tigiria vide No-03/08.10.2025 I Pravati Das W/o Lokanath Das of Vill-Badabhuindal, Po-Badabhuin, Ps-Athagarh, Dist-Cuttack that I have changed my name from Pravati Manjari Das to Pravati Das. Henceforth I shall be known as Pravati Das for all purpose.

**AFFIDAVIT**

By virtue of an affidavit before the Notary Public, Paralakhemundi, I, Smt. Satyabati Pradhan, resident of Subhadra Vihar, 4th Lane, PO/PS Paralakhemundi, Dist. Gajapati, Odisha, PIN-761211 have changed my minor son's name from Bibek Pradhan to Suman Pradhan. Henceforth, he shall be known as **Suman Pradhan** for all purposes.

**Sd/- Satyabati Pradhan**

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 10.10. 2025 I, Iswar Tentulikhuntia, S/o - Samaru Tentulikhuntia, Village-Gundriguda, Po.- Binjili, Ps.-Kosagumuda, Dist.- Nabarangpur, Odisha, Pin - 764058, declare that, I have changed the name of my Son from **LAKHAN KANTA TENTULIKHUNTIA** to **LAXMIKANTA TENTULIKHUNTIA**. Henceforth, he shall be known as **LAXMIKANTA TENTULIKHUNTIA** for all purposes.

Sd/- Iswar Tentulikhuntia

**AFFIDAVIT**

By virtue of an affidavit (No. 6165, dtd- 25/06/2025) sworn before The Executive Magistrate, Jajpur. I, **Sudharani Pati,** W/o Asish Kumar Pati, resident of Vill: Seepura, PO: Pubasahi, PS: Dasarathur, Dist: Jajpur, PIN: 755006, Odisha declare that I have changed my minor daughter's name from **Somali Pati** (old name) to **Sonali Pati** (new name). Henceforth, she shall be known as **Sonali Pati** (new name) for all purposes.

**Sudharani Pati**

**AFFIDAVIT**

I, Shaikh Safiyan Ali, aged about 58 years, S/o- Shaikh Usman Ali, resident of AT/PO: Jhalpada, PS: Brahmabarada, Dist: Jajpur, PIN: 755005, Odisha declared by this affidavit No. 2031, dtd- 09/10/2025 that now onwards I shall be known as **SHAIKH SUFIYAN ALI** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit before the Executive Magistrate, Gajapati, I, Satyanarayan Karjee, resident of Village Kesara, P.O. Govindapur, P.S. Mohana, Dist.: Gajapati, Odisha (Pin: 761015), have changed my name & DOB from Satya Karjyee (D.O.B: 01.01.1985) to Satyanarayan Karjee (D.O.B: 07.08.1985) for all purposes.

**Sd/-Satyanarayan Karjee**

**AFFIDAVIT**

I, Samarjit Mohapatra, S/o- Amulya Kumar Mohapatra, Resident of Plot No.: 45,Near Kali Mandir, Satya Nagar, Bhubaneswar, Khordha, Odisha, PIN-751007 declared by this Affidavit No.: 1149/2025, Dated: 09.10.2025 that now onwards I shall Be Known As **SAMARRJIT MOHAPPATRA** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate, Nabarangpur, No.911 dated 10/10/2025 I, Nalini Gonda, D/o- Sisusanta Gonda resident of Village- Dangriguda, Po.- Bikrampur, Ps.- Nabarangpur, Odisha, Pin- 764059 state that, I have changed my name from **Nalini Nagesh** to **Nalini Gonda**. Henceforth I shall be known as **Nalini Gonda** for all future purposes.

**Nalini Gonda**

**AFFIDAVIT**

I, Simanchala Malu, S/o- Dhundar Malu, Resident of Plot No.: 2077/5113, Mahadev Nagar, Near Gangua Canal, Jharpada, Bhubaneswar, Bhubaneswar (M.C), PO: Budheswari Colony, Dist.: Khordha Odisha, PIN-751006 declared by this Affidavit No.1157/2025, Dated: 10.10.2025. That now onwards I shall be known as **SIMANCHAL MALU** for all future Purposes.

**VEHICLE FOR SALE**

MAHINDRA BOLERO B6, Model - 2022, Registration No-OD-02-CC-9936, in as is where is condition, Contact: M/S Sundaram Finance Limited, JAJPUR ROAD BRANCH, Ph:94371 02409, within 7 days.

**AFFIDAVIT**

By an affidavit No.- 3459, sworn before the Executive Magistrate, Dharmasala on dtd- 2/9/25, I Kodanda Pal, S/o- Nrushingh Pal of Kanipatla, Jaraka, Dharmasala, Jajpur declare that in Aadhaar- 258083961419 my DOB is mentioned as 01.01.1952 instead of 24.10.1944 which is genuine and in pension PPO No.- 12020076504 it is mentioned as Kodanda, S/o- Narasingha. Both Kodanda Pal, S/o- Nrusingha Pal and Kodanda, S/o- Narasingha is same and one person.

**AFFIDAVIT**

By virtue of an affidavit sworn before the Executive Magistrate, At-Narasinghpur, dated- 26.09.2025 I Aparajita Pati, w/o- santosh Had village/Po-Phulapada,Ps-Narasinghpur, Dist- Cuttack declare that I have changed my old name Aparajita Had to New name Aparajita pati. Henceforth,she shall be known as Aparajita pati for all purposes.

**AFFIDAVIT**

By virtue of an affidavit (No. 9620, dtd- 03/10/2025) sworn before The Executive Magistrate, Jajpur. I, **Sanatan Ketaki** (new name), S/o Anu Ketaki, permanent resident of Vill: Talagadia, PO: Malapara, PS: Jajpur Sadar, Dist: Jajpur, PIN: 755043, Odisha declare that I have changed my name from **Sonatan Ketki** (old name) to **Sanatan Ketaki** (new name). Henceforth, I shall be known as **Sanatan Ketaki** (new name) for all purposes.

**Sanatan Ketaki**

**VEHICLE FOR SALE**

MAHINDRA BOLERO NEO N8, Model - 2022, Registration No-OD-33-AG-9337, in as is where is condition, Contact: M/S Sundaram Finance Limited, BHUBANESWAR RETAIL BRANCH, Ph:9437575689 within 7 days.


## କେନ୍ଦ୍ରାପଡା ପୌରପରିଷଦ , କେନ୍ଦ୍ରାପଡା

"ଗଜଲକ୍ଷ୍ମୀ ପୂଜା - ୨୦୨୫" ପାଳନ ଅବସରରେ କେନ୍ଦ୍ରାପଡା ପୌର ପରିଷଦ ତାହାର ସମସ୍ତ କର ଦାତା ଓ ପୌରାଞ୍ଚଳବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସଂଗେ ସଂଗେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନିମନ୍ତେ ଅନୁରୋଧ କରୁଛି।

### ନିବେଦନ

୧. ସହରର ସ୍ୱଚ୍ଛତା ଓ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ବ୍ୟାଟେରୀ ଚଳିତ ଅଳିଆ ଗାଡ଼ିରେ ଶୁଖିଲା ଓ ଓଦା ଅଳିଆ ଅଲଗା ଅଲଗା କରି ଦିଅନ୍ତୁ। ଦିନକୁ ୨ ଥର ଆପଣଙ୍କ ଅଂଚଳକୁ ଏହି ଗାଡି ଅଳିଆ ସଂଗ୍ରହ ନିମନ୍ତେ ଯାଉଛି। ଅଳିଆ ସଂଗ୍ରହ ଗାଡି ଯିବା ପୂର୍ବରୁ କିମ୍ବା ପରେ ରାସ୍ତା ଉପରେ ଘରର ଅଳିଆ ପକାନ୍ତୁ ନାହିଁ।

୨. ରାସ୍ତା ଅବରୋଧ କରି ଇଟା, ଗୋଡି, ମାଟି କିମ୍ବା ବାଲି ରଖନ୍ତୁ ନାହିଁ।

୩. ପ୍ଲାଷ୍ଟିକ ଜରି, ଥରମୋକୁଲ (ସୋଲ) ଗିନା, ଥାଳି ଓ କାଗଜ ନିର୍ମିତ ଚା କପ ବ୍ୟବହାରକୁ ନିଷିଦ୍ଧ କରାଯାଇଛି। ଏସବୁ ବ୍ୟବହାର କରୁଥିବାର ଦେଖାଗଲେ, ଆଇନ ଅନୁଯାୟୀ ଦଣ୍ଡିତ ହେବେ। ଏଣୁ ଏ ସବୁ ବ୍ୟବହାର ନ କରି ସହରକୁ ସୁନ୍ଦର ରଖିବାରେ ସାହାଯ୍ୟ କରନ୍ତୁ।

୪. ସ୍ୱଚ୍ଛ ଭାରତ ଅଭିଯାନ (ସହରାଞ୍ଚଳ) ଯୋଜନା ବର୍ଜ୍ୟବସ୍ତୁ ପରିଚାଳନା ଅଧିନିୟମ ୨୦୧୬ ଉପବିଧି ୧୫ ଅନ୍ତର୍ଗତ ଆଇନ ଭାଗ ୬ ଅନୁଯାୟୀ ୟୁଜର ଫି ସଂଗ୍ରହ ନିମନ୍ତେ ଉଲ୍ଲେଖ ରହିଛି, ଯାହାକୁ ସ୍ୱଚ୍ଛ ସାଥି , ସୁପର ଭାଇଜର , ସ୍ୱଚ୍ଛ କର୍ମୀଙ୍କ ମାସିକ ପ୍ରୋତ୍ସାହନ ରାଶି, ବୈଷୟିକେନ୍ଦ୍ରର ରକ୍ଷଣାବେକ୍ଷଣ ସହିତ ସଫେଇ ନିମନ୍ତେ ଖର୍ଚ୍ଚ କରାଯିବାର ବ୍ୟବସ୍ଥା ଅଛି। ଏଣୁ ଅନୁରୋଧ ଧାର୍ଯ୍ୟ ୟୁଜର ଫି କୁ ପୌରସଂସ୍ଥା ର କର୍ମଚାରୀଙ୍କ ନିକଟରେ ପୈଠ କରି ପୌରପରିଷଦର ଉନ୍ନତିରେ ସାମିଲ ହୁଅନ୍ତୁ।

୫. ନୂତନ ବାସଗୃହ, ଦୋକାନ ଗୃହ ଆଦି ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାର ଗୃହର ନକ୍ସା ଅନୁମୋଦନ କରି ନିଅନ୍ତୁ। ଯଦି ପୂର୍ବରୁ ପୌର ସଂସ୍ଥା ର ବିନା ଅନୁମୋଦନ ଘର ନିର୍ମାଣ କରିସାରିଛନ୍ତି , ଆଗାମୀ ଦିନରେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ହେବାକୁ ଥିବା ସର୍ବକ୍ଷମା ଯୋଜନାରେ ଗୃହର ନକ୍ସା ଓ ପ୍ଲାନ ଅନୁମୋଦନ କରି ନିଅନ୍ତୁ।

ଶ୍ରୀଯୁକ୍ତ ଅଜିତ ନାରାୟଣ ପ୍ରସାଦ ଗିରି, ନିର୍ବାହୀ ଅଧିକାରୀ | ଆକବରୀ ଖାତୁନ, ଉପାଧ୍ୟକ୍ଷା | ଶ୍ରୀମତୀ ସରିତା ସାହୁ, ଅଧ୍ୟକ୍ଷା

## OFFICE OF THE SRI NILACHAKRA WEAVERS' CO-OPERATIVE SOCIETY LTD.,

REGD.NO.18 PLB(TEX), DATED: 08.03.1992

AT: THAPAPALI, PO: SAN GOCHHAPADA, PS: BAUNSUNI, BLOCK/DIST: BOUDH

### ADVERTISEMENT

No: 01 DATE: 09.10.2025

Applications are invited in the prescribed form from the desirous candidates for 01 (One) post of the Secretary of Sri Nilachakra Weavers' Co-operative Society Ltd., At: Thapapali, Post: San Gochhapada, Dist: Boudh, PIN: 762015. Application form can be obtained in person from the Office of the Sri Nilachakra W.C.S. Ltd., Thapapali on payment of Rs.100.00 (Rupees One Hundred only) from dated: 10.10.2025 to 25.10.2025 during 10.00 AM to 5.30 PM (Except holidays). The duly filled in application form along with required documents (Self attested) should be submitted in the office of the Sri Nilachakra W.C.S. Ltd. in person obtaining the acknowledgement receipt or by Registered Post from Dated: 10.10.2025 to 25.10.2025 (Except holidays) during 10.00 AM to 5.30 PM and no application will be received after 5.30 PM of dated: 25.10.2025.

**ELIGIBILITY, EDUCATIONAL QUALIFICATION AND SELECTION CRITERIA:**

1. The candidate must be permanent resident of the Area operation of the Sri Nilachakra W.C.S. Ltd.
2. The candidate must passed the Matriculation/HSC examination from the recognized institution/Board.
3. Preference shall be given to the candidate having knowledge in weaving of handloom products.
4. A candidate must not be less than 21 years or more than 38 years of age as on dated: 01.01.2025. The upper age limit shall be 43 years in respect of person belonging to SC/ST/OBC including SEBC.
5. There is no scale of pay/salary for the post. However, remuneration shall be considered by the Managing Committee taking into the working performance of the employees and profit of the Society.
6. The candidate if selected for the post will deposit the Security Money of Rs.25,000/- and Surety Bond of Rs.1,00,000/- at the time of joining in the post in the Society.
7. The employee must obey the Odisha Co-operative Societies Act, 1962 (Odisha Act-2 of 1963)/Rule, 1965 and Bye-Laws of the Society and his engagement depends on the satisfactory performance by the Managing Committee of the Society.
8. Appointment for the post of Secretary will be made by the Managing Committee basis on the mark secured in the written test/Viva-voce and additional mark if any by the candidate.
9. Submission of the incomplete application and late receipt of the application will be rejected outrightly.

**NB: The Managing Committee/Administrator of the Society reserves all right to cancel/alter/modify/reject the advertisement at any time without assigning any reason thereof.**

**By order of the Administrator**
**Sd/-Secretary,**
**Sri Nilachakra W.C.S. Ltd., Thapapali**

## ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ / यूनियन बैंक ऑफ इंडिया / Union Bank of India

भारत सरकार का उपक्रम / A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

### ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡ଼ିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଅଜିତ୍ କୁମାର ପଣ୍ଡା,** ପିତା: ଦୁର୍ଗା ମାଧବ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩, ୨) **ଦୁର୍ଗା ମାଧବ ପଣ୍ଡା,** ପିତା: ଗୋପିନାଥ ପଣ୍ଡା, ସା: ମେନ୍ ରୋଡ୍, ଟାଙ୍ଗଣାପଲ୍ଲୀ, ଗଞ୍ଜାମ - ୭୬୧୦୦୩ | **ଶ୍ରୀ ଦୁର୍ଗା ମାଧବ ପଣ୍ଡା (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୩୦୩/୨୮୩୫, ଖାତା ନଂ.: ୪୫୦/୪୭୮, ମୌଜା: ଟାଙ୍ଗଣାପଲ୍ଲୀ, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୧୨ ଡିସିମିଲି ଯାହା ୫୨୩ ବର୍ଗଫୁଟ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: କେନାଲ, ପଶ୍ଚିମ: ରାସ୍ତା, ଉତ୍ତର: ଦିନବନ୍ଧୁ ରାଉଳଙ୍କ ସମ୍ପତ୍ତି, ଦକ୍ଷିଣ: କରୁଣା ରାଉଳଙ୍କ ସମ୍ପତ୍ତି | ୦୮.୦୪.୨୦୨୧ / ୧୮.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଶ୍ରୀ ଅରୁଣ ଗୌଡ,** ପିତା: କାଶୀ ଗୌଡ, ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୨) **ଶ୍ରୀ କାଶୀ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ୩) **ଶ୍ରୀ ସୀମାଞ୍ଚଳ ଗୌଡ,** ସା.: ଲାଠି, ଅଡୁଆ ଷ୍ଟ୍ରିଟ୍, ସୁକୁଣ୍ଡା, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅରୁଣ ଗୌଡ, ଶ୍ରୀ କାଶୀ ଗୌଡ ଏବଂ ଶ୍ରୀ ସୀମାଞ୍ଚଳ ଗୌଡ (ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: ସୁକୁଣ୍ଡା, ମେନ୍ ରୋଡ୍, ସୁକୁଣ୍ଡା, ବ୍ରହ୍ମପୁର, ପରିମିତ କ୍ଷେତ୍ର: ୮୭୧ ବର୍ଗଫୁଟ, ପ୍ଲଟ୍ ନଂ.: ୨୯୮/୪୯୯, ଖାତା ନଂ.: ୧୦୪/୨୩୫, ଏହାର ଚାରିପାର୍ଶ୍ୱରେ ପୂର୍ବ:ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ରଙ୍କନିଧି ଗୌଡଙ୍କ ଗୃହ, ଦକ୍ଷିଣ:କାମନା ଗୌଡଙ୍କ ଗୃହ | ୦୭.୧୧.୨୦୧୭ / ୨୫.୦୪.୨୦୧୮ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, ୨) **ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘ୍ନ ବେହେରା, ୩) **ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ | ଶ୍ରୀ ଶତ୍ରୁଘ୍ନ ବେହେରାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର:ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ୦୫.୦୫.୨୦୨୧ / ୦୨.୧୧.୨୦୨୧ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ମେସର୍ସ ନବଜ୍ୟୋତି ପଲିପାଇପ୍ସ, ସ୍ୱତ୍ତ୍ୱାଧିକାରୀ: ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଳି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ, ୨) **ସରୋଜିନୀ ପଣ୍ଡିତ,** ସ୍ୱାମୀ: ଆଳି କୃଷ୍ଣ ପଣ୍ଡିତ, ସା: ପ୍ରେମ ନଗର ୨ୟ ଲେନ୍, ବ୍ରହ୍ମପୁର, ଗଞ୍ଜାମ | ସରୋଜିନୀ ପଣ୍ଡିତ (ସମ୍ପତ୍ତିର ମାଲିକ)ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୧୨୩/୨୩୫୫, ଖାତା ନଂ.: ୧୮୮/୮୫୫, ଗ୍ରାମ: ଦୁବପଲ୍ଲୀ, କନିସି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୪୧ ଡ଼ିସିମିଲି ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତାଙ୍କ ବଳକା ଜମି, ପଶ୍ଚିମ: ସ୍ୱର୍ଣ୍ଣମଞ୍ଜରୀ ପଣ୍ଡାଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ସମ୍ପୃକ୍ତ ପକ୍ଷଙ୍କ ବଳକା ଜମି | ୩୧.୦୮.୨୦୧୯ / ୧୬.୦୧.୨୦୨୦ / ୦୮.୧୦.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** ୧) **ଶ୍ରୀ ପ୍ରଭାକର ସାହୁ,** ପିତା: ଶ୍ରୀ ଅଶୋକ କୁମାର ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା,୨) **ଶ୍ରୀ ଅଶୋକ କୁମାର ସାହୁ,** ପିତା: ଶ୍ରୀ ଖଲ୍ଲି ସାହୁ, ସା: ଆରୁଆପଲ୍ଲୀ, ଗଞ୍ଜୁ, ଗୋପାଳପୁର, ଗଞ୍ଜାମ, ଓଡ଼ିଶା | **ଶ୍ରୀ ଅଶୋକ କୁମାର ସାହୁ(ସମ୍ପତ୍ତିର ମାଲିକ)**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପରିମିତ କ୍ଷେତ୍ର:୧୦୮୯ ବର୍ଗଫୁଟ, ପ୍ଲଟ୍ ନଂ.: ୧୧୧୮, ଖାତା ନଂ.: ୪୭୦/୨୮୧, ରେଭିନ୍ୟୁ ମୌଜା: ଆରୁଆପଲ୍ଲୀ, ଆରୁଆପଲ୍ଲୀ, ଗଞ୍ଜୁ, ଗଞ୍ଜାମ ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ତ୍ରିନାଥ ସାହୁଙ୍କ ଗୃହ, ପଶ୍ଚିମ: ନରସିଂଘ ସାହୁଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ସୀମା ବେହେରାଙ୍କ ସମ୍ପତ୍ତି | ୦୧.୦୯.୨୦୧୮ / ୦୨.୦୧.୨୦୧୯ / ୨୨.୦୯.୨୦୨୫ |
| **ୟୁଏମ୍ଏଫ୍‌ବି ଶାଖା, ଫୋନ୍: ୭୮୭୩୫୮୧୯୪୫ /** ୧) **ମେସର୍ସ ଆଶା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଜେ ଆଶା,** ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦, ୨) **ଜେ ଆଶା,** ପିତା: ଜେ ଦେବରାଜ ରାଓ, ସା: ପାଲିଆ ଲକ୍ଷ୍ମୀପୁର, କାଳିପଲି, ବଡପୁଟି, ଗଞ୍ଜାମ, ଓଡିଶା-୭୬୧୦୨୦, ୩) **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବ, ସା: ଗେଦଲନାଇଡୁପଲମ, ପାଲିଆ ଷ୍ଟ୍ରିଟ୍, ଛତ୍ରପୁର, ଗଞ୍ଜାମ, ଓଡିଶା-୭୬୧୦୨୦ | **ଜି ଡିଲେଶ୍ୱରି,** ସ୍ୱାମୀ: ଜି ମହାଦେବଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୪୧୩୪, ପ୍ଲଟ୍ ନଂ.: ୨୭୫, କ୍ଷେତ୍ର: ଏକର୦.୨୪୮ ଡିସିମିଲି (ଘରବାରୀ), ରେଭିନ୍ୟୁ ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ରାଜ୍ୟ: ଓଡିଶା, ପିନ୍-୭୬୧୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ଜି ଡିଲେଶ୍ୱରିଙ୍କ ପ୍ଲଟ୍ ନଂ.: ୨୭୬/୪୪୮୬ର ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୨୭୪, ପୂର୍ବ: ରାସ୍ତା, ପଶ୍ଚିମ: କାମେଶ୍ୱର ରାଓଙ୍କ ଜମି | ୧୪.୦୮.୨୦୨୪ / ୨୨.୧୦.୨୦୨୪ / ୨୨.୦୯.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, ୨) **ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, ୩) **ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା.:କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୭୮୯ ଏବଂ ୫୭୯୦,ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ୦୯.୦୪.୨୦୨୧ / ୧୪.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, ୨) **କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, ୩) **ସୁମନ୍ତ ଦିହୁଡି,** ପିତା: ସନ୍ୟାସୀ ଦିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୦୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ୦୧.୦୧.୨୦୨୦ / ୧୯.୧୧.୨୦୨୧ / ୦୮.୧୦.୨୦୨୫ |
| **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୧୭୬୮୭ /** ୧) **ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, ୨) **ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, ୩) **ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ୦୮.୦୫.୨୦୧୮ / ୨୦.୦୯.୨୦୧୮ / ୦୮.୧୦.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାତିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୨୨.୦୯.୨୦୨୫ |
| **ଦିଗପହଣ୍ଡି ଶାଖା, ଫୋନ୍: ୯୭୦୪୯୧୯୨୭୦ /** ୧) **ମେସର୍ସ ଅଏଲ୍‌ଲେସ୍ ଫୁଡ୍ ଇଣ୍ଡଷ୍ଟ୍ରି, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ହିଙ୍ଗଳ ତିଳତମା ରେଡ୍ଡୀ,** ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨, ୨) **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ,** ପିତା: ଶ୍ରୀ ହିଙ୍ଗଳ ସୋମନାଥ ରେଡ୍ଡୀ, ସା/ପୋ.: ଗୋକର୍ଣ୍ଣପୁର, ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା - ୭୬୧୦୧୨ | **ଶ୍ରୀ ହିଙ୍ଗଳ ସୁରେନ୍ଦ୍ର ରେଡ୍ଡୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୭୧୭, ଖାତା ନଂ.: ୬୬୯, ରେଭିନ୍ୟୁ ମୌଜା: ଗୋକର୍ଣ୍ଣପୁର, ତହସିଲ/ଏସ୍ଆର୍‌ଓ: ଦିଗପହଣ୍ଡି, ଗଞ୍ଜାମ, ଓଡ଼ିଶା, ପରିମିତ କ୍ଷେତ୍ର: ଏକର୦.୦୨୦ ଡିସିମିଲି ଯାହା ୮୭୧ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶିବରାମ ମହାରଣାଙ୍କ ଜମି, ପୂର୍ବ: ଏଚ୍ ରଘୁନାଥ ରେଡ୍ଡୀଙ୍କ ଗୃହ, ପଶ୍ଚିମ: ଏଚ୍ କସ୍ତୁରୀଙ୍କ ଗୃହ | ୧୧.୧୦.୨୦୨୨ / ୧୫.୦୪.୨୦୨୩ / ୦୮.୧୦.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** ୧) **ମୁକ୍ତା ଦାସ,** ସ୍ୱାମୀ: ବନ ଦାସ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୨) **ଚନ୍ଦ୍ରକଳା ରାଉତ,** ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧, ୩) **କେଦାର ରାଉତ,** ମାତା: ଚନ୍ଦ୍ରକଳା ରାଉତ, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ଷ୍ଟ୍ରିଟ୍ ନିକଟ, ବିଜିପୁର, ବ୍ରହ୍ମପୁର- ୭୬୦୦୦୧ | **ମୁକ୍ତା ଦାସ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୫୧, ଖାତା ନଂ.: ୭୮୨, ରେଭିନ୍ୟୁ ମୌଜା: ବିଜିପୁର, ତହସିଲ: ବ୍ରହ୍ମପୁର, ସା: ଲକ୍ଷ୍ମୀ ଷ୍ଟ୍ରିଟ୍, ବାଉରୀ ସାହି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୦୮ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପଦ୍ମ ଦାସଙ୍କ ଗୃହ, ପଶ୍ଚିମ: କୁନ୍ତଳା ଦାସଙ୍କ ଗୃହ, ଉତ୍ତର: ଶ୍ରୀ ସୁବୁଦ୍ଧି ସେଠୀଙ୍କ ଗୃହ, ଦକ୍ଷିଣ: ରାସ୍ତା | ୨୮.୦୭.୨୦୨୨ / ୧୧.୧୦.୨୦୨୨ / ୨୨.୦୯.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୦୦୪୮୩୬୬୭୬ /** ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକ, ୨) **ବିଜୟ ନାୟକ,** ପିତା: ସହଦେବ ନାୟକ, ଉଭୟଙ୍କ ଠିକଣା- ସା.: ରାଇପଲ୍ଲୀ, ପୋ.: ତିଳିସିଙ୍ଗି, ଭାୟା: କୁଲ୍ଲାଡ, ଗଞ୍ଜାମ, ଓଡିଶା-୭୬୧୧୩୧ | ୧) **ରବିନ୍ଦ୍ର ନାୟକ,** ପିତା: ବିଜୟ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ବାଲିଆପଟା, ଏସ୍ଆର୍‌ଓ /ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୬୮/୧୦୦, ପ୍ଲଟ୍ ନଂ.: ୭୬୭/୧୨୦୮, କ୍ଷେତ୍ର: ଏକର ୦.୨୦୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ : ଉମା ଚରଣ ପ୍ରଧାନଙ୍କ ଜମି, ପଶ୍ଚିମ: ଶତ୍ରୁଘ୍ନ ପ୍ରଧାନଙ୍କ ଜମି, ଦକ୍ଷିଣ: ରବିନ୍ଦ୍ର ନାୟକଙ୍କ ପ୍ଲଟ୍ ନଂ.: ୭୬୮, ଉତ୍ତର: ରାସ୍ତା, ୨) **ବିଜୟ ନାୟକ,** ପିତା: ସହଦେବ ନାୟକଙ୍କ ନାମରେ ଥିବା ବାସୋପଯୋଗୀ ଜମି ଯାହାର ମୌଜା: ରାଇପଲ୍ଲୀ, ଏସ୍ଆର୍‌ଓ / ତହସିଲ: ଘୁମୁସର, ଭଞ୍ଜନଗର, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୧୨୩, ପ୍ଲଟ୍ ନଂ.: ୯୯୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲିଙ୍ଗରାଜ ପ୍ରଧାନଙ୍କ ଜମି, ଦକ୍ଷିଣ: କାଶୀନାଥ ଗୌଡଙ୍କ ଜମି, ଉତ୍ତର: ତ୍ରିନାଥ ନାୟକଙ୍କ ଜମି, ପଶ୍ଚିମ: ରାସ୍ତା | ୩୦.୦୪.୨୦୨୧ / ୧୦.୧୨.୨୦୨୧ / ୨୨.୦୯.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା- ୭୬୧୦୧୮ | **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ**ଙ୍କ ନାମରେ ଥିବା ଜମି ସହିତ ଫାଉଣ୍ଡେସନ୍ ଷ୍ଟ୍ରକଚର ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୪୨୬୭/୧୫୬୩୯/୧୬୮୩୭, ଖାତା ନଂ.: ୧୫୩୦/୭୯୪୧, ମୌଜା: ଭାବିନିପୁର, ରେଭିନ୍ୟୁ ସର୍କଲ: ବଡ଼କୁଶସ୍ଥଳି, ଥାନା: ବ୍ରହ୍ମପୁର ସଦର, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଗୃହ ସମ୍ପତ୍ତିର **ସମୁଦାୟ ପରିମିତ କ୍ଷେତ୍ର: ଏକର ୦.୦୧୪ ଡ଼ିସିମିଲି,** ଏହାର ଚାରିପାର୍ଶ୍ୱରେ ପୂର୍ବ: ନୀଳକଣ୍ଠ ମହାନ୍ତିଙ୍କ ସମ୍ପତ୍ତି, ପଶ୍ଚିମ: ସନ୍ତୋଷ କୁମାର ସାହୁ ଏବଂ ଲକ୍ଷ୍ମୀକାନ୍ତ ପାଢ଼ୀଙ୍କ ସମ୍ପତ୍ତି, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୬.୦୪.୨୦୨୦ / ୧୭.୧୧.୨୦୨୨ / ୦୮.୧୦.୨୦୨୫ |
| **ରମ୍ଭା ଶାଖା, ଫୋନ୍: ୯୮୬୧୦୧୪୪୯୦ /** ୧) **ରଞ୍ଜନ କୁମାର ନାହାକ,** ପିତା: ରାମ ଚନ୍ଦ୍ର ନାହାକ, ୨) **ଗୁରୁବାରୀ ନାହାକ (ବନ୍ଧକଦାତା/ଗ୍ୟାରେଣ୍ଟିଦାତା),** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ୩) **ବିକ୍ରମ କୁମାର ନାହାକ,** ପିତା: ହାଡୁ ବନ୍ଧୁ ନାହାକ, ସମସ୍ତଙ୍କ ଠିକଣା- ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମ, ପିନ୍-୭୬୧୦୨୮ | **ଗୁରୁବାରୀ ନାହାକ,** ସ୍ୱାମୀ: ରାମ ଚନ୍ଦ୍ର ନାହାକ, ସା: ମଧୁରଚୁଆ, ପୋ: ରମ୍ଭା, ଗଞ୍ଜାମଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ସା: ଏନ୍ଏସି ମେନ୍ ରୋଡ୍, ହାଇସ୍କୁଲ ସମ୍ମୁଖ, ମୌଜା: ମଧୁରଚୁଆ, ଥାନା: ରମ୍ଭା, ତହସିଲ/ଜିଲ୍ଲା: ଗଞ୍ଜାମ, ପ୍ଲଟ୍ ନଂ.: ୫୧୩, ଖାତା ନଂ.:୧୯୫ (ପୁରୁଣା), ଖାତା ନଂ.: ୩୧୨/୨୧୩ (ନୂତନ), କ୍ଷେତ୍ର: ଏକର୦.୦୩୬ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ନାହାକଙ୍କ ଗୃହ, ପଶ୍ଚିମ: ଭିକାରୀ ନାହାକଙ୍କ ଗୃହ, ଦକ୍ଷିଣ: ଯୋଗୀ ମହାପାତ୍ର, ଉତ୍ତର: ରାସ୍ତା | ୩୦.୦୪.୨୦୨୧ / ୦୫.୦୧.୨୦୨୨ / ୨୨.୦୯.୨୦୨୫ |
| **ଏସ୍ଏମ୍ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ୧(କ) **ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା),** ୧(ଖ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା),** ୨(କ) **ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା)** | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୩୦.୦୪.୨୦୨୧ / ୧୪.୧୨.୨୦୨୧ / ୦୮.୧୦.୨୦୨୫ |
| **ଶେରଗଡ ଶାଖା, ଫୋନ୍: ୯୦୯୦୦୩୨୭୮୩ /** ୧) **ମେସର୍ସ ରାମଚଣ୍ଡୀ କିରାନା ଷ୍ଟୋର, ସ୍ୱତ୍ତ୍ୱାଧିକାରୀ: ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ,** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬, ୨) **ଶ୍ରୀ କୃଷ୍ଣ ଚନ୍ଦ୍ର ଗୌଡ (ଋଣଗ୍ରହୀତା ତଥା ଗ୍ୟାରେଣ୍ଟିଦାତା),** ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬, ୩) **ଶ୍ରୀମତୀ ଧୋବୁଣି ଗୌଡ (ବନ୍ଧକଦାତା ତଥା ଗ୍ୟାରେଣ୍ଟିଦାତା),** ସ୍ୱାମୀ: କାଳିଆ ଗୌଡ, ସା: ରମୁଣୀ ଷ୍ଟ୍ରିଟ୍, ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା-୭୬୧୧୦୬ | **ଶ୍ରୀମତୀ ଧୋବୁଣି ଗୌଡ**ଙ୍କ ନାମରେ ଥିବା ଗୃହ ସମ୍ପତ୍ତି ଯାହାର ମୌଜା/ଗ୍ରାମ: ଶେରଗଡ, ପୋ/ଥାନା/ଏସ୍ଆର୍‌ଓ: ଶେରଗଡ, ଜିଲ୍ଲା: ଗଞ୍ଜାମ, ଓଡିଶା, ଖାତା ନଂ.: ୮୩୩/୪୨୯, ପ୍ଲଟ୍ ନଂ.: ୩୪୬୨/୫୭୮୨, କ୍ଷେତ୍ର: ଏକର୦.୦୧୦ ଡିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଜମି, ଉତ୍ତର: ପୁରୁଷୋତ୍ତମ ଦାଶଙ୍କ ବାରି, ଦକ୍ଷିଣ: କୈଳାସ ଚନ୍ଦ୍ର ତ୍ରିପାଠୀ | ୦୯.୦୧.୨୦୨୪ / ୦୩.୦୫.୨୦୨୪ / ୧୦.୧୦.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୦.୧୦.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ମା' ଗଜଲକ୍ଷ୍ମୀଙ୍କ ଭସାଣି ଉତ୍ସବ



ଜି.ଉଦୟଗିରି,୧୦।୧୦(ସମିସ): ଜି.ଉଦୟଗିରିରେ ବରାଳିନୀ ମାର୍କେଟ, ଲକ୍ଷ୍ମୀ ମାର୍କେଟ ସହିତ ପଦାସାହି ପୂଜା କମିଟି ତରଫରୁ ହୋଇଥିବା ଗଜଲକ୍ଷ୍ମୀ ପୂଜାର ଆଜି ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୬ ଦିନ ହେଲା ଚାଲିଥିବା ଏହି ପୂଜା ଯୋଗୁ ସହରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସନ୍ଧ୍ୟା ଆଳତୀ ବେଳେ ଗହଳି ଲାଗି ରହିଥିଲା। ଆଜି ସବୁ ପୂଜା କମିଟି ତରଫରୁ ପଟୁଆରରେ ବାହାରି ସହର ପରିକ୍ରମା କରାଯାଇଥିଲା। ସନ୍ଧ୍ୟା ୬ରୁ ରାତି ୯ ଟା ପର୍ଯ୍ୟନ୍ତ ଭସାଣି ଉତ୍ସବ ଲାଗି ରହିଥିଲା। ଶୃଙ୍ଖଳିତ ଭସାଣି ପାଇଁ ପୂଜା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡ଼ି କରାଯାଇଛି।

ଶ୍ୟାମାକାଳୀ ପୂଜା ପାଇଁ ଶୁଭଖୁଣ୍ଟି (୧୧୫)

ପାରଳାଖେମୁଣ୍ଡି,୧୦।୧୦(ସମିସ): ପାରଳାଖେମୁଣ୍ଡିରେ ଶ୍ୟାମାକାଳୀ ପୂଜା ନିମନ୍ତେ ଶୁଭଖୁଣ୍ଟି ନେହେରୁ ଛକରେ ସ୍ଥାପିତ ହୋଇଛି। ଚଳିତ ବର୍ଷ ୪୮ ତମ ବର୍ଷରେ ଏହି ପୂଜା ପଦାର୍ପଣ କରିଛି। ଦୀପାବଳୀ ଠାରୁ ୧୧ ଦିନ ଧରି କାଳୀପୂଜା ଅନୁଷ୍ଠିତ ହେବ। ଶୁଭଖୁଣ୍ଟି ସ୍ଥାପନ ବେଳେ ପୂର୍ବତନ କାଉନସିଲର ପ୍ରଶାନ୍ତ କୁମାର ପାତ୍ର, ଭାରତଭୂଷଣ ମହାନ୍ତି ଓ ଅଶୋକ କୁମାର ଗନ୍ତାୟତଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

## ଗୋଷାଣି ବ୍ଲକସ୍ତରୀୟ ବିଜ୍ଞାନ ସେମିନାର




ପାରଳାଖେମୁଣ୍ଡି,୧୦।୧୦(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଉପଲଡ଼ା ଗ୍ରାମସ୍ଥିତ ଟାଗୋର ମେମୋରିଆଲ୍ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ୨୫ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଟାଗୋର ମେମୋରିଆଲ ଉଚ୍ଚ ବିଦ୍ୟାଳୟର ଛାତ୍ର ପ୍ରଫୁଲ କୁମାର ତିଆଡ଼ି ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ, ଲିଙ୍ଗିପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଡିମ୍ପଲ ଚୌଧୁରୀ ଦ୍ୱିତୀୟ ଏବଂ ଯାଜପୁର ସରକାରୀ ଉଚ୍ଚବିଦ୍ୟାଳୟ ଛାତ୍ରୀ ଅନିତା ପ୍ରଧାନ ତୃତୀୟ ହୋଇଥିଲେ। କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ଏବଂ ପ୍ରଧାନଶିକ୍ଷକ ଏସ୍. ରାମା ରାଓ ବିଚାରକ ଭାବେ ଯୋଗ ଦେଇଥିବା ବେଳେ ଗୋଷାଣି ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ଏନ୍. ବିମଳ କୁମାର ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ୱାଇ. ଧର୍ମା ରାଓ ମଞ୍ଚାସୀନ ଥିଲେ।

## ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ନୂଆଗଡ଼,୧୦।୧୦(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକରେ ନୂତନ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଧର୍ମେନ୍ଦ୍ର କୁମାର ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ କେନ୍ଦ୍ରାପଡ଼ା ଜିଲ୍ଲାର ରାଜନଗର ବ୍ଲକରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ଏବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ପଦୋନ୍ନତି ପାଇ ଏହି ବ୍ଲକରେ ଯୋଗ ଦେଇଛନ୍ତି। ସୂଚନା ପ୍ରକାରେ ୧୫ ବର୍ଷରୁ ଅଧିକ ହେବ ବ୍ଲକରେ ଏହି ପଦ ଖାଲି ରହିଥିଲା।



# ବିଭିନ୍ନ କାର୍ଯ୍ୟାଳୟ ବୁଲି ଅଭିଯୋଗର ସ୍ଥିତି ଯାଞ୍ଚ କଲେ ଗ୍ରାମବାସୀ

ପାରଳାଖେମୁଣ୍ଡି,୧୦।୧୦(ସମିସ)



ସରକାର ଗ୍ରାମ୍ୟମୁଖୀ ହେବାକୁ ବିଭିନ୍ନ ଉପାୟ ଅବଲମ୍ବନ କରୁଛନ୍ତି। ଉଦ୍ଦେଶ୍ୟ ଲୋକଙ୍କ ପାଖକୁ ସମସ୍ତ ଯୋଜନା ପହଞ୍ଚାଇବାରେ ରହିଥିବା ସମସ୍ୟାର ସମାଧାନ କରିବା। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଏହାର ଉଦାହରଣ। କିନ୍ତୁ ଅଭିଯୋଗର ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି କି ନାହିଁ ତାହା କେହି ଯାଞ୍ଚ କରୁନାହାନ୍ତି। ରାୟଗଡ ବ୍ଲକ ଅନ୍ତର୍ଗତ ବିଷମ, ବୁଡିସାହି, କରଣସାହି, ବୋଣ୍ଡା ଓ ସାନଲୋବା ଗ୍ରାମବାସୀ ନିଜସ୍ୱ ଖର୍ଚ୍ଚରେ ଦୁଇଟି ତିନି ଚକିଆ ଗାଡିରେ ବିଭିନ୍ନ କାର୍ଯ୍ୟାଳୟ ବୁଲି ବୁଲି ସେମାନେ କରିଥିବା ପୂର୍ବ ଅଭିଯୋଗର ସମାଧାନ କେତେଦୂର ହୋଇଛି ତାହା ପଚାରି ବୁଝିଥିଲେ। ପ୍ରଥମେ ଜଙ୍ଗଲଜମି ପଟ୍ଟା ପାଇଁ ଡିଏଫ୍ଓଙ୍କ ଅନୁପସ୍ଥିତିରେ ଉପସ୍ଥିତ ବନବିଭାଗ କର୍ତ୍ତୃପକ୍ଷଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ ୨୦ ତାରିଖ ସୁଦ୍ଧା କରିବାକୁ ସାନଲୋବା ଗ୍ରାମବାସୀ ଦାବି କରିଥିଲେ।

୨୦୨୧ରୁ ଆବେଦନ ହୋଇଥିବା ଏହି ଜଙ୍ଗଲ ଜମି ପଟ୍ଟା ପାଇଁ ବର୍ଷ ବର୍ଷ ଧରି ବିଭିନ୍ନ କାର୍ଯ୍ୟାଳୟକୁ ବୁଲି ବୁଲି ହତାସ ହୋଇ ଚଳିତ ମାସ ୨୦ ତାରିଖ ମଧ୍ୟରେ ଜଙ୍ଗଲଜମି ପଟ୍ଟା ପ୍ରଦାନ କରାନଗଲେ ଧାରଣାର ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ସେହିପରି ସାଙ୍କୁରଡାଠାରୁ ବୋଣ୍ଡା ଗ୍ରାମକୁ ରାସ୍ତା ନିର୍ମାଣ ସକାଶେ ଗତ ଅଗଷ୍ଟରୁ ଆସିଥିବା ୫କୋଟି ୮୭ଲକ୍ଷ ୪୫ ହଜାର ଟଙ୍କାର ଟେଣ୍ଡର ହୋଇପାରୁ ନଥିବା, ବର୍ତ୍ତମାନ ଝଡ଼ବର୍ଷାରେ ପ୍ରଭାବିତ ରାସ୍ତା ଚାଲିବାକୁ ମଧ୍ୟ ଉପଯୁକ୍ତ ନଥିବା ଯୋଗୁଁ ତୁରନ୍ତ ଟେଣ୍ଡର କରାଯାଇ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ନଚେତ ଅତିଶୀଘ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ତେବେ ଉକ୍ତ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର ନିମନ୍ତେ ଗ୍ରାମବାସୀ ଦୀର୍ଘବର୍ଷ ଧରି ପଞ୍ଚାୟତ, ବ୍ଲକ ଓ ଜିଲ୍ଲା କାର୍ଯ୍ୟାଳୟରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ।

ସେହିପରି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ କରଣସାହି ଜନସାଧାରଣ ପୂର୍ତ୍ତବିଭାଗ ରାସ୍ତାରୁ ଅବାପୁର ଏବଂ ସେଠାରୁ କରଣସାହିକୁ ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଲୋକେ ଦାବି କରିଛନ୍ତି। ବିଷମ, ବୁଡିସାହିକୁ ମଧ୍ୟ ରାସ୍ତା ନିର୍ମାଣ ପାଇଁ ଲୋକେ ସ୍ୱତନ୍ତ୍ର ଭାବେ ଦାବିପତ୍ର ପ୍ରଦାନ କରିଛନ୍ତି।

### ତୁରନ୍ତ ସମାଧାନ ନକଲେ ଆନ୍ଦୋଳନ ଚେତାବନୀ

ସୂଚନା ଯୋଗ୍ୟ ଯେ, ପ୍ରତ୍ୟେକ ୨ ମାସରୁ ତିନିମାସ ବ୍ୟବଧାନରେ ଏହି ଗ୍ରାମବାସୀ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନ ଓ ସାନଲୋବା ଗ୍ରାମର ସୁବାସ ନାମକ ଜଣେ ଆଦିବାସୀ ଯୁବନେତାଙ୍କ ନେତୃତ୍ୱରେ ନିଜ ସମସ୍ୟା ଦୀର୍ଘବର୍ଷ ହେବ ଜଣାଇ ଆସୁଛନ୍ତି। କେବଳ ଜିଲ୍ଲାସ୍ତରରୁ ନୁହେଁ ସେମାନେ ଏକତ୍ର ହୋଇ ଭୁବନେଶ୍ୱର ଓ ଅନଲାଇନ୍ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ପ୍ରକୋଷ୍ଠକୁ ମଧ୍ୟ ସମସ୍ୟାର ସମାଧାନ ପାଇଁ ଗୁହାରି କରିଆସୁଛନ୍ତି। ଏଭଳି ଉଦ୍ୟମ ଯୋଗୁଁ କିଛି ସମସ୍ୟାର ସମାଧାନ ହୋଇଥିବା ବେଳେ ଆଉ କିଛି ସମସ୍ୟା ପୂର୍ବଭଳି ରହିଛି। ତଥାପି ସେମାନେ ପ୍ରୟାସ ଜାରି ରଖିବା ସହ ବର୍ତ୍ତମାନ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ପାଇଁ ଚେତାବନୀ ଦେଇଛନ୍ତି।

## ଗୁମ୍ମା ବ୍ଲକରେ କ୍ଷୟକ୍ଷତି ବୁଲି ଦେଖିଲେ ବିଧାୟକ

ଗୁମ୍ମା,୧୦।୧୦(ସମିସ): ଗତ ଦୁଇ ତାରିଖରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ଅନେକ ଗ୍ରାମରେ କ୍ଷୟକ୍ଷତି ହୋଇଥିଲା। ମୁଖ୍ୟତଃ ତରଭା ପଞ୍ଚାୟତର ଆଶ୍ରୟଗଡ଼ ଠାରୁ ବୁରୁଡ଼ିଙ୍ଗ ପୋଲ ଭୁଶୁଡ଼ିଥିବା, ସୁକେଇ ଗ୍ରାମରେ ଧାନ ମେସିନ ପାଣିରେ ଭାସିଯିବା ଓ ମାଡାଉଲ ଗ୍ରାମରେ ଅନେକ ଚାଷୀଙ୍କ ଫସଲ ନଷ୍ଟ ହୋଇଥିଲା। ଗ୍ରାମକୁ ଯାଇ କ୍ଷୟକ୍ଷତି ଦେଖିଛନ୍ତି ପାରଳା ବିଧାୟକ ଇ. ରୁପେଶ କୁମାର ପାଣିଗ୍ରାହୀ। ବିଧାୟକଙ୍କ ପରିଦର୍ଶନ ସମୟରେ ବିଡ଼ିଓ ଦୁଲାରାମ ମାରାଣ୍ଡି,ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳ, ସହକାରୀ ଯନ୍ତ୍ରୀ ବିଭୁ ଚରଣ ପୂଜାରୀ, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ମିଶ୍ର ଓ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ଦିଲୀପ ବେହେରା ଉପସ୍ଥିତ ଥିଲେ। ସେହିପରି ତୁମୁଲ ପଞ୍ଚାୟତର ତୁମଚର,



ଅରାଙ୍ଗୁଗୁଳ, ତବରସିଂ ଗ୍ରାମର ମୁଖ୍ୟ ରାସ୍ତା ନଷ୍ଟ ହୋଇଥିବା ବେଳେ ଯାତାୟତ ସମସ୍ୟା ସମ୍ପର୍କରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଗ୍ରାମର ଦୁଃଖ ଜଣାଇଥିଲେ ଲୋକେ। ଏହି କାର୍ଯ୍ୟକ୍ରମରେ ଗୁମ୍ମା ବ୍ଲକର ସମସ୍ତ ସମସ୍ୟା ସମ୍ପର୍କରେ ବିଡ଼ିଓ,ତହସିଲଦାର,ପୂର୍ତ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ସହିତ ଆଲୋଚନା କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଧାୟକ। ବିଡ଼ିଓ ଓ ପୂର୍ତ୍ତ ସହକାରୀ ଯନ୍ତ୍ରୀ ଦିଲୀପ ବେହେରା ଖୁବଶୀଘ୍ର କ୍ଷୟକ୍ଷତି ରାସ୍ତା ଓ ପୋଲ ନିର୍ମାଣ ଆରମ୍ଭ କରାଯିବ ବୋଲି କହିଛନ୍ତି।

● କଳିଙ୍ଗା ଘାଟି ରାସ୍ତା ସ୍ୱାଭାବିକ କରିବା ପ୍ରସଙ୍ଗ

## ମୁଖ୍ୟମନ୍ତ୍ରୀଙ୍କ ସହ ଭଞ୍ଜନଗର ବିଧାୟକଙ୍କ ଆଲୋଚନା

ଜି.ଉଦୟଗିରି,୧୦।୧୦(ସମିସ): କଳିଙ୍ଗାଘାଟି ରାସ୍ତା ସ୍ୱାଭାବିକ କରିବା ସହିତ ବିକଳ୍ପରେ ଭଲିଆପଟାରୁ ଦୁର୍ଗାପ୍ରସାଦ ଏବଂ ଟନେଲ ରାସ୍ତା ନିର୍ମାଣ ପାଇଁ ଗତକାଲି ଗଞ୍ଜାମ ଏବଂ କନ୍ଧମାଳ ସୀମାନ୍ତ ଗ୍ରାମବାସୀ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ ନାୟକ ଏବଂ ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପାତ୍ର ପ୍ରଦାନ କରିଥିଲେ। ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଧାୟକ ଆଜି କଳିଙ୍ଗା ଘାଟି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କିପରି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ସେଥିନେଇ ଆଲୋଚନା କରିଛନ୍ତି। ଯଥାଶୀଘ୍ର ବିକଳ୍ପ ରାସ୍ତା ଭଭାବେ ଭାଲିଆପଟାରୁ ଦୁର୍ଗାପ୍ରସାଦ ରାସ୍ତା ଆରମ୍ଭ କରିବା



ପ୍ରତିଶ୍ରୁତି ଦେବା ସହିତ କଳିଙ୍ଗା ଘାଟିକୁ ଆଧୁନିକକରଣ କରିବାକୁ କେନ୍ଦ୍ର ମନ୍ତ୍ରୀଙ୍କ ନିତିନ ଗଡ଼କରୀଙ୍କ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିବା କହିଥିବା ବିଧାୟକ କହିଛନ୍ତି। ବିଧାୟକଙ୍କ ଏହିଭଳି ତ୍ୱରିତ ପଦକ୍ଷେପ ପାଇଁ ଅଞ୍ଚଳବାସୀ ଧନ୍ୟବାଦ ଦେବା ସହିତ କୃତଜ୍ଞତା ଜଣାଇଛନ୍ତି।୧୬ ତାରିଖରେ ହୋଇଥିବା ଭୂସ୍ଖଳନରେ ଧୋଇ ହୋଇଯାଇଥିଲା ରାସ୍ତା। ୨୫ ଦିନହେଲା ରାସ୍ତାସ୍ୱାଭାବିକ ହୋଇ ନଥିବା ବେଳେ ଜୀବନ ଜୀବିକା ପ୍ରଭାବିତ ହେବା ସହିତ ଦିନକୁ ଦିନ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

## ଗ୍ୟାରେଜ୍ ସମ୍ମୁଖରୁ ବାଇକ୍ ଚୋରି

ଟିକାବାଲି,୧୦।୧୦(ସମିସ): ଟିକାବାଲି ବ୍ଲକ ଛକରେ ଥିବା ଏକ ଗ୍ୟାରେଜ ସମ୍ମୁଖରୁ ମରାମତି ପାଇଁ ଆସିଥିବା ଏକ ବାଇକ୍ ଚୋରି ହୋଇଛି। ଏହି ଘଟଣା ଗତ ୮ ତାରିଖ ରାତିରେ ଘଟିଥିବା ବେଳେ ଗ୍ୟାରେଜ ମାଲିକ ନାରାୟଣ ସେଠୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନାରାୟଣ ସେଠୀ ପ୍ରତ୍ୟେକ ଦିନ ଭଳି ୮ ତାରିଖ ଦିନ ସନ୍ଧ୍ୟାରେ ମରାମତି ପାଇଁ ଆସିଥିବା ପ୍ରାୟ ୧୦ରୁ ଅଧିକ ବାଇକକୁ ଗ୍ୟାରେଜ ସମ୍ମୁଖରେ ଏକାଠି ରଖି ଚେନ୍ ସାହାଯ୍ୟରେ ବାନ୍ଧି ତାଲା ପକାଇ ଘରକୁ ଯାଇଥିଲେ। ମାତ୍ର ରାତି ୧୧ଟା ୫୦ରେ ଦୁଇ ଦୁର୍ବୃତ୍ତ ତାଲା ଭାଙ୍ଗି ଏକ ବାଇକ ଚୋରି କରି ନେଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ସକାଳେ ନାରାୟଣ ପହଞ୍ଚି ଚୋରି ହୋଇଥିବା ଦେଖି ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଚୋରିର ସମ୍ପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଥିଲା। ସିସିଟିଭି ରଙ୍ଗୀନ ନଥିବାରୁ ଦୁର୍ବୃତ୍ତଙ୍କୁ ସ୍ପଷ୍ଟ ଭାବେ ଚିହ୍ନଟ କରିହେଉନାହିଁ। ସେ ଟିକାବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ବଳଦ ଚାଲାଣ ରୋକିଲେ ଗ୍ରାମବାସୀ ଓ ବଜରଙ୍ଗ ଦଳ କର୍ମୀ

ପାରଳାଖେମୁଣ୍ଡି,୧୦।୧୦(ସମିସ): ଗୋଷାଣି ବ୍ଲକ କଣ୍ଟ୍ରାଗଡ ପଞ୍ଚାୟତର ରାଜପୁର ଗ୍ରାମ ନିକଟରେ ବଳଦ ଚାଲାଣ ରୋକିଛନ୍ତି ଗ୍ରାମବାସୀ ଓ ବଜରଙ୍ଗ ଦଳ କର୍ମୀ। ଆଜି ସକାଳେ ରାୟଗଡ ବ୍ଲକ ଅଞ୍ଚଳରୁ ରାଜପୁର ଗ୍ରାମ ଦେଇ ୫ ବଳଦକୁ ଚଲାଇ ଚଲାଇ ନିଆଯାଉଥିବା ବେଳେ ବାଟ କଢ଼ାଇ ନେଉଥିବା ଲୋକଙ୍କୁ ଏସମ୍ପର୍କରେ ପଚାରି ବୁଝିଥିଲେ ଗ୍ରାମବାସୀ ଓ ବଜରଙ୍ଗୀ ଦଳର କର୍ମୀ। ସନ୍ତୋଷଜନକ ଉତ୍ତର ନମିଳିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବର ପାଇ ଗୁରାଣ୍ଡି ପୁଲିସ ପହଞ୍ଚି ତଦନ୍ତ କରିଥିଲେ। ଶେଷରେ ସହମତି କ୍ରମେ ଉକ୍ତ ବଳଦକୁ ସେମାନଙ୍କ ମାଲିକଙ୍କୁ ହସ୍ତାନ୍ତର କରାଯାଇଥିଲା।

## ଜୁଆଆଡ୍ଡାରେ ଚଢ଼ଉ; ୯ ଗିରଫ

ମୋହନା,୧୦।୧୦(ସମିସ): ଗଜପତି ଜିଲ୍ଲା ମୋହନା ପୁଲିସ ଦୀର୍ଘଦିନ ଧରି ଚାଲିଥିବା ଜୁଆଆଡ୍ଡା ଉପରେ ଚଢ଼ଉ କରି ୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗୁରୁବାର ରାତିରେ ଗଜପତି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶରେ ଚନ୍ଦ୍ରଗିରି ଫାଣ୍ଡି ପୁଲିସ ଲବାରସିଂ ଶବରସାହିରେ ଚାଲିଥିବା ଜୁଆଖେଳ ଉପରେ ଚଢ଼ଉ କରିଥିଲା। ଘଟଣାସ୍ଥଳରୁ ୧୨,୨୦୦ ଟଙ୍କା ଜବତ ସହ ୯ ଜଣଙ୍କୁ ଗିରଫ କରାଯାଇଥିଲା। ସେଠାରେ ୬୦ରୁ ଊର୍ଦ୍ଧ୍ୱ ଲୋକ ଥିବାବେଳେ ଅନ୍ୟମାନେ ଖସି ପଳାଇଥିଲେ। ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କୁ ଥାନାରୁ ନୋଟିସରେ ଛଡ଼ାଯାଇଛି।

ବିଭିନ୍ନ ସ୍ଥାନରେ ବରିଷ୍ଠ ନାଗରିକ ଦିବସ

# ବରିଷ୍ଠ ନାଗରିକ ସମାଜର ମେରୁଦଣ୍ଡ



ନୂଆଗଡ଼,୧୦।୧୦(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ପଞ୍ଚାୟତ ସମିତିରେ ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବରିଷ୍ଠ ନାଗରିକଙ୍କୁ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସହ ଯୋଗଶିକ୍ଷା ଦିଆଯାଇଥିଲା। ଯୋଗ ଶିକ୍ଷକ ମନୋଜ ପାଇକ ଯୋଗଶିକ୍ଷା ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ବିଡିଓ ଲୋକନାଥ ଶବର, ମୁଖ୍ୟ କିରାଣି ଗଣେଶ ପ୍ରସାଦ ପଣ୍ଡା ଏବଂ ବରିଷ୍ଠ ନାଗରିକ ରବି ସୁବୁଦ୍ଧି ଉପସ୍ଥିତ ରହି ବରିଷ୍ଠ ନାଗରିକଙ୍କୁ ଉପଢ଼ୌକନ ଦେଇ ସମ୍ମାନିତ କରିବା ସହ ସେମାନଙ୍କ ନିମନ୍ତେ ଥିବା ସରକାରୀ ଯୋଜନା ବିଷୟରେ ସଚେତନ କରାଇଥିଲେ। ପୂର୍ବରୁ ବରିଷ୍ଠ ନାଗରିକଙ୍କ ବିଷୟବସ୍ତୁକୁ ନେଇ ହାଇସ୍କୁଲରେ ବ୍ଲକସ୍ତରୀୟ ରଚନା ପ୍ରତିଯୋଗିତା ହୋଇଥିଲା। ସେଥିରେ କୃତିତ୍ୱ ଅର୍ଜନ କରିଥିବା ୩ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଏଥିରେ ମା' ସିଦ୍ଧେଶ୍ୱର ଭଜନ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଗ୍ରାମରୁ ୧୩୨ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା ଓ ସଶକ୍ତି କରଣ ବିଭାଗର ବ୍ଲକ ପ୍ରୋଗ୍ରାମ କାର୍ଯ୍ୟ ସହାୟକ ଜାକସନ ଲିମା ପରିଚାଳନା କରିଥିଲେ।

**ଟିକାବାଲି:** ଟିକାବାଲି ବରିଷ୍ଠ ନାଗରିକ ମଞ୍ଚ ତରଫରୁ ସଭାପତି କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମା ଭୈରବୀ କଲ୍ୟାଣ ମଣ୍ଡପରେ ବରିଷ୍ଠ ନାଗରିକ ଦିବସ ପାଳିତ ହୋଇଯାଇଛଇ। ବରିଷ୍ଠ ନାଗରିକ ସଙ୍ଘ ସମ୍ପାଦକ ପର୍ଶୁରାମ ନାୟକ, ସଭ୍ୟ ସୁବାସ ପାଣିଗ୍ରାହୀ, ଶଶିଭୂଷଣ ଭୋଇ, ପ୍ରଶାନ୍ତ ଦିଗାଳ, କମଳକାନ୍ତ ଦିଗାଲଙ୍କ ସମେତ ବ୍ଲକର ଆଖପାଖ ଅଞ୍ଚଳରୁ ଶତାଧିକ ବରିଷ୍ଠ ନାଗରିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ (ଆୟୁଷ ବିଭାଗ) ଦୀପାଳି ବାରିକ, ଜିଲ୍ଲା ପରିଷଦ ସଭ୍ୟ ଗୌତମୀ ଜାନି ଓ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ଯୋଗ ଗୁରୁ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରସାଦ



ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ୯୦ବର୍ଷ ବୟସ ଅତିକ୍ରମ କରିଥିବା ୧୨ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କାରାଯାଇଥିଲା।

**ରାୟଗଡ଼:** ରାୟଗଡ଼ ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୁଲ୍ୟରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ଘଡାଇ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ଯୋଗଭ୍ୟାସ କରାଇଥିଲେ। ଏହି ଅବସରରେ ନୂତନ ଭାବେ ପ୍ରାୟ ୩୬ ଜଣ ବରିଷ୍ଠଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା ଓ ଏହାସହ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ପାଣି ପରିଚାଳନା କରିଥିବା ବେଳେ ପିଇଓ ରାସବିହାରୀ ପାତ୍ର ପରିଚାଳନାରେ ସହଯୋଗ କରିଥିଲେ।





**ପାରଳାଖେମୁଣ୍ଡି:** ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ଜିଲ୍ଲାସ୍ତରୀୟ ବରିଷ୍ଠ ନାଗରିକ ଦିବସ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ପାଳିତ ହୋଇଛି। ବରିଷ୍ଠ ନାଗରିକଙ୍କ ନିମନ୍ତେ ମାଗଣା ସ୍ୱାସ୍ଥ୍ୟଶିବିର ଆୟୋଜନ କରାଯାଇଥିଲା। ୧୭୭ ଜଣ ବରିଷ୍ଠ ନାଗରିକ ଯୋଗ ଦେଇଥିବା ବେଳେ ୮୭ଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଆନନ୍ଦ ସାମନ୍ତରାୟ, ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘର ଉପଦେଷ୍ଟା ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପାରଳାଖେମୁଣ୍ଡି ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ହରିମୋହନ ପଟ୍ଟନାୟକ, ଗୁରାଣ୍ଡି ସ୍ଥିତ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ବିନୋଦ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିବାବେଳେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ।

କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଲ୍. ସନ୍ତୋଷ କୁମାର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ୫ ଜଣ ବ୍ୟକ୍ତି ବିଶେଷ ତଥା ନିବେଦିତା ରଥ, ଆଶାଲତା ପାଣିଗ୍ରାହୀ, ଅଶ୍ୱିନୀ କୁମାର ପାଢୀ, ପିନାକୀ ପ୍ରସାଦ ଜେନା ଓ ଜଗଦୀଶ ଚନ୍ଦ୍ର ମହାପାତ୍ର ବରିଷ୍ଠ ନାଗରିକ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବାରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ପାରଳାଖେମୁଣ୍ଡି ପୌର ପରିଷଦର ବୟୋଜ୍ୟେଷ୍ଠ ବ୍ୟକ୍ତି ହିସାବରେ ରାଧିକାମଣୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ମୋଟ ୧୦ ଜଣ ହିତାଧିକାରୀଙ୍କୁ ନୂଆ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କରାଯାଇଥିଲା। ଏହା ପରେ ବରିଷ୍ଠ ନାଗରିକଙ୍କ ନିମନ୍ତେ ଥିବା ବିଭିନ୍ନ ଯୋଜନା ଗୁଡିକୁ ଏକ ସଚେତନତା ନାଟକ ମାଧ୍ୟମରେ ଯୁବରାଜପୁର ଗ୍ରାମର ଶ୍ରୀ ଅମ୍ବିକା ନାଟ୍ୟ ସଂଘର କଳାକାର ପ୍ରଦର୍ଶନ କରିଥିଲେ। ଖାଣ୍ଡବା ସ୍ଥିତ ବଂଶଧାରା ସରକାରୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ସୁବାଶିଷ ପତି ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ଅର୍ଚ୍ଚନା ମଙ୍ଗରାଜ, ଆଶ୍ରା ଜରାଶ୍ରମର କର୍ମକର୍ତ୍ତା ଓ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ କର୍ମଚାରୀ ୱାଇ. ଅନୁଶା, ରିଙ୍କୁ ମହାରଣା, ଶେଷଗିରି ବେହେରା, ଗୌରବ ରବିନ ରଇତ ଓ ସୁମନ ମିଶ୍ର ସହଯୋଗ କରିଥିଲେ।

## ମା’ ରାମଚଣ୍ଡୀ ପୀଠରେ ପ୍ରସ୍ତୁତି ବୈଠକ

ଗଞ୍ଜାମ,୧୦ ।୧୦(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ କରପଡ଼ାରେ ଥିବା ମା’ ରାମଚଣ୍ଡୀ ଶକ୍ତିପୀଠରେ ମା’ ଚାମୁଣ୍ଡା କ୍ଲବ୍ ଗ୍ରୀନ ପିସ୍ ଭିଲେଜ ଫାଉଣ୍ଡେସନ ଓ ମା’ ରାମଚଣ୍ଡୀ ପୂଜା କମିଟି ମିଳିତ ଆନୁକୂଲ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଗୋପାଳପୁର ପୋର୍ଟ ଅଦାନୀ ଫାଉଣ୍ଡେସନର ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର ଯୋଗ ଦେଇଥିଲେ । ବୈଠକରେ ବିଭିନ୍ନ ବିଷୟକୁ ନେଇ ଚର୍ଚ୍ଚା ହୋଇଥିଲା । ସେଥିମଧ୍ୟରୁ ଆସନ୍ତା ୧୨ତାରିଖରେ ସ୍ୱେଚ୍ଛାସେବୀ ସଂଗଠନର ୧୦ ବର୍ଷ ପୂର୍ତ୍ତୀ ଅବସରରେ ରମ୍ଭା କଲ୍ୟାଣ ମଣ୍ଡପରେ ହେବାକୁ ଥିବା କାର୍ଯ୍ୟକ୍ରମକୁ କିପରି ସଫଳ କରାଯିବ ଆଲୋଚନା ହୋଇଥିଲା । ସ୍ୱେଚ୍ଛାସେବୀ ସଂଗଠନ ଗ୍ରୀନ ପିସ ଭିଲେଜ ଫାଉଣ୍ଡେସନର ପ୍ରତିଷ୍ଠାତା ପ୍ରତାପ ନାୟକ, ମା’ ରାମଚଣ୍ଡୀ ଟ୍ରଷ୍ଟର କୋଷାଧ୍ୟକ୍ଷ ଲକ୍ଷ୍ମୀ ନୃସିଂହ ପଣ୍ଡା, ସଂଯୋଜକ କମଳ ପଣ୍ଡା, କରପଡା ସରପଞ୍ଚ ଅଜୟ ନାୟକ, ପୂଜା କମିଟି ସଭାପତି ଦୟାନନ୍ଦ ରେଡ୍ଡୀ, ଉପସଭାପତି ଦିବାକର ନାୟକ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ନାୟକ(ମହାରାଜ), ତ୍ରିପତି ବାଲାଜୀ ମିଶ୍ର, ଜ୍ୟୋତିସ ଦୀପକ ଦାସ ଓ ଚାମୁଣ୍ଡା କ୍ଲବର ମୁଖ୍ୟ ରବୀନ୍ଦ୍ର ନାୟକଙ୍କ ସହିତ ଅନ୍ୟ ସମସ୍ତ କମିଟି ସଦସ୍ୟ ଓ ରାମଚଣ୍ଡୀ ପୂଜା କମିଟି ସହ ସମ୍ପାଦକ ଦଣ୍ଡପାଣି ମହାରଣା, ସହ ସଂଯୋଜକ ତୁଷାର ଶତପଥି, ଶଙ୍କର ନାୟକ, କୋଷାଧ୍ୟକ୍ଷ କୁଞ୍ଜ ନାୟକ, ବୃନ୍ଦାବନ ନାୟକ, କେଦାର ନାୟକ, ସୁଧୀର ମହାରଣା, ଶଙ୍କର ଚର୍ତ୍ତୀ, ଗୋପାଳ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଶଙ୍ଖ ନୂଆଗାଁ ବାଇପାସ ରାସ୍ତା ବିପର୍ଯ୍ୟସ୍ତ

ଗଞ୍ଜାମ,୧୦ ।୧୦(ସମିସ): ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶଙ୍ଖ ନୂଆ ଗାଁ ଫ୍ଲାଇଓଭର ବ୍ରିଜ ତଳେ ରହିଥିବା ରାସ୍ତାଟି ବିପର୍ଯ୍ୟସ୍ତ ହୋଇପଡ଼ିଛି । ଲଗାଣ ବର୍ଷା ଫଳରେ ଖାଲଖମା ସୃଷ୍ଟି ହୋଇ ଯାନବାହନ ଯିବାଆସିବାରେ ସମସ୍ୟା ହେଉଛି । ଫଳରେ ଗଞ୍ଜାମ ସହର ପଟୁ ଶଙ୍ଖ ନୂଆଁଗାଁ ଓ କାଇଁଚପୁର ପଞ୍ଚାୟତ ଝାଡ଼କୁଦା ଗ୍ରାମକୁ ଯିବା ଆସିବା ପାଇଁ ଉକ୍ତ ରାସ୍ତା ବିପଦ ସୃଷ୍ଟି କରୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ବିଶ୍ୱ ଦୃଷ୍ଟି ଦିବସରେ ସଚେତନତା ରାଲି




ଛତ୍ରପୁର,୧୦ ।୧୦(ସମିସ): ଅକ୍ଟୋବର ମାସର ଦ୍ୱିତୀୟ ଗୁରୁବାରକୁ ବିଶ୍ୱ ଦୃଷ୍ଟି ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ସମରଝୋଳ ସ୍ଥିତ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଏହି ରାଲିକୁ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଶଙ୍କର ଚକ୍ଷୁ ଚିକିତ୍ସାଳୟର ପରାମର୍ଶଦାତା ବି. ଶ୍ରୀନିବାସଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ଏମଡି ଡାକ୍ତର ସ୍ମିତା କ୍ରିଷ୍ଣା ମୂର୍ତ୍ତି, ସିଇଓ ଡାକ୍ତର ଆଶିଷ କୁମାର ଝା, ଜିଏମଏସ ଆନନ୍ଦ ରମନ, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥୀ, ୟୁଥ ମାସ ସେବା ସଂଘର ସମ୍ପାଦକ ସୟଦ୍ ମୁକ୍ତାରଙ୍କ ସମେତ ଶଙ୍କର ଚକ୍ଷୁ ଚିକିତ୍ସାଳୟର କର୍ମଚାରୀ ଏବଂ ବହୁ ବୁଦ୍ଧିଜୀବୀ ସାମିଲ୍ ଥିଲେ ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଦିଗପହଣ୍ଡି,୧୦ ।୧୦(ସମିସ): ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବିଡ଼ିଓ ଅନାମିକା ପାଣ୍ଡେଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ତହସିଲଦାର ସନ୍ତୋଷ କୁମାର ସାହୁ, ଅତିରିକ୍ତ ବିଡ଼ିଓ ଉମେଶ ସେଠୀ, ବ୍ଲକ ଉପାଧ୍ୟକ୍ଷା ସୁକାନ୍ତି ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ବ୍ରହ୍ମପୁର ସାଂସଦ ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ, ସରପଞ୍ଚ ତପନ କୁମାର ପ୍ରଧାନ, ଲିଙ୍ଗରାଜ ଦୋରା, ସରପଞ୍ଚ ପ୍ରତିନିଧି ଶିବରାମ ପ୍ରଧାନ ପ୍ରମୁଖ ମଞ୍ଚାସିନ ଥିଲେ । ବ୍ଲକ ଅଧିନସ୍ଥ ବିଭିନ୍ନ ପଞ୍ଚାୟତରୁ ୧୨୯ ଜଣ ଦିବ୍ୟାଙ୍ଗ ଏହି ଶିବିରରେ ନାମ ପଞ୍ଜିକୃତ କରିଥିଲେ । ୧୬ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକଲ, ଜଣକୁ ହୁଇଲ ଚେୟାର ଏବଂ ୩ ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିଲା । ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ରଶ୍ମୀ ପ୍ରକାଶିନୀ ଜାନୀ ଶିବିର ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକ ଏବଂ ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ସହାୟତା କରିଥିଲେ ।

## ରାଜ୍ୟ ସ୍ୱଚ୍ଛ ଭାରତ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା

ରମ୍ଭା,୧୦ ।୧୦(ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତିପୀଠ ପ୍ରଜ୍ଞା ଭବନ ପରିସରରେ ଶିକ୍ଷକ ସଂଘ ରାଜ୍ୟ ଓ ଜିଲ୍ଲା ନେତୃମଣ୍ଡଳୀ ତଥା ଶତାଧିକ ଶିକ୍ଷକ ରାଜ୍ୟ ସ୍ୱଚ୍ଛ ଭାରତ ପ୍ରମୁଖ ତଥା ବରିଷ୍ଠ ବିଜେପି ନେତା ମହେଶ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ପ୍ରାକ୍ତନ ଶିକ୍ଷକ ତଥା ସମାଜସେବୀ ଭୀମସେନ ବେହେରା ଓ ଆଇନଜୀବୀ ମୁରଲୀଧର ପାଣିଗ୍ରାହୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପଞ୍ଚାନନ ତ୍ରିପାଠୀ, କୃଷ୍ଣଚନ୍ଦ୍ର ବେହେରା, ଗଜେନ୍ଦ୍ର ମାଝୀ, ପ୍ରଶାନ୍ତକୁମାର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ଲକ୍ଷ୍ମଣ ନାହାକ, ପ୍ରଭାକର ନାହାକ, ଅଭିରାମ ନାୟକ, ଅଞ୍ଜନା ବେହେରା, ଦୁଲଣୀ ବେହେରା, ନିଳେନ୍ଦ୍ରି ବେହେରା, ଭବାନୀଶଙ୍କର ପଟ୍ଟନାୟକ, ରୋହିତ କୁମାର ଦାସ, ସୁଦର୍ଶନ ତ୍ରିପାଠୀ ଜୟକୃଷ୍ଣ ତ୍ରିପାଠୀ, ପ୍ରଶ୍ନ କୁମାର ବେହେରା, ପ୍ରଦୀପ କୁମାର ଭୁକ୍ତା, ସମୀର କୁମାର ଅଧିକାରୀ ଓ ଅନ୍ୟାନ୍ୟ ଶତାଧିକ ଶିକ୍ଷକ, ଶିକ୍ଷୟତ୍ରୀ ଉପସ୍ଥିତ ରହିଥିଲେ ।

## ପିପୁଲ୍ସ ହାଇସ୍କୁଲରେ ବିଜ୍ଞାନ ଆଲୋଚନାଚକ୍ର




ବୁଗୁଡା,୧୦ ।୧୦(ସମିସ): ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ବୁଗୁଡା ବ୍ଲକ୍‌ସ୍ତରୀୟ ସାଇନ୍ସ ସେମିନାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କାଳୀଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ତଥା ବିଚାରକ ଭାବେ ପିପୁଲ୍ସ କଲେଜ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ଜୟରାମ ବିଷୋୟୀ ଓ ରସାୟନ ବିଜ୍ଞାନ ଅଧ୍ୟାପକ ବିଜେନ୍ଦ୍ର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଉକ୍ତ ସେମିନାରର ଥିମ୍ “କ୍ୱାଣ୍ଟମ୍ ଏଜ୍ ବିଗିନ୍ସ ପୋଟେନସିଆଲ୍ସ ଏଣ୍ଡ ଚ୍ୟାଲେଞ୍ଜସ୍’ ରହିଥିଲା । ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୨୪ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗୀ ଭାବେ ମତାମତ ଉପସ୍ଥାପନ କରିଥିଲେ । ବିରଞ୍ଚିପୁରସ୍ଥ ଶ୍ରୀରାଧାକୃଷ୍ଣ ହାଇସ୍କୁଲର ଛାତ୍ରୀ ଶୁଭଦର୍ଶିନୀ ପାଢୀ ପ୍ରଥମ, ଗୋଳିଆ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ମୋନାଲିସା ରା ଦ୍ୱିତୀୟ ଓ ଭାମଶ୍ୟାଳି ହାଇସ୍କୁଲ ଛାତ୍ରୀ ଖୁସି ସେଠୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । କାର୍ଯ୍ୟକ୍ରମକୁ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼, ପି.ଶିବାନନ୍ଦ ଓ କାହ୍ନୁ ଚରଣ ଗୌଡ଼ ପ୍ରମୁଖ ପରିଚାଳନା କରିଥିଲା ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ରୋଗୀ ସେବାରେ ଅବହେଳା ନେଇ ତୀବ୍ର ଉତ୍ତେଜନା

# ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଘେରିଲେ ଯୁବଗୋଷ୍ଠୀ

ପାରଳାଖେମୁଣ୍ଡି,୧୦।୧୦(ସମିସ)



ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟରେ ରୋଗୀ ସେବାରେ ଅବହେଳା ନେଇ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଥିଲା । ବହୁ ସଂଖ୍ୟାରେ ସ୍ଥାନୀୟ ଯୁବକ ଆଇନଜୀବୀ ପ୍ରଶାନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଘେରାଉ କରିଥିଲେ । ଘେରାଉ ପାଇଁ ପହଞ୍ଚିଥିବା ସମସ୍ତ ଯୁବକ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ସମ୍ପର୍କୀୟଙ୍କ ଚିକିତ୍ସା ବେଳେ କେନ୍ଦ୍ରରେ ହୋଇଥିବା ଅବହେଳା ବିଷୟରେ କହିଥିଲେ । ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ବିଶେଷଜ୍ଞ ଡାକ୍ତର ଆଉଟ୍‌ଡୋର୍ ସମୟରେ ଡ୍ୟୁଟି କରୁନଥିବା, ସରକାରଙ୍କ ନିର୍ଦ୍ଧାରିତ ସମୟ ପ୍ରତିବଦଳରେ ସକାଳବେଳା ୧୦ଟାରୁ ୧୨ଟା ଏବଂ ଅପରାହ୍ନରେ କେବଳ ଏକ ଘଣ୍ଟା ପାଇଁ ୨୧ ନମ୍ବର କୋଠରୀରେ କିଛି ଠିକା ଡାକ୍ତର ଓ କନିଷ୍ଠ ଡାକ୍ତର ରୋଗୀଙ୍କୁ ଚିକିତ୍ସା କରୁଥିବା ଅଭିଯୋଗ କରିଥିଲେ । ଏପରିକି ବିଭିନ୍ନ ବେସରକାରୀ ଔଷଧ ଦୋକାନ, ମଳମୂତ୍ର ପରୀକ୍ଷା କେନ୍ଦ୍ର ଓ ନର୍ସିଂ ହୋମ୍‌ରେ ଡାକ୍ତର ରୋଗୀ ଚିକିତ୍ସା କରୁଥିବା ଦୁର୍ଭାଗ୍ୟଜନକ ବୋଲି କହିବା ସହ ଏ ସମ୍ପର୍କରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ସ୍ୱତନ୍ତ୍ର ଭାବେ ଜଣେ ଭେଷଜ ବିଶେଷଜ୍ଞ ଡାକ୍ତର ବିଭିନ୍ନ ବେସରକାରୀ ଅନୁଷ୍ଠାନରେ ରୋଗୀ ଚିକିତ୍ସା କରୁଥିବା ବେଳେ ସରକାରୀ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା, ରୋଗୀଙ୍କୁ ଖରାପ ବ୍ୟବହାର ଓ ବିଭିନ୍ନ ବେସରକାରୀ ବ୍ୟବସାୟରେ ଲିପ୍ତ ରହି ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ । ଏପରିକି ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରର ଏକ ପ୍ରମୁଖ ଦାୟିତ୍ୱରେ ଥିବା ଜଣେ ଡାକ୍ତର ନିଜେ ଆଉଟଡୋର୍ ସମୟରେ କର୍ତ୍ତବ୍ୟ ନ କରି ସେହି ସମୟରେ ନିଜ ପୋଷା କୁକୁର ଧରି ନିଜେ ସ୍ଥାନୀୟ ଲୋକ ବୋଲି ଦାବି କରି ଦାଦାଗିରି ଦେଖାଉଥିବା ଅଭିଯୋଗ କରିଥିଲେ । ଉକ୍ତ ଡାକ୍ତରଙ୍କୁ ତାଗିଦ ପାଇଁ ଉତ୍ତେଜିତ ଯୁବକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କହିଥିଲେ । ବିଭିନ୍ନ ପରୀକ୍ଷା କରୁଥିବା କର୍ମଚାରୀ ଘରୋଇ ପରୀକ୍ଷାଗାର ଗୁଡ଼ିକ ସହ ସଲାସୁତୁରା କରି ମାଗଣାରେ ହେଉଥିବା ପରୀକ୍ଷା କରୁନଥିବା ମଧ୍ୟ ଅଭିଯୋଗ କରାଯାଇଛି । ଡ୍ୟୁଟିରେ ଅବହେଳା ପ୍ରଦର୍ଶନ କରୁଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମସ୍ତ କର୍ମଚାରୀ ନିଜର ମାନସିକତା ପରିବର୍ତ୍ତନ ନ କଲେ ପରିସ୍ଥିତି ଭୟାଭୟ ହେବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆନ୍ଦୋଳନ ଉଗ୍ରରୂପ ନେବ ଏବଂ ସେଥିପାଇଁ ନିଜେ ଚିକିତ୍ସା କେନ୍ଦ୍ରର କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉତ୍ତ୍ୟକ୍ତ ଯୁବକଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ମହମ୍ମଦ ମୁବାରକ ଅଲ୍ଲୀ ବୁଝାସୁଝା କରିବା ସହ ଆସନ୍ତାକାଲି ଠାରୁ ସ୍ୱତନ୍ତ୍ର ଭାବେ ସେ ନିଜେ ତଦାରଖ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଦୀର୍ଘ ମାସ ହେବ ଚିକିତ୍ସାରେ ଚରମ ଅବହେଳା ଗଜପତି ଜିଲ୍ଲା ସମେତ ପାରଳାଖେମୁଣ୍ଡି ସହରରେ ଅସନ୍ତୋଷର ଦାନା ବାନ୍ଧିଛି । ଏନେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଥିବା କୁହାଯାଇଛି ।

## ଜିଲ୍ଲାସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ

ବ୍ରହ୍ମପୁର,୧୦ ।୧୦(ସମିସ): ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଜିଲ୍ଲାସ୍ତରୀୟ ୭୧ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି । ବ୍ରହ୍ମପୁର ବନଖଣ୍ଡ ଏସିଏଫ୍ ସସ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନି ଖୋଖର ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡିସିଏଫ୍ ଆଦିତ୍ୟ ନାରାୟଣ ସେଠୀ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ପ୍ରତିନିଧି କେଦାରନାଥ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବନ୍ୟପ୍ରାଣୀଙ୍କ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ମାନ ବ୍ରହ୍ମପୁର ଉପଖଣ୍ଡରୁ ସ୍ନେକ ହେଲ୍ପଲାଇନ ସଂଯୋଜକ ସ୍ୱାଧୀନ କୁମାର ସାହୁ, ଛତ୍ରପୁରରୁ ଗବେଷକ ଡ. ଆଶିଷ ଦାସ ଓ ଭଞ୍ଜନଗରରୁ ଅବସରପ୍ରାପ୍ତ ବନ ଅଧିକାରୀ ଅନୁପମ ବାନାର୍ଜୀଙ୍କୁ ପ୍ରଦାନ କରାଯାଇଛି । ବନ୍ୟପ୍ରାଣୀ ସପ୍ତାହ ଅବସରରେ ସ୍କୁଲ ବିଦ୍ୟାର୍ଥୀଙ୍କୁ ନେଇ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା ହୋଇଥିବାବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଦିଗପହଣ୍ଡି ଗୋଷ୍ଠୀ ଶିକ୍ଷାଧିକାରୀ ଶଙ୍କର ନାରାୟଣ ବେଜ ମଞ୍ଚ ପରିଚାଳନା କରିଥିବା ବେଳେ ଏସିଏଫ ମାଣିକେଶ୍ୱରୀ ହାଁସଦା, ଏସିଏଫ ଦିବ୍ୟ ବେହେରା, ଏସିଏଫ ମନୋଜ ପାତ୍ର, ଦିଗପହଣ୍ଡି ବନାଞ୍ଚଳ ଅଧିକାରୀ ଦିବ୍ୟ ରଞ୍ଜନ ସାହୁ, ବନପାଳ ସୋମନାଥ ମଲ୍ଲିକ, ଦିଗାମ୍ବର ହୋତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।




## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ପାତ୍ରପୁର,୧୦ ।୧୦(ସମିସ): ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ପୁଷ୍ଟି ଆଲୋଚନାଚକ୍ରକୁ ଉଦଘାଟନ କରିଥିବା ବେଳେ କରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କବିରାଜ ଦାସ ସଭାପତିତ୍ୱ କରିଥିଲେ । ବ୍ଲକର ୩୨ ଜଣ ଛାତ୍ରଛାତ୍ରୀ ଉକ୍ତ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ବେଳେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ରରେ ଯୋଗଦେବା ପାଇଁ ଉତ୍ସାହିତ କରିଥିଲେ । ଦୁଇ ପର୍ଯ୍ୟବେକ୍ଷକ ଭାବେ ଗୁପ୍ତେଶ୍ୱର ସାବତ ଓ ନାରାୟଣ ମହାପାତ୍ର ଯୋଗ ଦେଇଥିଲେ । ବ୍ଲକର ବହୁ ବିଜ୍ଞାନ ଶିକ୍ଷକ ସହଯୋଗ କରିଥିଲେ ।

## କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ରମ୍ଭା,୧୦ ।୧୦(ସମିସ): ସାବୁଳିଆ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋଲାଗଣ୍ଡା ପଲ୍ଲୀ ଶିକ୍ଷାନୁଷ୍ଠାନ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଶତପଥିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୩ଟି ଶିକ୍ଷାନୁଷ୍ଠାନର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ । ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ମନ୍ତ୍ର ପାଠ କରିଥିଲେ । ସାମୂହିକ କାର୍ଯ୍ୟକ୍ରମକୁ ଆଲୋପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ବେହେରା ସଂଯୋଜନା କରିଥିଲେ । ଅବସରପ୍ରାପ୍ତ ଡେପୁଟି ସେକ୍ରେଟାରୀ ବି.ଏସ.ଇ ଓଡିଶା ଭୀମସେନ ଦାସ (ମୁଖ୍ୟ ଅତିଥି), ଅବସରପ୍ରାପ୍ତ ତଥା ପୂର୍ବତନ ସି.ଆର.ସି.ସି କନକା କୃଷ୍ଣ ଚନ୍ଦ୍ର ବେହେରା (ମୁଖ୍ୟବକ୍ତା), ସୁଶାନ୍ତ କୁମାର ନାୟକ (ଏ.ବି.ଇ.ଓ), ରବୀନ୍ଦ୍ର କୁମାର ନାୟକ (ସି.ଆର.ସି.ସି ) ସାବୁଳିଆ, ସରପଞ୍ଚ ପ୍ରତିନିଧି ଶଶଧର ବେହେରା, କିଶୋର ଚନ୍ଦ୍ର ଘାସୀ, ନରେଶ ପାଲ ପ୍ରମୁଖ ମଞ୍ଚାସିନ ଥିଲେ । ଶେଷରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା । ଏହି ପ୍ରତିଯୋଗୀ ମାନେ ଚଳିତ ମାସ ୧୪ରିଖରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ସାମିଲ ହେବେ ।

## ଯୌତୁକ ନିରୋଧ ଅଧିନିୟମ ତାଲିମ୍ ଶିବିର

ଛତ୍ରପୁର,୧୦ ।୧୦(ସିମସ): ଯୌତୁକ ଏକ ସାମାଜିକ ବ୍ୟାଧି । ଶିକ୍ଷିତ ସମାଜରେ ଏଭଳି ଘଟଣା ବେଶୀ ଘଟୁଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଡ ପ୍ରମୋଦ କୁମାର ପୃଷ୍ଟି ଏହି ତାଲିମ୍ ଶିବିରରେ ଯୋଗ ଦେଇ କହିଥିଲେ । ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଯୌତୁକ ପ୍ରତିଷେଧ ଅଧିନିୟମ-୧୯୬୧ ଉପରେ ଏକ କର୍ମଶାଳା ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍‌ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜନ ସାଧାରଣ ନିଜ ନିଜ ମାନସିକତାର ପରିବର୍ତ୍ତନ କରି ପାରିଲେ ସମାଜର ପରିବର୍ତ୍ତନ ଘଟିବ ବୋଲି ଅତିରିକ୍ତ ଉପଜିଲ୍ଲାପାଳ ଭଞ୍ଜନଗର କହିଥିଲେ । ରାଜ୍ୟସ୍ତରୀୟ ରିସୋର୍ସ ପର୍ସନ୍ ଦାଶରଥୀ ତ୍ରିପାଠୀ ଯୌତୁକ ଉପରେ ବିଶଦ୍ ଭାବେ ବୁଝାଇଥିଲେ । କର୍ମଶାଳାରେ ଜିଲ୍ଲା ଭାରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରୀ ଡି. ନାଗରତ୍ନମ୍, ସିଡିପିଓ ପ୍ରଣମିତା ପଣ୍ଡା, ଉପ ନିବନ୍ଧକ କନିଷ୍ଠି ଚିତ୍ରସେନ ଦଳାଇ, ଉପ ନିବନ୍ଧକ ଛତ୍ରପୁର ଅଭିଷେକ ସାହୁ, ଅତିରିକ୍ତ ଉପ ନିବନ୍ଧକ, ପୁରୁଷୋତ୍ତମପୁର, ମହିଳା ଓ ଶିଶୁ ସହାୟତା କେନ୍ଦ୍ର ଛତ୍ରପୁର ସବ୍ ଇନିସ୍ପେକ୍ଟର, ଉପଖଣ୍ଡ ଚିକିତ୍ସାଳୟ ଅଧିକାରୀ ଡ. ପ୍ରାନ୍ତ ପାତ୍ର, ସମସ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଛତ୍ରପୁର ଓ ଖଲ୍ଲିକୋଟ ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ, ଛତ୍ରପୁର ଓ ଗଞ୍ଜାମ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ, ଛତ୍ରପୁର, ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁର ଉପଖଣ୍ଡର ପ୍ରୋଗ୍ରାମ ଅଫିସର, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାଗଣ, ପୁରୋହିତ, ଫାଦର, ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଛତ୍ରପୁରର ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ବଟେଶ୍ୱର ବାଲିଯାତ୍ରା ପ୍ରସ୍ତୁତି ବୈଠକ

## ସିସିଟିଭି ନଜରରେ ରହିବ ଶୈବପୀଠ, ପଡ଼ିଆ ଓ ସମୁଦ୍ର ବେଳାଭୂମି

ଗଞ୍ଜାମ,୧୦ ।୧୦(ସମିସ): ବଟେଶ୍ୱର ଶୈବପୀଠ ସଂଲଗ୍ନ ବେଳାଭୂମିରେ ଅକ୍ଟୋବର ୨୯ରୁ ନଭେମ୍ବର ୬ ତାରି ପର୍ଯ୍ୟନ୍ତ ବାଲିଯାତ୍ରା ଅନୁଷ୍ଠିତ ହେବ । ସେଥିପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ବଟେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଟେଶ୍ୱର ଐତିହ୍ୟ ସଂରକ୍ଷଣ କମିଟି ଉପସଭାପତି ଶବର କୁମାର ତରାଇ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ରଞ୍ଜିତ କୁମାର ପଲାଇ ସଂଯୋଜନା କରିଥିଲେ । ବିଡିଓ ଅଚ୍ୟୁତାନନ୍ଦ ଯାନୀ, ଛତ୍ରପୁର ଏସଡିପିଓ ଚନ୍ଦନ ଘଡ଼ାଇ, ରମ୍ଭା ଥାନା ଆଇଆଇସି କୁମାର ମୁଦୁଲି, ହୁମା ଫାଣ୍ଡି ଅଧିକାରୀ ସତ୍ୟଜିତ ବେଣିଆ, କମିଟି ସଭାପତି ପିତାମ୍ବର ସ୍ୱାଇଁ, ପୂର୍ବତନ ସମିତି ସଭ୍ୟ ଛାୟାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ପୂର୍ବତନ ସରପଞ୍ଚ ତଥା ଉପଦେଷ୍ଟା ଦିଲ୍ଲୀପ କୁମାର ଛୋଟରାଏ ଯାତ୍ରା ସମୟର ସୁବିଧା ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପ୍ରଥମ ଥର ପାଇଁ ସିସିଟିଭି ନଜରରେ ରହିବ ବଟେଶ୍ୱର ଶୈବ ପୀଠ, ବାଲିଯାତ୍ରା ପଡିଆ ଓ ସମୁଦ୍ର ବେଳାଭୂମି । ସ୍ଥାନୀୟ ଅଞ୍ଚଳର ୮୦ ଜଣ ସ୍ୱେଚ୍ଛାସେବୀ ପୁଲିସକୁ ସହଯୋଗ କରିବେ ବୋଲି ମତ ପ୍ରକାଶ ପାଇଥିଲା । ଛଅ ଖଣ୍ଡ ଗ୍ରାମ ଦ୍ୱାରା ପରିଚାଳିତ ଏହି ଯାତ୍ରା ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ଶିବ ପ୍ରସାଦ ସ୍ୱାଇଁ, କୋଷାଧ୍ୟକ୍ଷ ନିରାକାର ଜେନା, ବୃନ୍ଦାବନ ପ୍ରଧାନ, ବୃନ୍ଦାବନ ନାହାକ ଶିବରାମ ପଲାଇ, ଦୁର୍ଯ୍ୟୋଧନ ରେଡ଼ି, ତ୍ରିନାଥ ରେଡ଼ି, ଯୁଧିଷ୍ଠିର ରେଡ଼ି, କୃଷ୍ଣ ଚନ୍ଦ୍ର ସ୍ୱାଇଁ, କେ. କ୍ରିଷ୍ଣା ରେଡ଼ି, ତ୍ରିନାଥ ରେଡ଼ି, ସାଇରାମଙ୍କ ସମେତ ଅନ୍ୟାନ୍ୟ କମିଟି ସଦସ୍ୟ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

ସାନଖେମୁଣ୍ଡି,୧୦ ।୧୦(ସମିସ): ସାନଖେମୁଣ୍ଡି ବ୍ଲକ ପାଟପୁର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ୫୬ଟି ଉଚ୍ଚ ବିଦ୍ୟାଳୟରୁ ଜଣେ ଲେଖାଏଁ ଛାତ୍ରଛାତ୍ରୀ ଭାଗ ନେଇ ଥିଲେ । ସାନଖେମୁଣ୍ଡି ଉଚ୍ଚ ବିଦ୍ୟାଳୟର ତୁଡ଼ଙ୍ଗପୁରର ଛାତ୍ରୀ ଶିବାନୀ ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ । କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଛି । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବେ । କାର୍ଯ୍ୟକ୍ରମରେ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅଧ୍ୟକ୍ଷ ମେଜର ଶଙ୍କର ପ୍ରସାଦ ଅଧିକାରୀ, ଅତିରିକ୍ତ ବିଇଓ ଶୁକଦେବ ମଲ୍ଲିକ, ପାଟପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ସାହୁ, ସମସ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଉପସ୍ଥିତ ଥିବା ବେଳେ ପାଟପୁର ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

### ଘରୋଇ ବସ୍ ମାଲିକ ସଂଘ ବୈଠକ

# ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତରକୁ ବିରୋଧ

ପୁରୁଷୋତ୍ତମପୁର,୧୦ ।୧୦(ସମିସ)




ଗଞ୍ଜାମ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଏକ ବୈଠକ ମା’ତାରାରିଣୀ ସ୍ଥିତ ନିରୁପମା ପାନ୍ଥଶାଳାରେ ପୁରୁଷୋତ୍ତମପୁର ମା’ କନକେଶ୍ୱରୀ ବସ୍ ମାଲିକ ସଂଘର ସଭାପତି ସନ୍ତୋଷକୁମାର ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ସାନଖେମୁଣ୍ଡି ବିଧାୟକ ତଥା ଜିଲ୍ଲା ବସ୍ ମାଲିକ ସଙ୍ଘର ସଭାପତି ରମେଶଚନ୍ଦ୍ର ଜେନା ଯୋଗଦେଇ ନିଜ ନିଜ ମନ ଭିତରେ ଥିବା ମତଭେଦ ଭୁଲି ଏକତା ବଜାୟ ରଖି ସଂଘକୁ ମଜଭୁତ କରିବାକୁ ପରାମର୍ଶ ଦେଇଥିଲେ ।

ଏହାସହ ବର୍ତ୍ତମାନର ପରିସ୍ଥିତିରେ ବସ୍‌ମାଲିକ ଦିନକୁ ଦିନ କ୍ଷତିଗ୍ରସ୍ତ ହେବାରେ ଲାଗିଛନ୍ତି । ପୂର୍ବ ସରକାରଙ୍କ ସମୟରେ ବ୍ରହ୍ମପୁର ନିକଟସ୍ଥ ହଳଦିଆପଦରଠାରେ ଯେଉଁ ବସଷ୍ଟାଣ୍ଡ ନିର୍ମାଣ କରାଯାଇଛି ତାହା ବର୍ତ୍ତମାନ ଜନସାଧାରଣଙ୍କ ଯିବା ଉପଯୁକ୍ତ ନୁହେଁ । ଗଞ୍ଜାମ ଜିଲ୍ଲାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର ହୋଇଥିବାରୁ ଏଠାରେ ରହିଥିବା ନୂତନ ବସଷ୍ଟାଣ୍ଡଟି ସମସ୍ତ ଅଞ୍ଚଳର ଜନସାଧାରଣ ଓ ବସ୍‌ମାଲିକ ମାନଙ୍କ ଲାଗି ସୁବିଧାଜନକ ସ୍ଥାନ । ସମସ୍ତଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବର୍ତ୍ତମାନ ନିର୍ମାଣ ଚାଲିଥିବା ରିଙ୍ଗରୋଡ ନିକଟରେ ନୂତନ ବସଷ୍ଟାଣ୍ଡ ନିର୍ମାଣ କରିବାର ଆବଶ୍ୟକତା ରହିଛି । ନୂତନ ବସଷ୍ଟାଣ୍ଡ ନିର୍ମାଣ ଓ ସମୟ ଅନୁପାତରେ ବସ୍ ସଂଖ୍ୟା ଅଧିକ ଥିବାରୁ ନୂତନ ପରମିଟ ପ୍ରଦାନକୁ ବନ୍ଦ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇବା ନେଇ କହିଥିଲେ । ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ସମ୍ପାଦକ ମୁନି ୱେଗମ ଗାଙ୍ଗପୁର, ବସନ୍ତ କୁମାର ବିଷୋଇ, ଭଞ୍ଜନଗର ସମ୍ପାଦକ ବିପ୍ର ବାରିକ, ଆସିକା ସଭାପତି ସୂର୍ଯ୍ୟକାନ୍ତ ପରିଡା, କୋଦଳା ସଭାପତି ଚିତ୍ର ସେନ ପରିଡା ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବସ୍ ମାଲିକ ମାନଙ୍କ ସମେତ ପାରଳାଖେମୁଣ୍ଡି ଓ ପଡୋଶି ଆନ୍ଧ୍ରପ୍ରଦେଶ ଇଚ୍ଛାପୁର ବସ୍ ମାଲିକ ମାନେ ଯୋଗଦେଇଥିଲେ । ଏହାକୁ ପୁରୁଷୋତ୍ତମପୁର ବସ୍‌ମାଲିକ ସଂଘର ସଦସ୍ୟମାନେ ପରିଚାଳନା କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମାରିଆ ମାଚାଡ଼ୋଙ୍କୁ...

୨୦ ବର୍ଷଧରି ନିରବଛିନ୍ନ ଭାବେ ପ୍ରୟାସ କରିଆସୁଥିବା ମାରିଆଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ନୋବେଲ ଶାନ୍ତି ପୁରସ୍କାର ପାଇବେ ବୋଲି ସ୍ୱିଡିଶ ଏକାଡେମୀ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ମାରିଆ ପ୍ରତିଷ୍ଠା କରିଥିବା 'ସୁମାତେ' ନାମକ ଏନ୍‌ଜିଓ ଦେଶରେ ଏକଛତ୍ରବାଦ ଶାସନ ବିରୋଧରେ ଏବଂ ଗଣତନ୍ତ୍ରର ପ୍ରତିଷ୍ଠା ପାଇଁ କାର୍ଯ୍ୟ କରିଆସୁଛି। ଏହି ସଂସ୍ଥା ଦେଶରେ ମୁକ୍ତ ତଥା ନିରପେକ୍ଷ ନିର୍ବାଚନ ପାଇଁ ଦାବି କରିଆସୁଛି।

ମାରିଆଙ୍କୁ ପୁରସ୍କାର ବାବଦରେ ୧୧ ମିଲିଅନ ସ୍ୱିଡିଶ କ୍ରୋନର ଅର୍ଥାତ ୧୦.୩ କୋଟି ଟଙ୍କା, ଏକ ସ୍ୱର୍ଣ୍ଣ ପଦକ ଓ ପ୍ରମାଣପତ୍ର ମିଳିବ। ଡିସେମ୍ବର ୧୦ରେ ନରୱେର ରାଜଧାନୀ ଓସଲୋରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ପ୍ରଦାନ କରାଯିବ। ୧୯୬୭ ଅକ୍ଟୋବର ୭ରେ ଭେନେଜୁଏଲାର କାରାକାସ୍‌ରେ ଜନ୍ମଗ୍ରହଣ କରିଥିବା ମାରିଆ ରାଜନୀତିକୁ ଆସିବା ପୂର୍ବରୁ ଜଣେ ଇଣ୍ଡଷ୍ଟ୍ରିଆଲ ଇଞ୍ଜିନିୟର ଭାବେ ବେଶ୍ ସଫଳତା ହାସଲ କରିଥିଲେ। ୨୦୨୫ରେ ପ୍ରକାଶିତ ସବୁଠାରୁ ପ୍ରଭାବଶାଳୀ ତାଲିକାରେ ମାରିଆଙ୍କୁ ସାମିଲ କରାଯାଇଥିଲା। ୨୦୧୧ରୁ ୨୦୧୪ ମଧ୍ୟରେ ସେ ଭେନେଜୁଏଲାର ରାଷ୍ଟ୍ରୀୟ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ମଧ୍ୟ ସେ ଏକାଧିକ ଅନ୍ତର୍ଜାତୀୟ ପୁରସ୍କାର ପାଇଛନ୍ତି। ୨୦୨୪ରେ ୟୁରୋପୀୟ ସଂଘର ସାଖାରୋଭ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଏହା ୟୁରୋପୀୟ ସଂଘ ତାଙ୍କୁ ସର୍ବୋଚ୍ଚ ମାନବାଧୀକାର ପୁରସ୍କାର ଦେଇଥିଲା। ୨୦୨୪ରେ ସେ ଭେନେଜୁଏଲାରେ ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିଲେ। ସେ ଏବଂ ତାଙ୍କ ପାର୍ଟି ବିଜୟୀ ହୋଇଥିଲେ ମଧ୍ୟ ତାଙ୍କୁ ଶାସନରୁ ଦୂରେଇ ରଖାଯାଇଥିଲା।

ଶୁଳ୍କ ଯୁଦ୍ଧ ଆରମ୍ଭ କରି ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଥିବା ଆମେରିକା ରାଷ୍ଟ୍ରପତିଙ୍କୁ ନିରାଶ ହେବାକୁ ପଡ଼ିଛି। ପାକିସ୍ତାନ, ତୁର୍କୀ, ଇସ୍ରାଏଲ, କାମ୍ବୋଡିଆ, ଥାଇଲାଣ୍ଡ, ରାଓ୍ୱଣ୍ଡା, କଙ୍ଗୋ, ଆର୍ମେନିଆ, ଆଜରବୈଜାନ ଏବଂ ଶେଷରେ ରୁଷ୍‌ର ସମର୍ଥନ ସତ୍ତ୍ୱେ ଟ୍ରମ୍ପଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳିପାରି ନାହିଁ। ଏହି ପୁରସ୍କାର ପାଇବା ପାଇଁ ଦୀର୍ଘ ଦିନ ହେଲା ଟ୍ରମ୍ପ କରିଥିବା ପ୍ରଚାରପ୍ରସାର ବ୍ୟର୍ଥ ହୋଇଯାଇଛି। ୮ଟି ଯୁଦ୍ଧ ବନ୍ଦ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଓ ସ୍ଥିରତା ଦାବି ସହିତ ସ୍ୱିଡେନ ଅର୍ଥମନ୍ତ୍ରୀଙ୍କୁ ଫୋନ କରିବା ପରେ ବି ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଟ୍ରମ୍ପ ଅଯୋଗ୍ୟ ହୋଇଛନ୍ତି।

ହ୍ୱାଇଟ୍ ହାଉସ୍ ପକ୍ଷରୁ ଅସନ୍ତୋଷ ଜାହିର କରି କୁହାଯାଇଛି ଯେ, ପୁରସ୍କାର ଚୟନ କମିଟି ଶାନ୍ତି ଅପେକ୍ଷା ରାଜନୀତିକୁ ଅଗ୍ରାଧିକାର ଦେଉଥିବା ପୁଣି ଥରେ ପ୍ରମାଣିତ ହୋଇଛି। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନେଇ ଟ୍ରମ୍ପ କରୁଥିବା ନିରନ୍ତର ପ୍ରୟାସକୁ ଚୟନ କମିଟି ଅଣଦେଖା କରିଛି। ଏହା ସତ୍ତ୍ୱେ ରାଷ୍ଟ୍ରପତି ଶାନ୍ତି ପାଇଁ ତାଙ୍କ ପ୍ରୟାସ ଜାରି ରଖିବା ସହ ବିଭିନ୍ନ ଦେଶ ମଧ୍ୟରେ ଯୁଦ୍ଧ ସମାପ୍ତ କରାଇବେ ଏବଂ ଜୀବନ ବଞ୍ଚାଇବା ଦିଗରେ କାର୍ଯ୍ୟ ଜାରି ରଖିବେ।

## ପୂର୍ବତନ ଜେଲ୍...

ରେଟ୍ ଛିଡ଼ିଥିବା ଓ ପ୍ରାୟ ୫ରୁ ୧୦ ଲକ୍ଷ ଟଙ୍କା ଅଗ୍ରୀମ ନିଆଯାଇଥିବା କୁହାଯାଉଛି। ସେହିପରି ଜେଲ୍ ବିଭାଗ ଡ଼ିଜି ସମ୍ପ୍ରତି ଓପିଆର୍‌ବି ଅଧ୍ୟକ୍ଷ ଥିବାରୁ ଏହି ଘଟଣାରେ ଜେଲ୍ ବିଭାଗର ଅବସରପ୍ରାପ୍ତ ଡ଼ିଆଇଜି କୁଳମଣି ବେହେରାଙ୍କ ଭୂମିକା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ତେଣୁ କ୍ରାଇମବ୍ରାଞ୍ଚ ଆଜି ତାଙ୍କୁ ଜେରା କରିଥିବା କୁହାଯାଉଛି ।

ଅନ୍ୟପକ୍ଷରେ ଏହି ସମଗ୍ର ଘଟଣାରେ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍ (ଓପିଆର୍‌ବି) ସହ ନିଯୁକ୍ତି ପରୀକ୍ଷା ଟେଣ୍ଡର ପାଇଥିବା ଆଇଟିଆଇ ଲିମିଟେଡ୍ ଅନୁରୂପ ଦାୟୀ ବୋଲି ଅଭିଯୋଗ ହୋଇଛି । ଓପିଆରବି ସହ ଆଇଟିଆଇ କରିଥିବା ବୁଝାମଣା ଅନୁସାରେ ସମ୍ପୃକ୍ତ ସଂସ୍ଥା କେବଳ ପରୀକ୍ଷା ପରିଚାଳନା ନିମନ୍ତେ ଅନ୍ୟ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବା ବ୍ୟବସ୍ଥା ରହିଥିଲା । ମାତ୍ର ପରୀକ୍ଷା ପରିଚାଳନାରେ ସହଯୋଗ ନେବା ପରିବର୍ତ୍ତେ ଆଇଟିଆଇ ଲିଃ ପୁରା ବ୍ୟବସ୍ଥାକୁ ସିଲିକନ୍ ଟେକ୍‌ଲାବ୍‌କୁ ପ୍ରଦାନ କରିଥିଲା। ଅର୍ଥାତ୍ ପରୀକ୍ଷା ନିମନ୍ତେ ପ୍ରଶ୍ନପତ୍ର ପ୍ରସ୍ତୁତି, ଏହାକୁ ଛାପିବା, ଲିଖିତ ପରୀକ୍ଷା ପରିଚାଳନା କରିବା ସମସ୍ତ ଦାୟିତ୍ୱ ସିଲିକନ୍ ନେଇଥିଲା। କୌତୂହଳର କଥା ହେଉଛି ସିଲିକନ୍ ଟେକଲାବ୍ ନିଜେ ପରୀକ୍ଷା ପରିଚାଳନା କରିବା ପରିବର୍ତ୍ତେ ଏହାକୁ ଅନ୍ୟଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ପ୍ରଦାନ କରିଥିଲା। ଦୁଇଟି ପର୍ଯ୍ୟାୟରେ ଦୁଇଟି ସବ୍‌ଲେଟ୍ ଏସ୍‌ଆଇ ପରୀକ୍ଷାରେ ଦୁର୍ନୀତି ପାଇଁ ବାଟ ଖୋଲି ଦେଇଥିଲା । ଅନୁରୂପ ଟେଣ୍ଡରରେ ରହିଥିବା ଅନ୍ୟଏକ ସର୍ତ୍ତ ଅନୁସାରେ ଆଇଟିଆଇ ପରୀକ୍ଷା ପରିଚାଳନା ନିମନ୍ତେ ଯେଉଁ ସଂସ୍ଥାଠାରୁ ମାନବସମ୍ବଳ ସହଯୋଗ ନେବ, ସେହି ସଂସ୍ଥା ସମ୍ପର୍କରେ ପୁରା ବିବରଣୀ ଓପିଆର୍‌ବିକୁ ଆଗୁଆ ଦେବା କଥା। ମାତ୍ର ତାହା କରାଯାଇ ନ ଥିବା ଯୋଗୁଁ ଆଇଟିଆଇକୁ ଓପିଆର୍‌ବି ପକ୍ଷରୁ ନୋଟିସ ଜାରି କରାଯାଇଥିବା କୁହାଯାଉଛି।

କୌତୂହଳର କଥା ହେଉଛି ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋଡର୍ ଏସ୍‌ଆଇ ପରୀକ୍ଷା ସମ୍ପର୍କରେ ଏବେ ଦେଖାଉଥିବା ଅଜ୍ଞତା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଦାୟିତ୍ୱ ପାଇଥିବା ସଂସ୍ଥା ଆଇଟିଆଇ ଲିମିଟେଡ୍ ପରୀକ୍ଷା ପରିଚାଳନା କରୁ ନ ଥିବା ଓ ଏହାକୁ ଅନ୍ୟ ସଂସ୍ଥାକୁ ସବ୍‌ଲେଟ କରାଯାଇଥିବା ସଂକ୍ରାନ୍ତରେ ଓପିଆର୍‌ବିର ସମସ୍ତ ଅଧିକାରୀ ଅବଗତ ଥିଲେ । ଏପରିକି ଓପିଆରବି ସହ ଜଡ଼ିତ ଅନେକ ଅଧିକାରୀ ନିୟମିତ ଭାବରେ ସିଲିକନ୍ ଟେକ୍‌ଲାବ ଓ ପଞ୍ଚସଫ୍ଟ ଅଫିସକୁ ଯାତାୟତ କରିବା ଏହି ସନ୍ଦେହକୁ ଦୃଢ଼ୀଭୂତ କରିଛି । ଅନୁରୂପ ଭାବରେ ସିଲିକନ କର୍ତ୍ତୃପକ୍ଷଙ୍କ ସହ ରାଜ୍ୟ ପ୍ରଶାସନର ଅନେକ ବଡ଼ ଅଧିକାରୀଙ୍କ ସମ୍ପର୍କ ଏବଂ ପଞ୍ଚ ସଫ୍ଟ ମୁଖ୍ୟ କୁହାଯାଉଥିବା ଶଙ୍କର ପୃଷ୍ଟି, ତାର ସହଯୋଗୀ ମୁନ୍ନା ମହାନ୍ତି ସହ ଶାସକ ଦଳର ବହୁ ନେତାଙ୍କ ଘନିଷ୍ଠତାର ପ୍ରମାଣ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି । ଏହି ପରିପ୍ରେକ୍ଷୀରେ ଓପିଆର୍‌ବି ନିଜ ମୁଣ୍ଡରୁ ଅଠା ଛଡ଼ାଇବାକୁ ଯେପରି ବ୍ୟାକୁଳ, ତଦନ୍ତକାରୀ ସଂସ୍ଥା କ୍ରାଇମବ୍ରାଞ୍ଚ ମଧ୍ୟ ଓପିଆରବି ଓ ଶଙ୍କର ପୃଷ୍ଟି ସହ ଜଡ଼ିତ ଶାସକ ଦଳ ନେତାଙ୍କୁ ସୁରକ୍ଷା ଦେବାକୁ ବ୍ୟସ୍ତ ।

ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଓଡ଼ିଶାରେ ଏସ୍‌ଆଇ ଚାକିରି ବିକ୍ରି କେବଳ ରାଜ୍ୟ ପ୍ରସଙ୍ଗ ହୋଇନାହିଁ । ଏହାର ଚେର ଅନ୍ୟ ରାଜ୍ୟକୁ ବି ବ୍ୟାପିଥିବା ସୂଚନା ମିଳିଛି । ଶଙ୍କର ପୃଷ୍ଟିର ମହାରାଷ୍ଟ୍ର ସମ୍ପର୍କ ଜଣାପଡ଼ିବା ପରେ ଶାସକ ଦଳର କିଛି ନେତାଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି ।

ଅନ୍ୟପକ୍ଷରେ ପୁଲିସ୍ ଏସ୍‌ଆଇ କେଳେଙ୍କାରୀ ମାମଲାରେ ଆଜି କ୍ରାଇମ୍‌ବ୍ରାଞ୍ଚ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି ବଣିକ କୋଚିଂ ସେଣ୍ଟରଏଚ୍‌ଆର ମ୍ୟାନେଜର, ଆକାଉଣ୍ଟ ହେଡ୍ ଏବଂ ଅନ୍ୟ ଜଣେ କର୍ମଚାରୀ। କ୍ରାଇମ୍‌ବ୍ରାଞ୍ଚ ମାଗିଥିବା ଦସ୍ତାବିଜ୍ ସେମାନେ ଦାଖଲ କରିବା ସହ ତଦନ୍ତ ଅଧିକାରୀ ପଚାରିଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି।

ଅନ୍ୟପଟରେ କ୍ରାଇମ୍‌ବ୍ରାଞ୍ଚ ନୋଟିସ ଆଧାରରେ ଆଇଟିଆଇ ଏବଂ ସିଲିକନ୍ ଟେକ୍‌ଲ୍ୟାବ୍ ଆବଶ୍ୟକ ଦସ୍ତାବିଜ ଦାଖଲ କରିଛନ୍ତି । ପଞ୍ଚସଫ୍ଟ ମୁଖ୍ୟ ଶଙ୍କରର ଘନିଷ୍ଠ କୁହାଯାଉଥିବା ମୁନ୍ନା ସହ ନିରନ୍ତର ଯୋଗାଯୋଗରେ ଥିବା ଦଶପଲ୍ଲା ଅଞ୍ଚଳର ଶ୍ରୀକାନ୍ତ ଓରଫ୍ ରିଙ୍କୁକୁ ଧରିବାକୁ କ୍ରାଇମବ୍ରାଞ୍ଚ ବିଭିନ୍ନ ସ୍ଥାନରେ ଚଢ଼ଉ କରିଛି। ଦଶପଲ୍ଲାରୁ ପିଲା ଯୋଗାଡ଼ କରି ମୁନ୍ନା ନିକଟରେ ପହଞ୍ଚାଉଥିଲା ଶ୍ରୀକାନ୍ତ। ସେହି ପିଲାମାନଙ୍କ ସହ ମୁନ୍ନା ମୂଳଚାଲ ଛିଡ଼ାଉଥିଲା ଓ ସେମାନଙ୍କଠାରୁ ଟଙ୍କା ରଖୁଥିଲା ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ଶଙ୍କର ପୃଷ୍ଟି ଏବଂ ମୁନ୍ନାର ବ୍ୟାଙ୍କ୍ ଆକାଉଣ୍ଟ ଟ୍ରାଞ୍ଜାକ୍‌ସନ କ୍ରାଇମ୍‌ବ୍ରାଞ୍ଚ ହାତରେ ହସ୍ତଗତ ହୋଇଛି। ମୁନ୍ନା ଓ ଶଙ୍କର ଏକାଉଣ୍ଟକୁ ବହୁ ବ୍ୟକ୍ତି ଲକ୍ଷଲକ୍ଷ ଟଙ୍କା ପଠାଇଛନ୍ତି। ତେଣୁ ଟଙ୍କା ପଠାଇଥିବା ଲୋକମାନଙ୍କ ତଥ୍ୟ ସଂଗ୍ରହ କରି ସେମାନଙ୍କୁ କ୍ରାଇମବ୍ରାଞ୍ଚ ୨୦ ଜଣଙ୍କୁ ନୋଟିସ କରିଛି। କେଉଁ କାରଣ ପାଇଁ ସେମାନେ ଏତେ ପରିମାଣର ଟଙ୍କା ପଠାଇଛନ୍ତି, ତାହାର ଉତ୍ତର ରଖିବାକୁ ସେମାନଙ୍କୁ କୁହାଯାଇଛି। ତେବେ ବଡ଼କଥା ହେଉଛି ଟଙ୍କା ନେଣଦେଣ କରିଥିବା ଲୋକଙ୍କ ମଧ୍ୟରେ ଥିବା ୫ ପୁଲିସ ଅଧିକାରୀଙ୍କୁ ନୋଟିସ କରା ନ ଯିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

## ଦିଲ୍ଲୀରୁ ଫେରିଲେ...

ନଜର ରଖୁଥିବା ଓ ନିୟମିତ ଭାବରେ ସାମାଜିକ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ଦେଉଥିବା ଦେଖା ଯାଇଥିଲା।

ସମ୍ପ୍ରତି ପୁଲିସ ଚାକିରି ବିକ୍ରି ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି । ସେହିପରି ଭସାଣି ସମୟରେ କଟକରେ ଘଟିଥିବା ଅଘଟଣ ମଧ୍ୟ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ନିରନ୍ତର ଏହି ଘଟଣା ସମ୍ପର୍କରେ ଖବର ରଖୁଥିବା ଓ ପ୍ରତିକ୍ରିୟା ଦେଉଥିବା ସତ୍ତ୍ୱେ ନବୀନଙ୍କ ଓଡ଼ିଶା ପ୍ରତ୍ୟାବର୍ତ୍ତନକୁ ରାଜ୍ୟବାସୀ ଚାହିଁ ରହିଥିଲେ। ଏହା ସହିତ ଆଗକୁ ନୂଆପଡ଼ା ଉପନିର୍ବାଚନ ଥିବାରୁ ନବୀନଙ୍କ ନିଷ୍ପତ୍ତି ଉପରେ ସବୁ ଦଳର ନଜର ରହିଛି । ଯଦିଓ ନୂଆପଡ଼ା ଉପନିର୍ବାଚନ ପାଇଁ ଦଳ ପକ୍ଷରୁ ନବୀନ ବରିଷ୍ଠ ନେତାଙ୍କୁ ନେଇ ଷ୍ଟିଅରିଂ କମିଟି ଗଠନ କରିଛନ୍ତି, ତଥାପି ଦଳର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇନାହିଁ । ଏହି ପରିପ୍ରେକ୍ଷୀରେ ଦିନେ ଦୁଇଦିନ ମଧ୍ୟରେ ନୂଆପଡ଼ା ଆସନ ପାଇଁ ନବୀନ ଦଳୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି ।

---

ବ୍ୟାଙ୍କରୁ ଡକାୟତି ଯୋଜନା ପଣ୍ଡ

# ପୁଲିସ ପଞ୍ଝାରେ କୁଖ୍ୟାତ 'ମହାକାଳ ଗ୍ରୁପ୍'

**■ ୯ ଗିରଫ, ୫ ପିସ୍ତଲ ସହ ଗୁଳି ଜବତ**
**■ ଅପରାଧ ସାମ୍ରାଜ୍ୟ ଚଳାଉଥିଲା ବିଶ୍ୱଜିତ**
**■ କେନ୍ଦୁଝରର ଡନ୍ ହେବା ଥିଲା ଲକ୍ଷ୍ୟ**

**କେନ୍ଦୁଝର, ୧୦।୧୦(ସମିସ):** ଡକାୟତି, ହତ୍ୟା, ଖଣିଜ ପଦାର୍ଥ ଚୋରାଚାଲାଣ ଓ ଦାଦାବଟି ଆଦାୟ ଭଳି ସଂଗିନ୍ ଅପରାଧରେ ସାମିଲ ଏକ କୁଖ୍ୟାତ ଗ୍ୟାଙ୍ଗର ପର୍ଦ୍ଦାଫାସ୍ କରିଛି କେନ୍ଦୁଝର ପୁଲିସ। ଗ୍ୟାଙ୍ଗର ୯ସଦସ୍ୟଙ୍କୁ ଗିରଫ କରିବା ସହ ପୁଲିସ ସେମାନଙ୍କଠାରୁ ୫ଟି ପିସ୍ତଲ, ୨୫ଟି ଗୁଳି, ୭ଟି ମାଗାଜିନ ସହ ୫ଟି ଅନ୍ୟାନ୍ୟ ମାରଣାସ୍ତ୍ର, ଏକ ଥାର୍ ଗାଡ଼ି ଜବତ କରିଛି। ସେମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ଛେଳିଆନାଳ ଅଞ୍ଚଳର ବିଶ୍ୱଜିତ ଗିରି ଓରଫ୍ ଗଣେଶ (୩୨), ମୟୂରଭଞ୍ଜ ଉତ୍ତରପଶିର ଶୁଭାଶିଷ ଗିରି(୨୭), କେନ୍ଦୁଝର କାଶୀପୁରର ପ୍ରିୟଦର୍ଶନ (୨୯), ଯୋଡ଼ା ଅଞ୍ଚଳର ନିର୍ମଳ ପ୍ରଧାନ (୪୦), ଯୋଡ଼ା କୁନ୍ଦୁରୁନାଲାର ବିନୋଦ ମୁଣ୍ଡା(୩୨), ଯୋଡ଼ା ଜାହିର ହଟିଙ୍ଗର ରୋହିତ ନାଏକ (୨୧), ମାଝୀ ହଟିଙ୍ଗଯୋଡ଼ାର ମହମ୍ମଦ ଜିସନ(୨୫), ବଡ଼ବିଲ ଠାକୁରାଣୀ ଅଞ୍ଚଳର ରଞ୍ଜନ ପଲେଇ (୨୬) ଓ ଝାଡ଼ଖଣ୍ଡ ଗୋବରଗାଁର ପର୍ଶୁରାମ ପ୍ରଧାନ(୫୫)। ବିଶ୍ୱଜିତ ଏହି ଗ୍ୟାଙ୍ଗର ମୁଖିଆ ହୋଇଥିବା ବେଳେ ଏମାନେ 'ମହାକାଳ' ନାମକ ଏକ ଗ୍ରୁପ୍ ଗଢ଼ିଥିଲେ। କେନ୍ଦୁଝର ନିକଟ ନରଣପୁରସ୍ଥିତ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଶାଖାରୁ ଡକାୟତି ପାଇଁ ଏମାନେ ଗତ ରାତିରେ ଯୋଜନା କରୁଥିବା ବେଳେ ସ୍ଥାନୀୟ ଘଡ଼ଘଡ଼ି ମନ୍ଦିର ନିକଟସ୍ଥ ଏକ ପରିତ୍ୟକ୍ତ ଘରୁ ପୁଲିସ ସମସ୍ତଙ୍କୁ ଗିରଫ କରିଛି।

ପାଠ ପଢ଼ି କିଏ ଆଇଏଏସ୍, ଆଇପିଏସ୍ କିମ୍ବା ବଡ଼ବଡ଼ ପଦରେ ଚାକିରି କରିବାକୁ ଇଚ୍ଛା କରିଥାଏ। କିନ୍ତୁ, ବିଶ୍ୱଜିତ୍‌ର ଇଚ୍ଛା ଓ ସ୍ୱପ୍ନ ଥିଲା ଗ୍ୟାଙ୍ଗଷ୍ଟାର୍ ହେବାକୁ। ପ୍ରଥମେ ପ୍ରଥମେ ଛୋଟଛୋଟ ଅପରାଧ ଘଟାଇ ସେ ଅପରାଧ ଦୁନିଆରେ ପାଦ ଥାପିଥିଲା। କିନ୍ତୁ, ଗ୍ୟାଙ୍ଗ୍ ନ ଗଢ଼ିଲେ ବଡ଼ବଡ଼ ଅପରାଧ ଭିଆଇପାରିବ ନାହିଁ ବୋଲି ସେ ଖୁବ୍‌ଶୀଘ୍ର ବୁଝିଯାଇଥିଲା। ତେଣୁ ନିଜକୁ କେନ୍ଦୁଝରର ଡନ୍ ଭାବେ ଗଢ଼ି ତୋଳିବା ପାଇଁ ସେ ଗଠନ କରିଥିଲା ମହାକାଳ ଗ୍ରୁପ୍। ଏଥିରେ ସେ ସାମିଲ କରିଥିଲା ଓଡ଼ିଶା ଓ ଝାଡ଼ଖଣ୍ଡର ବଛାବଛା ଏକାଧିକ ଅପରାଧୀଙ୍କୁ।

## ୩ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୧୦।୧୦(ସମିସ):** ତେଲେଙ୍ଗାନାରେ ମାଓବାଦୀ ଆନ୍ଦୋଳନକୁ ଝଟ୍‌କା ଲାଗିଛି। ମାଓବାଦୀ ସଂଗଠନର ତିନିଜଣ ବରିଷ୍ଠ ମାଓନେତା ଆଜି ଡିଜିପି ଶିବଧର ରେଡ୍ଡୀଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ, କୁକାଟି ଭେଙ୍କଟ ଓରଫ ବିକାଶ, ମୋଗିଲିଚର୍ଲା ରାଜୁ ଓରଫ୍ ସିଏନଏମ ଚନ୍ଦୁ ଏବଂ ଗଙ୍ଗୱା ଓରଫ ସୋନି। ଏମାନେ ଦୀର୍ଘବର୍ଷ ଧରି ମାଓବାଦୀ ସଂଗଠନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ଥିଲେ। ତେଲଙ୍ଗାନା, ଓଡ଼ିଶା, ଛତିଶଗଡ଼ ଆଦି ଅଞ୍ଚଳରେ ମାଓ ଅଭିଯାନ ଚଳାଇଥିଲେ। ଡିଜିପି ଶିବଧର ରେଡ୍ଡୀ କହିଛନ୍ତି ଯେ ରାଜ୍ୟ ସରକାର ଯେକୌଣସି ମାଓବାଦୀଙ୍କୁ ହିଂସା ଛାଡ଼ି ସମାଜର ମୁଖ୍ୟଧାରାକୁ ଫେରିବା ପାଇଁ ସୁଯୋଗ ଦେଉଛନ୍ତି। ଯେଉଁମାନେ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କୁ ପୁନର୍ବାସ ଯୋଜନା ଅନୁଯାୟୀ ସମସ୍ତ ସହାୟତା ଦିଆଯିବ।

## ସିବିଆଇ ପଞ୍ଝାରେ ଆରପିଏଫ୍ ଯବାନ

**ରାଉରକେଲା, ୧୦।୧୦ (ସମିସ):** ଚକ୍ରଧରପୁର ରେଳ ଡିଭିଜନ୍ ଅଧୀନ ବନ୍ଧମୁଣ୍ଡାରେ ଜଣେ ଅଳିଆ ସଂଗ୍ରହକାରୀଙ୍କଠାରୁ ଲାଞ୍ଚ ନେବା ବେଳେ ଜଣେ ଆରପିଏଫ୍ ଯବାନଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଆରପିଏଫ୍ ଯବାନ ହେଉଛନ୍ତି, ମହମ୍ମଦ ଅସରାର। ସୂଚନାନୁସାରେ, ଅସରାର ବନ୍ଧମୁଣ୍ଡା ଆରପିଏଫ୍ ପୋଷ୍ଟରେ ନିଯୁକ୍ତ ଥିଲେ। ସ୍ଥାନୀୟ ରେଲୱେ କଲୋନୀରେ ପ୍ଲାଷ୍ଟିକ୍ ବୋତଲ ଏବଂ ସ୍କ୍ରାପ୍ ଅଳିଆ ସଂଗ୍ରହ କରୁଥିବା ଜଣେ ମହିଳାଙ୍କଠାରୁ ପ୍ରତି ମାସରେ ୧୫ହଜାର ଟଙ୍କା ଦାବି କରିଥିଲେ। ଏନେଇ ସେ ସିବିଆଇରେ



ଅଭିଯୋଗ କରିଥିଲେ। ଏହି କ୍ରମରେ ଶୁକ୍ରବାର ସକାଳେ ଅଭିଯୋଗକାରିଣୀଙ୍କଠାରୁ ବିଶ୍ରା ଛକଠାରେ ଆରପିଏଫ୍ ଯବାନ ମହମ୍ମଦ ଅସରାର ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ସିବିଆଇ ଟିମ୍ ଚଢ଼ଉ କରିଥିଲେ। ଏହା ଦେଖି ଯବାନଜଣଙ୍କ ଖସି ପଳାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସିବିଆଇ ଟିମ ତାଙ୍କୁ କାବୁ କରିନେବା ସହ ତାଙ୍କଠାରୁ ରାସାୟନିକ ରଙ୍ଗ ବୋଳା ଉକ୍ତ ଲାଞ୍ଚ ଟଙ୍କାକୁ ଜବତ କରିଥିଲା। ସିବିଆଇ ଟିମ୍ ଅସରାରଙ୍କୁ ଅଧିକ ପଚରାଉଚରା ପାଇଁ ନେଇଯାଇଛି।

# ପୁଣି ଶ୍ରୀମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍

**ଉଡାଣକାରୀ ଛତିଶଗଡ଼ର ଦୁର୍ଗାପ୍ରସାଦ ଯାଦବ ଅଟକ**

**ପୁରୀ, ୧୦।୧୦ (ସମିସ):** ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ବାରମ୍ବାର ଡ୍ରୋନ୍ ଉଡୁଛି। ଏହା ଜଣାପଡ଼ିବା ପରେ ଶ୍ରୀମନ୍ଦିର ପ୍ରଶାସନ ଓ ପୁଲିସ ତତ୍ପରତା ଦେଖାଉଛନ୍ତି। ହେଲେ କିଛି ଦିନ ପରେ ଯେପରି ଏହି ପ୍ରସଙ୍ଗକୁ ଏକପ୍ରକାର ଭୁଲି ଯାଉଛନ୍ତି। ଫଳରେ, ପୁଣି ଶ୍ରୀମନ୍ଦିର ଉପରେ ଚକ୍କର କାଟୁଛି ଡ୍ରୋନ୍। ବାରମ୍ବାର ଏଭଳି ଘଟଣା ଘଟି ଚାଲିଥିବା ବେଳେ ମନ୍ଦିର ପ୍ରଶାସନ ଚିରାଚରିତ ଭାବେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରୁଛି। ହେଲେ, ଏଥିପାଇଁ ସେମିତି କିଛି କଡ଼ା ଦଣ୍ଡବିଧାନ ନଥିବାରୁ ପରୋକ୍ଷରେ ଏହା ଉଡ଼ାଣକାରୀଙ୍କୁ ପ୍ରୋତ୍ସାହିତ କରୁଛି। ସେମାନେ ବାରମ୍ବାର ଏଭଳି ବେନିୟମ ଉଡାଣ କରୁଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ପୁଣି ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ୍ ଉଡ଼ିଛି। ଡ୍ରୋନକୁ ଜବତ କରିବା ସହ ଉଡାଣକାରୀଙ୍କୁ ମଧ୍ୟ କାବୁ କରିବାରେ ସଫଳ ହୋଇଛି ପୁଲିସ।

ସୂଚନାନୁଯାୟୀ, ସନ୍ଧ୍ୟା ପ୍ରାୟ ୭ଟା ୪୫ରେ ଶ୍ରୀମନ୍ଦିର ଉପରେ ଏବଂ ପରିକ୍ରମା ପରିସରରେ ଏକ ଡ୍ରୋନ ଉଡୁଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ପ୍ରତୀକ ସିଂଙ୍କ ନଜରକୁ ଆସିବା ପରେ ସଙ୍ଗେସଙ୍ଗେ ସିଂହଦ୍ୱାର ଥାନା ଓ ପୁରୀ ପୁଲିସର ଏକ ସ୍ୱତନ୍ତ୍ର ଟିମ୍‌କୁ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ସିଂହଦ୍ୱାର ଥାନା ଏବଂ ପୁଲିସର ସ୍ୱତନ୍ତ୍ର ଟିମ୍ ଡ୍ରୋନର ପିଛା କରିଥିଲେ। ଏହାକୁ 'ଶନି ମନ୍ଦିର ଗଳି'ରେ ଜବତ କରିଥିଲେ। ଏହି ଘଟଣାରେ ଡ୍ରୋନ୍ ଉଡ଼ାଉଥିବା ଛତିଶଗଡ଼ର ଦୁର୍ଗାପ୍ରସାଦ ଯାଦବ ନାମକ ଜଣେ ଯୁବକଙ୍କୁ ସିଂହଦ୍ୱାର ପୁଲିସ ଧରି ଥାନାରେ ଅଟକ ରଖି ପଚରାଉଚରା କରୁଛି। ଶ୍ରୀମନ୍ଦିର ଓ ଏହା ପରିସରରେ ଯେକୌଣସି ପ୍ରକାର ଡ୍ରୋନ ଉଡାଇବା ନିଷେଧ ଥିବା ସତ୍ତ୍ୱେ ଏହି ବେନିୟମ କାର୍ଯ୍ୟ କରାଯାଇଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶ୍ରୀମନ୍ଦିର ଓ ଏହାର ସୁରକ୍ଷା ନିୟମକୁ ସମ୍ମାନ ଦେଇ ଏପରି ବେନିୟମ କାର୍ଯ୍ୟରୁ ଦୂରେଇ ରହିବାକୁ ପୁରୀ ପୁଲିସ ଅନୁରୋଧ କରିଛି।

## ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ଯୁବକଙ୍କୁ ୨ ବର୍ଷ ଜେଲ

**କାକଟପୁର, ୧୦।୧୦ (ସମିସ):** ଜୁଡିସିଆଲ ଫାଷ୍ଟକ୍ଲାସ୍ ମାଜିଷ୍ଟ୍ରେଟ୍ କୋର୍ଟଙ୍କ ପ୍ରଥମ ରାୟରେ ଏକ ସମ୍ବେଦନଶୀଳ ଘଟଣାର ଶୁଣାଣି ହୋଇଥିଲା। ଶୁଣାଣିରେ ଏକ ଐତିହାସିକ ରାୟ ଶୁଣାଇଛନ୍ତି ବିଚାରପତି ଶ୍ରୀଚନ୍ଦନ ଦାଶ। ଜଣେ ଯୁବକ ଦ୍ୱିତୀୟ ପତ୍ନୀ ଗ୍ରହଣ କରିଥିବା ବେଳେ ପ୍ରଥମ ପତ୍ନୀ ଆପତ୍ତି ଉଠାଇ ନ୍ୟାୟଭିକ୍ଷା କରିଥିଲେ। ଯାହାର ବିଚାର କରି ବିଚାରପତି ସଂପୃକ୍ତ ଯୁବକଙ୍କୁ ୨ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି।

ସୂଚନାନୁଯାୟୀ, କାକଟପୁର ଥାନା ବାଲିସାହି ଗ୍ରାମର ସୁକାନ୍ତ କାନୁନ୍‌ଗୋ, ଶକୁନ୍ତଳା କାନୁନ୍‌ଗୋଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ପରେ ତାଙ୍କୁ ନିର୍ଯାତନା ଦେଇ ଘରୁ ତଡ଼ିଦେବା ପରେ ପୁଣି ନୟାହାଟ ଅଞ୍ଚଳ ବିନିସପୁର ଗ୍ରାମର ରୀତା ତରାଇଙ୍କୁ ଦ୍ୱିତୀୟ ବିବାହ କରି ଏକାଠି ରହି ଆସୁଥିଲେ। ତେବେ ପ୍ରଥମ ପତ୍ନୀ ଶକୁନ୍ତଳା ଏହାର ପ୍ରତିବାଦ କରି ୨୦୦୫ରେ କାକଟପୁର ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା କେସ୍ ନମ୍ବର ୬୬/୨୦୫ର ତଦନ୍ତ କରିଥିଲା ପୁଲିସ। ପରବର୍ତ୍ତୀ ସମୟରେ ଏହି ମାମଲା ନିମାପଡ଼ା କୋର୍ଟଙ୍କ ଦ୍ୱାରା ପରିଚାଳିତ ହୋଇଆସୁଥିଲା। ତେବେ କାକଟପୁରରେ ନୂତନ କୋର୍ଟ ଖୋଲିବା ପରେ ଉକ୍ତ ମାମଲାଟି କାକଟପୁର କୋର୍ଟକୁ ବିଚାର ପାଇଁ ପଠାଯାଇଥିଲା। ଯାହାକି କୋର୍ଟର ପ୍ରଥମ ମାମଲା ଥିଲା। ଏହାର ବିଚାର କରି ଶୁକ୍ରବାର କୋର୍ଟଙ୍କ ଦ୍ୱାରା ରାୟ ପ୍ରକାଶ ପାଇଛି। ଜୁଡିସିଆଲ ମାଜିଷ୍ଟ୍ରେଟ୍ ଶ୍ରୀଚନ୍ଦନ ଦାଶଙ୍କ ଦ୍ୱାରା ସୁକାନ୍ତଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନା ଆଦେଶ କରାଯାଇଛି। ଜରିମାନା ଅନାଦେୟ ଆହୁରି ୨ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ରାୟରେ ଦର୍ଶାଇଛନ୍ତି। ଶକୁନ୍ତଳାଙ୍କ ପକ୍ଷରୁ ସରକାରୀ ଓକିଲ ଅନୀଲ କୁମାର ଦୀକ୍ଷିତ ମାମଲା ପରିଚାଳନା କରୁଥିଲେ। ସେହିପରି ସୁକାନ୍ତଙ୍କ ପାଇଁ ଏମ୍‌କେଏମ୍ ମହାପାତ୍ର ଏବଂ ରୀତା ତରାଇଙ୍କ ପକ୍ଷରୁ ଓକିଲ ଅଶୋକ କୁମାର ମହାପାତ୍ର ମାମଲା ପରିଚାଳନା କରିଥିଲେ।

# ପରିକ୍ରମା ମାର୍ଗରେ ନିଶାଡ଼ିଙ୍କ ଉତ୍ପାତ

**ଆଧ୍ୟାତ୍ମିକସ୍ଥଳୀରେ ଅଶୋଭନୀୟ, ଭକ୍ତଙ୍କ କ୍ଷୋଭ**

**ପୁରୀ, ୧୦।୧୦(ସମିସ):** ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କୁ ଅତ୍ୟାବଶ୍ୟକ ସେବା, ସୁବିଧା ଯୋଗାଇଦେବା ଲକ୍ଷ୍ୟରେ ପୂର୍ବର ବିଜେଡି ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ପରିକଳ୍ପନା କରିଥିଲେ। ବହୁ ବାଧାବିଘ୍ନ ପରେ ଏହି ପ୍ରକଳ୍ପ ଏବେ ଶ୍ରଦ୍ଧାଳୁଙ୍କ ପାଇଁ ବେଶ୍ ସହାୟକ ହେଉଛି। ପୂର୍ବପରି ମନ୍ଦିର ଚତୁଃପାର୍ଶ୍ୱରେ ପରିକ୍ରମା କରିବା ପାଇଁ



ଅସୁବିଧା ହେଉନି। ଖୋଲା ଜାଗାରେ ବସି ମହାପ୍ରଭୁଙ୍କୁ ନିଜ ମନ କଥା ଜଣାଇପାରୁଛନ୍ତି ଶ୍ରଦ୍ଧାଳୁ। ବଡ଼ଦେଉଳ ଚତୁଃପାର୍ଶ୍ୱର ଯେକୌଣସି ଜାଗାରେ ଠିଆ ହୋଇ ଅବା ବସି ନୀଳଚକ୍ର ବାନା ପରିବର୍ତ୍ତନର ଅପୂର୍ବ ଦୃଶ୍ୟ ଉପଭୋଗ କରୁଛନ୍ତି। କିନ୍ତୁ, ବେଳେବେଳେ ପରିକ୍ରମା ମାର୍ଗରୁ ଏମିତି କିଛି ଦୃଶ୍ୟ ଆସୁଛି ଯାହା ଭକ୍ତ ସମାଜକୁ ବ୍ୟଥିତ କରୁଛି। ପରିକ୍ରମା ମାର୍ଗ ଭିତରେ ଜଣେ ବ୍ୟକ୍ତି ନିଶାସକ୍ତ ଅବସ୍ଥାରେ ଉତ୍ପାତ କରିବାର ଚିତ୍ର ଶୁକ୍ରବାର ସାମ୍ନାକୁ ଆସିଛି। ଏହି ବ୍ୟକ୍ତିଜଣଙ୍କ ହେଲେ, ସନ୍ତୋଷ କୁମାର ଓରଫ ବାବୁଲା ଶତପଥୀ (୪୮)। ତାଙ୍କ ଘର ପୁରୀ ମାର୍କଣ୍ଡେଶ୍ୱର ସାହିରେ। ତାଙ୍କ ନାମରେ ପୁଲିସ ମାମଲା ରୁଜୁ କରିଛି। ସମ୍ପୃକ୍ତ ବ୍ୟକ୍ତି ପରିକ୍ରମା ମାର୍ଗ ଭିତରେ ନିଶାଗ୍ରସ୍ତଙ୍କ ଭଳି ଆଚରଣ କରିଥିଲେ। ଚାଲିବା ବେଳେ ତାଙ୍କ ଗୋଡ଼ ଠିକ୍ ଭାବେ ପଡୁ ନ ଥିଲା। ଏପରିକି ସେ ତଳେ ପଡ଼ିଯାଉଥିଲେ। ତାଙ୍କ ପାଖ ଦେଇ ମହିଳା, ପୁରୁଷ ଶ୍ରଦ୍ଧାଳୁମାନେ ଯା'ଆସ କରୁଥିଲେ। ସେ ଯେଉଁ ଢଙ୍ଗରେ ତଳେ ପଡ଼ି ଭକ୍ତଙ୍କୁ ଅନାଉଥିଲେ, ତାହାକୁ ଦେଖି ଅନ୍ୟମାନେ ଉଦ୍‌ବେଗ ପ୍ରକାଶ କରିଥିଲେ।

## ଯୁବକଙ୍କୁ ହତ୍ୟା କରି ଫିଙ୍ଗିଦେଲେ

**ରାଇରଙ୍ଗପୁର/ବହଳଦା, ୧୦।୧୦ (ସମିସ):** ବହଳଦା ଥାନା ଅନ୍ତର୍ଗତ ସାନଦୁନ୍ଦୁ ଗ୍ରାମ ନିକଟ କୁସୁମଡୁଙ୍ଗୁରୀରୁ ବହଳଦା ପୁଲିସ ଆଜି ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ଉଲଗ୍ନ ଶବ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାଯାଇଛି। କେହି ଦୁର୍ବୃତ୍ତ ଯୁବକଙ୍କ ଗଳା କାଟି ଦେବା ସହ ମୁଣ୍ଡକୁ କୌଣସି ଧାରୁଆ ଅସ୍ତ୍ରରେ ହାଣିଦେଇଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କିଛି ସ୍ଥାନୀୟ ଲୋକ ଆଜି ଶୌଚ ପାଇଁ କୁସୁମ ଡୁଙ୍ଗୁରୀକୁ ଯାଉଥିବା ବେଳେ ଯୁବକଙ୍କ ଶବ ପଡ଼ିଥିବା ଦେଖି ପୁଲିସକୁ ଖବର ଦେଇଥିଲେ। ରାଇରଙ୍ଗପୁର ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ, ବହଳଦା ଥାନା ଅଧିକାରୀ ଭାସ୍କର ଚନ୍ଦ୍ର ପ୍ରଧାନଙ୍କ ସମେତ ପୁଲିସ ସଦଳବଳେ ପହଞ୍ଚି ଛାନଭିନ୍ କରିଥିଲା। ବାରିପଦାରୁ ମଧ୍ୟ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସୂଚନାନୁଯାୟୀ, କୁସୁମଡୁଙ୍ଗୁରି ପଡ଼ୋଶୀ ଝାଡ଼ଖଣ୍ଡର ଦୁମା ଅଞ୍ଚଳକୁ ସଂଯୋଗ କରୁଛି। ଅଞ୍ଚଳଟି ନିଛାଟିଆ କଚା ରାସ୍ତା ହୋଇଥିବାରୁ ଏହା ଅପରାଧୀମାନଙ୍କୁ ସୁହାଉଛି।

# ଇ-ଚାଲାଣ ଜରିମାନାରେ ରିଆତି

**■ ଆଉ ୭ କ୍ଷେତ୍ର ପାଇଁ କୋହଳ ହେଲା ଜରିମାନା ରାଶି**
**■ ପୂର୍ବରୁ ୧୭ଟି କ୍ଷେତ୍ରରେ ମିଳିଥିଲା ଇ-ଚାଲାଣ ଆଶ୍ୱସ୍ତି**

**ଭୁବନେଶ୍ୱର, ୧୦।୧୦ (ସମିସ):** ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତିକ୍ରମେ ମୋଟା ଅଙ୍କର ଇ-ଚାଲାଣପ୍ରାପ୍ତଙ୍କୁ ରାଜ୍ୟ ପରିବହନ ବିଭାଗ ଆଶ୍ୱସ୍ତି ଦେଇଛି। ଏହି କ୍ରମରେ ପୂର୍ବରୁ ୧୭ଟି କ୍ଷେତ୍ରରେ ନିୟମ ଉଲ୍ଲଂଘନକାରୀଙ୍କୁ ଇ-ଚାଲାଣ ଆଧାରରେ ହୋଇଥିବା ଜରିମାନା ରାଶିକୁ ଅଧା କରି ଦିଆଯାଇଛି। ଏହି କ୍ଷେତ୍ରରେ ଆଜି ଆଉ ୭ଟି କ୍ଷେତ୍ରକୁ ଯୋଡ଼ି ଦିଆଯାଇଛି।

ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ବିନା ବୈଧ ଲାଇସେନ୍ସ କିମ୍ବା ଅତିରିକ୍ତ ଯାତ୍ରୀ ନେଇ ଗାଡ଼ି ଚଳାଇବା କାରଣରୁ ୫,୦୦୦ଟଙ୍କା ଚାଲାଣ ହୋଇଥିଲେ, ୨୫୦୦ ଟଙ୍କାରେ ଏହାର ଫଇସଲା କରାଯାଇପାରିବ। ସେହିପରି ସିଟ୍ ବେଲ୍ଟ ବିନା ଯାତ୍ରା କିମ୍ବା ବାଇକ୍‌ରେ ଅଧିକ ଯାତ୍ରୀ ନେବା କାରଣରୁ ୧,୦୦୦ ଟଙ୍କା ଚାଲାଣ ହୋଇଥିଲେ ୫୦୦ ଟଙ୍କା, ଏବଂ ବିନା ହେଲମେଟରେ ଗାଡ଼ି ଚଳାଇବା କାରଣରୁ ୧,୦୦୦ ଟଙ୍କା ଚାଲାଣ ହୋଇଥିଲେ ୫୦୦ ଟଙ୍କାକୁ କମାଇ ଦିଆଯାଇଛି। ଏହାସହ, ଜରୁରୀକାଳୀନ ଗାଡ଼ିକୁ ରାସ୍ତା ନ ଦେବା କାରଣରୁ ୧୦,୦୦୦ଟଙ୍କା ଜରିମାନା ହୋଇଥିଲେ ୫,୦୦୦ ଟଙ୍କା, ଏବଂ ବିନା ବୀମାରେ ଗାଡ଼ି ଚଳାଇବା କାରଣରୁ ୨,୦୦୦ ଟଙ୍କା ଜରିମାନା ହୋଇଥିଲେ ୧,୦୦୦ ଟଙ୍କା ପୈଠ କରିବାକୁ କୁହାଯାଇଛି।

ବିଭିନ୍ନ ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଯେଉଁ ପରିମାଣରେ ଇ-ଚାଲାଣ କଟାଯାଇଛି ତାହାକୁ ପ୍ରାୟ ଅଧା କରିଦିଆଯାଇଥିବା ବେଳେ ଏହାକୁ ଆସନ୍ତା ୬ ମାସ ମଧ୍ୟରେ ଫଇସଲା ପାଇଁ ନିୟମ ଉଲ୍ଲଂଘନକାରୀଙ୍କୁ ସୁଯୋଗ ଦିଆଯାଇଛି। ଗତ ସେପ୍ଟେମ୍ବର ମାସରେ ପ୍ରଥମ ନିର୍ଦ୍ଦେଶନାମାରେ ୧୭ ଟି କ୍ଷେତ୍ରରେ ଏହି ଜରିମାନା ରାଶି କୋହଳ କରାଯାଇଥିଲା। ମାତ୍ର ମୁଖ୍ୟତଃ ହେଲ୍‌ମେଟ୍ ନ ପିନ୍ଧିବା, ସିଟ୍‌ବେଲ୍ଟ ନ ବାନ୍ଧିବା ଓ ବାଇକରେ ୩ ଜଣ ଯିବା ଓ ବିନା ବୈଧ ଲାଇସେନ୍ସରେ ଗାଡ଼ି ଚଳାଇବା ଯୋଗୁଁ ଅଧିକାଂଶ ଇ-ଚାଲାଣର ଶିକାର ହୋଇଛନ୍ତି। ତେଣୁ ବିଭାଗ ପକ୍ଷରୁ ଏହି ନିୟମ ଉଲ୍ଲଂଘନ ପାଇଁ ମଧ୍ୟ କୋହଳ ମନୋଭାବ ପୋଷଣ କରାଯାଇଛି।

ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି ଯେ ମୋଟର ଯାନ ଆଇନ ଅନୁସାରେ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କୁ କରାଯାଇଥିବା ଅନେକ ଇ-ଚାଲାଣ ବକେୟା ପଡ଼ିଛି। ଏହାକୁ 'ଏକକାଳୀନ ସମାଧାନ ଯୋଜନା' ମାଧ୍ୟମରେ ନିୟମ ଖିଲାପକାରୀଙ୍କଠାରୁ ନିର୍ଦ୍ଦିଷ୍ଟ ଜରିମାନା ଆଦାୟ କରାଯାଇ ଏହି ମାମଲାକୁ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ଜୁଲାଇ ୨୦୨୫ ସୁଦ୍ଧା ଯେଉଁମାନଙ୍କ ନାଁରେ ଜରିମାନା ଗଡୁଛି, ସେମାନେ ଲାଭ ଉଠାଇପାରିବେ ବୋଲି ଦର୍ଶାଯାଇଛି। ଆସନ୍ତା ୬ମାସ ଯାଏ ଏହି ଯୋଜନା ଉପଲବ୍ଧ ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ଦିନକୁ ଦିନ ଇ-ଚାଲାଣ ବଢୁଥିବା କାରଣରୁ ସରକାର ଗତ କ୍ୟାବିନେଟ୍ ବୈଠକରେ 'ଏକକାଳୀନ ସମାଧାନ ଯୋଜନା' ଆଣିଥିଲେ। ଏକ ପରିସଂଖ୍ୟାନ ଅନୁସାରେ, ଏବେ ସୁଦ୍ଧା ୩୧ଲକ୍ଷ ଇ-ଚାଲାଣ ଅନାଦେୟ ପଡ଼ି ରହିଛି। ନୂଆ ନମ୍ବରପ୍ଲେଟ୍ ଓ କ୍ୟାମେରା ଲାଗିବା ଦ୍ୱାରା ଗାଡ଼ିଗୁଡ଼ିକ ଉପରେ ସ୍ୱୟଂଚାଳିତ ଢଙ୍ଗରେ ଜରିମାନା ଲାଗୁ କରାଯାଇପାରୁଛି।

### ପିଲାଙ୍କ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ କରିବାକୁ ନିମନ୍ତେ ପରାମର୍ଶ

# ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ମନା

**ଭୁବନେଶ୍ୱର,୧୦।୧୦(ସମିସ):** ଦେଶର ବିଭିନ୍ନ ସ୍ଥାନରେ ବିଷାକ୍ତ କଫ ସିରଫ ଯୋଗୁଁ ଶିଶୁମାନଙ୍କ ମୃତ୍ୟୁ ପରେ ଓଡ଼ିଶାରେ ମଧ୍ୟ ଏହାକୁ ନେଇ ଚର୍ଚ୍ଚା ହେଉଛି। ଏଣୁ ଶୁକ୍ରବାର ଓଡ଼ିଶା ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶାଳୟ ପକ୍ଷରୁ ରାଜ୍ୟର ସମସ୍ତ ମେଡିକାଲ କଲେଜ, ହସ୍ପିଟାଲ ଅଧିକ୍ଷକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଶିଶୁ ଚିକିତ୍ସା ବିଶେଷଜ୍ଞ ସଂଘ, ଓଡ଼ିଶା ମେଡିକାଲ ସେବା ସଂଘ ପ୍ରଭୃତିକୁ କଫ ସିରପ୍ ବ୍ୟବହାରକୁ ଅଧିକ ନିୟନ୍ତ୍ରିତ,ସୁଚିନ୍ତିତ ଓ ଯୌକ୍ତିକ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି। ପିଲାମାନଙ୍କ ମଧ୍ୟରେ ଦେଖାଯାଉଥିବା ଥଣ୍ଡା ଓ କଫ ରୋଗ ପ୍ରାୟତଃ ଆପେଆପେ ଶରୀରର ପ୍ରତିରୋଧକ ଶକ୍ତି ବଳରେ ଭଲ ହୋଇଥାଏ। ସେଥିପାଇଁ ସବୁବେଳେ ବାହ୍ୟ ଔଷଧ ପ୍ରୟୋଗର ବିଶେଷ ଆବଶ୍ୟକତା ନାହିଁ। ଅପରପକ୍ଷେ ଶରୀରର ପର୍ଯ୍ୟାୟ ଜଳଯୋଜନ (ଆଡ଼ିକ୍ୟୁଏଟ ହାଇଡ୍ରେସନ), ବିଶ୍ରାମ ଏବଂ ଆନୁସଙ୍ଗିକ ସହାୟତା ଆଦି ଉପରେ ଅଗ୍ରାଧିକାର ଦିଆଯିବା ଦରକାର। ୨ବର୍ଷରୁ କମ ଶିଶୁଙ୍କ କଫ ଓ ଥଣ୍ଡା ପାଇଁ ସିରପ୍ ଦିଆଯିବା ଉଚିତ୍ ନୁହେଁ। ଏହି ସବୁ ଔଷଧ ମଧ୍ୟ ୫ବର୍ଷରୁ କମ ପିଲାଙ୍କ ପାଇଁ ସୁପାରିଶ ଯୋଗ୍ୟ ନୁହେଁ। ଏପରିକି ୫ବର୍ଷରୁ ଅଧିକ ବୟସ୍କ ପିଲାଙ୍କ ପାଇଁ ଏସବୁ ପ୍ରକାର ଔଷଧ ଉପଯୁକ୍ତ ପରୀକ୍ଷା ନିରୀକ୍ଷା, ସମ୍ପୃକ୍ତ ପିଲାର ସ୍ୱାସ୍ଥ୍ୟ ଅବସ୍ଥାର ସଠିକ୍ ଆକଳନ ଆଦି ପରେ ଡାକ୍ତରଙ୍କ ସିଧାସଳଖ ତତ୍ତ୍ୱାବଧାନରେ କରାଯିବା ଦରକାର। ପିଲା କେତେ ମାତ୍ରାରେ ଔଷଧ କେତେ ଥର ଓ କେତେବେଳେ ଖାଇବ ତାହା ମଧ୍ୟ ଡ଼ାକ୍ତରଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଧାରିତ ହେବା ଦରକାର।

ଶିଶୁ ରୋଗ ଚିକିତ୍ସା ଓ ଔଷଧ ବଣ୍ଟନ କରୁଥିବା ସମସ୍ତ ସରକାରୀ ଓ ଘରୋଇ ଚିକିତ୍ସାଳୟମାନଙ୍କୁ ଏହି ପରାମର୍ଶ ଅନୁପାଳନ ନିମନ୍ତେ କୁହାଯାଇଛି।


**Government of Odisha "e" Procurement Notice**

Bid Identification No. TENDER ONLINE SNPR-03 OF 2025-26 O-967

| | | |
|---|---|---|
| 1. | Name of the work | Building Works as per DTCN available in the website www.tendersodisha.gov.in |
| 2. | Total No. of Work | 02 (Two) Nos. |
| 3. | Approximate Estimated Cost | Vary from Rs. 23.57 lakh to Rs. 47.70 lakh |
| 4. | Period of Completion | 6 (Six Calendar months) to 9 (Nine Calendar months) |
| 5. | Period and time of availability of bid document in the portal for bidding | 13.10.2025 at 11.00 AM to 24.10.2025 up to 5.00 PM |
| 6. | Date and time of opening of Tender | 27.10.2025 at 11.00 AM (Technical Bid) & (Financial Bid will be intimated later on) |
| 7. | Name and address of the officer inviting bid | S.E.R.W. Division, Sonepur |

(1) Other details can be seen from detailed notice
(2) Inviting tenders, available in website www.tendersodisha.gov.in
(3) Corrigendum if any shall only be published in the website: www.tendersodisha.gov.in

Executive Engineer,
Rural Works Division, Sonepur.

OIPR-25054/11/0037/2526

## ଆଜିର ରାଶିଫଳ

**ମେଷ:** ପରିବାର ଲୋକଙ୍କ ସହ ହସ ଖୁସିରେ ଦିନ ବିତିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିବେ। ସଫଳତା ପାଇଁ କଠିନ ପରିଶ୍ରମ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ଯାତ୍ରା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ।

## ଆଜିର ଇତିହାସ

- ୧୮୫୨- ସିଡ୍‌ନୀ ବିଶ୍ୱବିଦ୍ୟାଳୟର ସ୍ଥାପନା।
- ୧୯୦୨- ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଜନ୍ମ।
- ୧୯୩୬- ପ୍ରଫେସର କ୍ୱିଜ୍ ନାମରେ ରେଡିଓରେ ପ୍ରଥମ କ୍ୱିଜ୍ କାର୍ଯ୍ୟକ୍ରମର ପ୍ରସାରଣ ଆରମ୍ଭ ହେଲା।
- ୧୯୪୨- ବଲିଉଡ୍ ଅଭିନେତା ଅମିତାଭ ବଚ୍ଚନଙ୍କ ଜନ୍ମ।
- ୧୯୪୫- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୮୭- ଭାରତୀୟ ଶାନ୍ତି ସେନା ଶ୍ରୀଲଙ୍କାରେ ଅପରେସନ୍ ପବନର ଆରମ୍ଭ କଲା।

## ଆନ୍ତର୍ଜାତିକ ବାଳିକା ଦିବସ



ସମଗ୍ର ବିଶ୍ୱରେ ଝିଅମାନେ ସମ୍ମୁଖୀନ ହେଉଥିବା ଲିଙ୍ଗଗତ ଅସମାନତା, ଆଇନ ଅଧିକାର, ସ୍ୱାସ୍ଥ୍ୟସେବା, ହିଂସା, ଭେଦଭାବ ଏବଂ ଅପରିପକ୍ୱ ବୟସରେ ବିବାହ ଭଳି ଅସମାନତା ବିରୋଧରେ ମିଳିତ ଜାତିସଂଘ ପକ୍ଷରୁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ବାଳିକାମାନଙ୍କୁ ସେମାନଙ୍କ ଅଧିକାର, ଆହ୍ୱାନ ଏବଂ ସୁଯୋଗ ବିଷୟରେ ଅବଗତ କରାଇବା ପାଇଁ ଏହି ଦିବସ ପାଳନ କରାଯାଏ। ୧୯ ଡିସେମ୍ବର ୨୦୧୧ରେ ଜାତିସଂଘ ସାଧାରଣ ପରିଷଦରେ ଏହି ଦିବସ ପାଳନ କରାଯିବା ପାଇଁ ଘୋଷଣା କରାଯିବା ପରେ ୨୦୧୨ରେ ପ୍ରଥମେ ଏହି ଦିବସ ପାଳନ କରାଯାଇଥିଲା। ଆଜି ବି ବାଳିକାମାନେ ସବୁ କ୍ଷେତ୍ରରେ ଉପେକ୍ଷିତ। ଶିକ୍ଷା, ପୋଷଣ, ଶାରୀରିକ ଓ ମାନସିକ କଲ୍ୟାଣ, ଆଇନଗତ ଅଧିକାର, ସ୍ୱାସ୍ଥ୍ୟ ଏବଂ ହିଂସା ବିନା ସୁରକ୍ଷିତ ଜୀବନ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବାଳିକାମାନେ ଭେଦଭାବର ସମ୍ମୁଖୀନ ହେଉଛନ୍ତି। ଏଣୁ ସେମାନଙ୍କ ପାଇଁ ବି ଏକ ସୁରକ୍ଷିତ ପରିବେଶର ଆବଶ୍ୟକତା ରହିଛି। ଏହା ସହ ବାଲ୍ୟ ବିବାହ, ଭ୍ରୂଣହତ୍ୟା ରୋକିବାର ଆବଶ୍ୟକତା ରହିଛି। ଏହି କଥାକୁ ଗମ୍ଭୀରତାର ସହ ଉପଲବ୍ଧି କରି ମିଳିତ ଜାତିସଂଘ ପକ୍ଷରୁ ବାଳିକାଙ୍କ ସଶକ୍ତୀକରଣ ପାଇଁ ପ୍ରତିବର୍ଷ ଅକ୍ଟୋବର ୧୧ରେ 'ଆନ୍ତର୍ଜାତିକ ବାଳିକା ଦିବସ' ପାଳନ କରାଯାଉଛି। ବିଶ୍ୱରେ ଲିଙ୍ଗଗତ ସମାନତା ଏବଂ ବାଳିକାମାନଙ୍କୁ ସମାନ ସୁଯୋଗ ପ୍ରଦାନ କରିବା ଦିଗରେ ସଚେତନ ସୃଷ୍ଟି କରିବା ଏହି ଦିବସର ମୂଳ ଲକ୍ଷ୍ୟ। ଭାରତ ସରକାର ବାଳିକାମାନଙ୍କୁ ସଶକ୍ତ କରିବା ଉଦ୍ଦେଶ୍ୟରେ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ଆରମ୍ଭ କରିଛନ୍ତି। କେବଳ ସରକାର ନୁହେଁ, ଆମ ସମସ୍ତଙ୍କ ଭିତରେ କନ୍ୟା ଶିଶୁଟି ପ୍ରତି ଆନ୍ତରିକ ଭଲପାଇବା ସହ ତାଙ୍କର ସ୍ୱର୍ଣ୍ଣିମ ଭବିଷ୍ୟତ ପାଇଁ ନିଜ ନିଜର ଦାୟିତ୍ୱବୋଧତାର ଅଗ୍ରଗତି ଜରୁରି। ତାହେଲେ ଯାଇ ଆଜି ଦିନଟିର ସାର୍ଥକତା ପ୍ରତିପାଦିତ ହେବ। ବିଶ୍ୱର କୋଣ ଅନୁକୋଣରେ ଥିବା ପ୍ରତିଟି ଝିଅ କିପରି ପାଠ ପଢ଼ିବେ, ଶିକ୍ଷିତ ହେବେ, ସମାନ ଅଧିକାର ପାଇବା ସହ କିପରି ସମାଜ କଲ୍ୟାଣ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ ସେ ବାବଦରେ ଧ୍ୟାନ ଦେବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ।

## ମୃତ୍ୟୁ ପରର ଦୁନିଆ ଦେଖିଥିବା କହିଲେ ଡାକ୍ତର



କଥାରେ ଅଛି, 'ରଖେ ହରି ତ ମାରେ କିଏ'। ଏହାର ଅର୍ଥ ଭଗବାନ ଯାହାକୁ ରକ୍ଷା କରିବାକୁ ଚାହିଁବେ ଅନ୍ୟ କୌଣସି ଶକ୍ତି ସେହି ପ୍ରାଣୀର ଜୀବନ ନେଇପାରିବ ନାହିଁ। ବିଶ୍ୱରେ ଅନେକ ଲୋକ ମୃତ୍ୟୁକୁ ଅତି ନିକଟରେ ଦେଖି ପୁଣି ଜୀବିତ ରହିଥିବା କଥା ଯୁକ୍ତି ବାଢ଼ନ୍ତି। ଏଭଳି ଏକ ଘଟଣା ବିଷୟରେ ନିକଟରେ ଖୋଦ୍ ଜଣେ ଡାକ୍ତର କହିଛନ୍ତି। ଭାରତୀୟ ବଂଶୋଦ୍ଭବ ରାଜୀବ ପାରତୀ ଏକଦା ଆମେରିକାର କାଲିଫର୍ଣ୍ଣିଆ ସ୍ଥିତ ବେକର୍ସଫିଲ୍ଡ ହାର୍ଟ ହସ୍‌ପିଟାଲର ମୁଖ୍ୟ ନିଶ୍ଚେତକ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ଏକଦା ସେ କିପରି ମୃତ୍ୟୁକୁ ଅତି ନିକଟରେ ଦେଖିଥିଲେ ସେକଥା ନିକଟରେ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ୨୦୦୮ ମସିହାରେ ତାଙ୍କୁ ୫୧ ବର୍ଷ ହୋଇଥିବାବେଳେ ତାଙ୍କର ମୂତ୍ରାଶୟ କର୍କଟ ଅସ୍ତ୍ରୋପଚାର କରାଯାଇଥିଲା। ଏହିସମୟରେ ହଠାତ୍ ତାଙ୍କର ହୃଦ୍‌ସ୍ପନ୍ଦନ କିଛି ସମୟ ପାଇଁ ବନ୍ଦ ହୋଇଯାଇଥିଲା। କିଛି ସମୟ ପାଇଁ ସେ ମରି ଯାଇଥିଲେ ବୋଲି କହିଛନ୍ତି। ତାଙ୍କ କହିବାନୁସାରେ, ମୃତ୍ୟୁ ପରେ ସେ ଯନ୍ତ୍ରଣା ଜର୍ଜରିତ କିଛି ଲୋକଙ୍କ ଆର୍ତ୍ତ ଚିତ୍କାର ଶୁଣିଥିଲେ। ଏହି ସମୟରେ ସେ ଏକ ଜଳନ୍ତା ରାସ୍ତାରେ ଥିବାର ଅନୁଭବ କଲେ। ତାଙ୍କୁ ପୋଡ଼ା ମାଂସର ଗନ୍ଧ ଆସିଥିଲା। ଧୂଆଁ ତାଙ୍କ ନାକରେ ଭର୍ତ୍ତି ହୋଇଗଲା। ସେତେବେଳେ ସେ ନର୍କଦ୍ୱାରରେ ଥିବା ପରି ଅନୁଭବ କରିଥିବା କୁହନ୍ତି। ଏହାପରେ ତାଙ୍କୁ ଦୁଇଜଣ ଦେବଦୂତ ମିଳିଥିଲେ। ସେମାନେ ତାଙ୍କୁ ନର୍କରୁ ଏକ ସୁଡ଼ଙ୍ଗ ପରି ଦ୍ୱାର ଦେଇ ଏକ ଅଦ୍ଭୁତ ଓ ସୁନ୍ଦର ସ୍ଥାନକୁ ନେଇଗଲେ। ସେଠାରେ ସେ କେବଳ ଉଜ୍ଜ୍ୱଳ ଆଲୋକ ଦେଖିପାରୁଥିଲେ। ସେହି ଆଲୋକରୁ ଜଣେ ବ୍ୟକ୍ତି ବାହାରି ଡାକ୍ତରଙ୍କୁ କିଛି ପ୍ରଶ୍ନ ପଚାରିଥିବା ସେ କହିଥିଲେ। ସେହିସମୟରେ ସେ ଅସ୍ତ୍ରୋପଚାର ଟେବୁଲ ଉପରେ ନିଜକୁ ପଡ଼ିଥିବାର ମଧ ଦେଖିଥିଲେ। ଏହା ତାଙ୍କର ମୃତ୍ୟୁ ପରର ଜୀବନ ଥିଲା ବୋଲି ଡାକ୍ତର ଜଣକ ଦାବି କରିଛନ୍ତି। ଏହି ଘଟଣା ପରେ ତାଙ୍କ ଜୀବନ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ସେ ତାଙ୍କ ଡାକ୍ତରୀ ପେସା ମଧ ଛାଡ଼ିଦେଇଥିଲେ।



## ଆସିବ 'ବାହୁବଳି ୩'

ସାଉଥ୍ ସୁପରଷ୍ଟାର୍ ପ୍ରଭାସଙ୍କ ଅଭିନୀତ 'ବାହୁବଳି' ଓ 'ବାହୁବଳି ୨'କୁ ନେଇ ଦର୍ଶକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲା। ଦୁଇଟି ଯାକ ଫିଲ୍ମ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ଏବେ ଏହି ଦୁଇଟି ଫିଲ୍ମକୁ ମିଶାଇ ଏସ୍. ଏସ୍. ରାଜମୌଳି 'ବାହୁବଳି: ଦ ଏପିକ୍' ନିର୍ମାଣ କରିଛନ୍ତି। ଏହା ଏଇ ୩୧ରେ ରିଲିଜ୍ ହେବ। ଇତିମଧ୍ୟରେ ଫିଲ୍ମ ନିର୍ମାତା ଶୋଭୁ ୟାର୍ଲାଗଡ୍ଡା 'ବାହୁବଳି ୩'କୁ ନେଇ ଖୁଲାସା କରିଛନ୍ତି। 'ବାହୁବଳି: ଦ ଏପିକ୍'ର ପ୍ରଚାର ସମୟରେ 'ବାହୁବଳି ୩'କୁ ନେଇ କୌଣସି ପ୍ରକାରର ଘୋଷଣା କରାଯିବ ନାହିଁ ବୋଲି ସେ କହିଛନ୍ତି। ଯଦିଓ ଶୋଭୁ ଫିଲ୍ମ ରିଲିଜ୍ କେବେ ହେବ ସେନେଇ କିଛି କହିନାହାନ୍ତି କିନ୍ତୁ ଦର୍ଶକେ ଏହାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତେବେ 'ବାହୁବଳି: ଦ ଏପିକ୍'ର ଶେଷରେ ଫିଲ୍ମ ନିର୍ମାତା 'ବାହୁବଳି ୩' ବିଷୟରେ କିଛି ସୂଚନା ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି।

## ଆମ ବିଦ୍ୟାଳୟ




**କ୍ଷମାନିଧି ଭୋଇ**

ଆମ ବିଦ୍ୟାଳୟ ଶିକ୍ଷାର ଭଣ୍ଡାର
ଦିଶଇ କେଡ଼େ ସୁନ୍ଦର
ଆମକୁ ଦିଅଇ କେତେ କେତେ ଶିକ୍ଷା
ଅଭୁଲା ତା' ଉପକାର।
ତା' ପାଖରେ କେତେ ଗୁରୁଜୀ ଗୁରୁମା
ଅଟନ୍ତି ସତେ ଈଶ୍ୱର
ଶିକ୍ଷା ଦେଇଥାନ୍ତି ସେନେହ ସହିତ
ଅଜ୍ଞାନକୁ କରି ଦୂର।
ବଗିଚା ତାହାର ଆହା କି ସୁନ୍ଦର
ମନ ପ୍ରାଣ ନିଏ ଟାଣି
ସୁରଭିତ ଫୁଲ ସୁଆଦିଆ ଫଳ
ଭରି ରହିଅଛି ପୁଣି।
ପରଜାପତି ଓ ଭଅଁର ଉଡ଼ନ୍ତି
ଫୁଲେ ଫୁଲେ ଚୁମି ଚୁମି
କେତେ ଆନନ୍ଦରେ ଡେଣାକୁ ମେଲେଇ
ଚାରିଆଡ଼େ ଯାନ୍ତି ଘୂମି।
କେତେ ବୈଜ୍ଞାନିକ କେତେ ଗାଣିତିକ
କେତେ କେତେ ରାଜନେତା
ଗଢ଼ି ଦେଇଅଛି ବିଦ୍ୟାଳୟ ଏହି
ଦେଖାଇ ତା' ମହାନତା।
କେତେ ଶାସ୍ତ୍ର ଜ୍ଞାନ କେତେ ତର୍କ ଜ୍ଞାନ
ଇଂରାଜୀ ଓ ଚିତ୍ରାଙ୍କନ
ସାମାଜିକ ପାଠ କେତେ ନାଚ ଗୀତ
ଶିଖିଅଛୁ ତା'ଠୁଁ ପୁଣ।
ଆହା କି ସୁନ୍ଦର ଆମ ବିଦ୍ୟାଳୟ
ଅଟଇ ଶିକ୍ଷା ମନ୍ଦିର
ମଣିଷ ଗଢ଼ା ଏ କାରଖାନା ପରା
ଆମେ ରତନ ତାହାର।
ଆମକୁ ଗଢ଼ଇ ମଣିଷ ପରି ସେ
ସେନେହ ଆଦର କରି
ଆସ ଆମେ ତା'ର କରିବା ବିକାଶ
ତନୁ ମନ ପ୍ରାଣ ଭରି। ■

ସାଗୁନପାଲି, ସମ୍ବଲପୁର
ମୋ - ୪୩୮୨୯୨୯୩୩




## ବାଇଆ ବସା



କି ଦିନ ରାତି ଖରା ବରଷା
ଆନନ୍ଦେ ଝୁଲୁଥାଏ
ଦେଖିଲେ ତା'ର ଟିକି ବସାଟି
ସବୁରି ମନ ପାଏ।
ଗୋଟେଇ ନେଇ କାଠି କୁଟାକୁ
ଥଣ୍ଟେ ପତର ଚିରି,
ବାୟା ଚଢ଼େଇ ଗଢ଼ଇ ବସା
କେତେ ଯତନ କରି।
ବସାଟି ତା'ର ଏଡ଼େ ସୁନ୍ଦର
ଧନ୍ୟ ତା' କାରିଗରୀ,
ଟିକି ମୁଣ୍ଡରେ ଗଦାଏ ବୁଦ୍ଧି
ବିହି ଦେଇଛି ଭରି।
ମାଟିଆ ରଙ୍ଗ ଦେହଟି ତା'ର
ଥଣ୍ଟରେ ପୋକ ଖୁଣ୍ଟି,
ପେଟର ଭୋକ ମେଣ୍ଟାଇ ନିଏ
ଛୁଆଙ୍କୁ ଦିଏ ବାଣ୍ଟି।
ଝୁଲାମୁଣି ଭଳି ଝୁଲାଇ ବସା
ଭିତରେ ଖୋପ କରି,
ଛୁଆଙ୍କୁ ତା'ର ଅତି ଯତନେ
ଆହାର ଦିଏ ଭରି।
କଳି କଜିଆ ରାଗ ରୁଷାରୁ
ବାଇଆର କି' ଯାଏ!
ଗଛରେ ଥାଇ ବାଆ ବେଳେ ତା
ବସାରେ ଝୁଲୁଥାଏ। ■




**ମନୀଷା ପଣ୍ଡା**

ଅଙ୍କରାନ୍ତିପୁର, ଢେଙ୍କାନାଳ
ମୋ-୮୨୪୯୬୮୬୦୯୩

## ସୁମନ

## ଭାଲୁର ଆଳୁ ଚାଷ



**ରମେଶ ଚନ୍ଦ୍ର ଦାଶ**

ବିଲୁଆ ଆଳୁ ଚାଷ କରିବା ଦେଖି ବଣରାଇଜର ସମସ୍ତ ପ୍ରାଣୀ ପ୍ରଶଂସା କଲେ। ଏହା ଦେଖି ଭାଲୁ ବି ଆଳୁ ଚାଷ କରିବାକୁ ବାହାରିଲା। ସେ ଦିନେ ସଂଧ୍ୟାରେ ବିଲୁଆ ପାଖରେ ପହଞ୍ଚି ଆଳୁ ଚାଷ ବିଷୟରେ ପଚାରି ବୁଝିଲା। ବିଲୁଆ ବି ଯାହା ଜାଣିଥିଲା ସବୁ କହିଲା। ଶେଷରେ ବିଲୁଆ ଭାଲୁକୁ କହିଲା- ଆଉ ଯାହା ଜାଣିବାର ଅଛି, ଚାଷ ସମୟରେ ନିଜେ ଚେଷ୍ଟାକଲେ ଜାଣିପାରିବ। ଏଥିରେ ଭାଲୁର ମନ ବୁଝିଲା ନାହିଁ। ସେ ବିଲୁଆକୁ କହିଲା- ତୁ ମୋତେ ଅସଲ କଥା ଲୁଚାଉଛୁ। ଆଳୁ ଚାଷ କଲେ ସମସ୍ତେ ମୋତେ ପ୍ରଶଂସା କରିବେ ବୋଲି ତୁ ଈର୍ଷା କରୁଛୁ। ଏତକ କହିବା ସହିତ ଭାଲୁ ନିଜେ ଆଳୁ ଚାଷ କଲା। ମଝିରେ ମଝିରେ ଯାହା ଦରକାର ପଡ଼େ ବିଲୁଆ ପାଖକୁ ଯାଇ ବୁଝେ। ତା'ର ଆଗ୍ରହ ଥିବାରୁ ଆଳୁଚାଷ ଭଲ ହେଲା। ଏହା ଦେଖି ସମସ୍ତେ ପ୍ରଶଂସା କଲେ। ଏପରିକି ନିଜେ ବିଲୁଆ ମଧ ପ୍ରଶଂସା କଲା। ଦିନେ ଭାଲୁ ବିଲୁଆକୁ କହିଲା- ମୋର ବୁଦ୍ଧି ଅଧିକ ଯୋଗୁଁ ମୁଁ ତୋ ଠାରୁ ବଢ଼ିଆ ଆଳୁଚାଷ କଲି। ଏଥିରେ ବିଲୁଆ ଆଶ୍ଚର୍ଯ୍ୟ ହୋଇଗଲା। ସେ ଆଉ କିଛି ନ କହି କହିଲା- ହଁ ହଁ ନିଶ୍ଚୟ। ତୁମେ ତ ବୟସରେ ବଡ଼। ତୁମର ବୁଦ୍ଧି ବି ଅଧିକ। ତେଣୁ ତୁମ ଆଳୁ ଚାଷ ବଢ଼ିଆ ହୋଇଛି। ମୋର ସେଭଳି କରିବାର ଯୋଗ୍ୟତା ନାହିଁ। ଏହା ଶୁଣି ଭାଲୁର ମନ କୁଣ୍ଢେମୋଟ ହୋଇଗଲା। ବିଲୁଆ ଓ ଭାଲୁର କଥାବାର୍ତ୍ତା ସମୟରେ ଶୁଆଟିଏ ସେଇବାଟେ ଯାଉଥିଲା। ଭାଲୁ ଯେଉଁଦିନ ବିଲୁଆ ପାଖକୁ ଯାଇ ଆଳୁଚାଷ ସମ୍ପର୍କରେ ବୁଝୁଥିଲା, ସେଦିନ ବି ଶୁଆଟି ଗଛ ଡାଳରେ ରହି ସବୁ ଶୁଣିଥିଲା। ସେ ନିଜକୁ ସମ୍ଭାଳି ନ ପାରି ଭାଲୁକୁ କହିଲା- ମଉସା, ତୁମେ ବଡ଼ ଠକ। ତୁମକୁ ଆଳୁଚାଷ ବିଷୟରେ କିଛି ଜଣା ନ ଥିଲା। ବିଲୁଆ ଠାରୁ ଶିଖି ଆଳୁ ଚାଷ କଲ। ସେଥିରେ ବିଲୁଆକୁ ଧନ୍ୟବାଦ ନ ଦେଇ ନିଜକୁ ବୁଦ୍ଧିଆ ବୋଲି କହୁଛ, ଲାଜ ଲାଗୁନାହିଁ। ଏହା ଶୁଣି ଭାଲୁର ମୁହଁ ଶୁଖିଗଲା। ସେ ବିଲୁଆ ପାଖରେ ନିଜର ଭୁଲ ପାଇଁ କ୍ଷମା ପ୍ରାର୍ଥନା କଲା। ■

ଶିକ୍ଷାଶ୍ରୀ ଲେନ୍, କୁମ୍ଭାରପଡ଼ା, ପୁରୀ
ମୋ- ୯୭୭୭୨୩୮୫୨୨

## ପ୍ରହେଳିକା

ହେମନ୍ତ ଋତୁରେ ସେ ମାସ ଆସେ
ଧର୍ମ ମାସ ବୋଲି ରାଇଜ ହସେ
ବୃନ୍ଦାବତୀ ପାଶେ ବସିକି ଆଇ
ତପ ଜପ କରେ ପ୍ରଭୁଙ୍କୁ ଧ୍ୟାୟୀ
ଶିରୀ ମନ୍ଦିରରେ ହୁଏ ଗହଳି
ବ୍ରତ ପାଳିଥାନ୍ତି ହବିଷିଆଳୀ
ପଞ୍ଚୁକରେ ହୁଏ ଶରତ ରାସ
ଏବେ କୁହ ମିତ ସେ କେଉଁ ମାସ।

ଉତ୍ତର-କାର୍ତ୍ତିକ ମାସ

ବାରଟିଏ ସିଏ କାର୍ତ୍ତିକ ମାସେ
ସାରା ଶୈବପୀଠ ଗହଳି ଦିଶେ
ସଭିଏଁ କରନ୍ତି ଜଳ ଅର୍ପଣ
ଶିବ କରିଥାନ୍ତି ରିଷ୍ଟ ଖଣ୍ଡନ
ଶୁଭ ବାର ବୋଲି ଖ୍ୟାତ
ଶିବ ପୂଜା କଲେ ପୂଣ୍ୟ ମିଳିଥାଏ
କୁହ ତା'ର ନାମ ମିତ।

ଉତ୍ତର-ସୋମବାର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬





**ଅଦ୍ୱିତା ବିଶ୍ୱାଳ**
ତୃତୀୟ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ
ଭୁବନେଶ୍ୱର





**ଶାନ୍ତନୁ ଶାନ୍ତିସ୍ୱରୂପ**
ଷଷ୍ଠ ଶ୍ରେଣୀ
ସରସ୍ୱତୀ ବିଦ୍ୟାମନ୍ଦିର
ଭୀମଟାଙ୍ଗି
ଭୁବନେଶ୍ୱର





**କୀର୍ତ୍ତି କ୍ରିଷ୍ଟା ରାଉତ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ
ବିଦ୍ୟାଳୟ
ହଂସପଡ଼ା, ପୁରୀ





**ଆରୁଷି ପଟ୍ଟନାୟକ**
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଶାନ୍ତାସାହି, କେନ୍ଦ୍ରାପଡ଼ା

## ଦ୍ୱିତୀୟ ଟେଷ୍ଟରେ ଜୟସ୍ୱାଲଙ୍କ ଅପରାଜିତ ଶତକ

# ପ୍ରଥମ ଦିନରେ ଭାରତ ୩୧୮/୨

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି)

ଯୁବ ଓପନର ଯଶସ୍ୱୀ ଜୟସ୍ୱାଲଙ୍କର ଆକ୍ରମଣାତ୍ମକ ୧୭୩ ରନ୍ ସହାୟତାରେ ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତ ପ୍ରାଧାନ୍ୟ ବିସ୍ତାର କରିଛି। ଜୟସ୍ୱାଲ ତାଙ୍କ ଟେଷ୍ଟ କ୍ୟାରିୟରର ୭ମ ଶତକ ଓ ଦ୍ୱିତୀୟ ୱିକେଟ ଯୋଡ଼ିରେ ସାଇ ସୁଦର୍ଶନଙ୍କ ସହ ୧୯୩ ରନ୍ ସଂଗ୍ରହ କରିବା ଫଳରେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ପ୍ରଥମ ଇନିଂସରେ ୨ ୱିକେଟ ହରାଇ ୩୧୮ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ଜୟସ୍ୱାଲଙ୍କ ସହ ଅଧିନାୟକ ଶୁବମନ ଗିଲ ୨୦ ରନ୍‌ରେ ଅପରାଜିତ ରହିଛନ୍ତି। ଭାରତ ପକ୍ଷରୁ ଆଉଟ ହୋଇଥିବା ଦୁଇ ଖେଳାଳିଙ୍କ ମଧ୍ୟରୁ ଓପନର ଲୋକେଶ ରାହୁଲ ୩୮ ଓ ସୁଦର୍ଶନ ୮୭ ରନ୍ କରିଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ବାମହାତୀ ସ୍ପିନର ଜୋମେଲ ୱାରିକାନ ୨ଟି ଯାକ ୱିକେଟ ଅକ୍ତିଆର କରିଥିଲେ। ଟସ୍ ଜିତିଥିବା ଭାରତ ଏଠାରେ ସିରିଜ୍ ସୁଇପ୍ ଲକ୍ଷ୍ୟ ନେଇ ପ୍ରଥମେ ବ୍ୟାଟିଂ କରିଥିଲା। ଅନ୍ୟ ପକ୍ଷରେ କ୍ରମାଗତ କ୍ଲିନ୍ ସୁଇପ୍ ଏଡାଇବା ଲାଗି ୱେଷ୍ଟଇଣ୍ଡିଜ୍ ସମସ୍ତ ପ୍ରକାର ଉଦ୍ୟମ କରିବ ବୋଲି ଅଧିନାୟକ ରୋଷ୍ଟୋନ ଚେଜ୍ କହିଥିଲେ।

ଏଠାରେ ଟସ୍ ଜିତିବା ପରେ ଶୁବମନ ଗିଲ୍ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଦୁଇ ଓପନର ଜୟସ୍ୱାଲ ଓ ରାହୁଲ ପ୍ରଥମ ୱିକେଟରେ ୫୮ ରନ୍ ଉଠାଇଥିଲେ। ଏମାନେ କୌଣସି ଅସୁବିଧାର ସମ୍ମୁଖୀନ ହୋଇ ନ ଥିଲେ ମଧ୍ୟ ପ୍ରତିପକ୍ଷ ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କ ପ୍ରଥମ ଓଭରରେ ଓଭର ଷ୍ଟେପ୍ କରି ସଟ୍ ମାରିବାକୁ ଚେଷ୍ଟା କରିଥିବା ରାହୁଲ ୩୮ ରନ୍‌ରେ ଷ୍ଟମ୍ପ୍ ଆଉଟ ହୋଇଯାଇଥିଲେ। ଯାହା ଫଳରେ ୱେଷ୍ଟଇଣ୍ଡିଜ୍‌କୁ ବ୍ରେକ୍ ଥ୍ରୁ ଦେବାରେ ୱାରିକାନ ସମର୍ଥ ହୋଇଥିଲେ। ରାହୁଲଙ୍କ ଆଉଟ ପରେ ଜୟସ୍ୱାଲଙ୍କ ଓ ସାଇ ସୁଦର୍ଶନ ଲଞ୍ଚ୍ ସୁଦ୍ଧା ୧ ୱିକେଟରେ ୯୪ ରନ୍ କରିଥିଲା। ଲଞ୍ଚ୍ ପରେ ଉଭୟ ଖେଳାଳି ଆକ୍ରମଣାତ୍ମକ ବ୍ୟାଟିଂ କରି ଉନ୍ନତ ହାରରେ ରନ୍ ସଂଗ୍ରହ କରିଥିଲେ। ଯାହା ଫଳରେ ସୁଦର୍ଶନ ୫୮ ରନ୍ କରିଥିଲାବେଳେ ଆଉଟ ହେବାର ଏକ ସୁଯୋଗ ଦେଇଥିଲେ। ତାହାକୁ କିନ୍ତୁ ୱେଷ୍ଟଇଣ୍ଡିଜ୍ ହାତଛଡ଼ା କରିଥିଲା। ଯାହା ଫଳରେ ଜୟସ୍ୱାଲ ଓ ସୁଦର୍ଶନଙ୍କ ଭାଗୀଦାରିରୁ ୧୯୩ ରନ୍ ମିଳିଥିଲା। ସୁଦର୍ଶନ ତାଙ୍କ ସ୍ୱଳ୍ପ ଟେଷ୍ଟ କ୍ୟାରିୟରରେ ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଅନ୍ୟ ପକ୍ଷରେ ଜୟସ୍ୱାଲ ୨୬ତମ ଟେଷ୍ଟରେ ୭ମ ଶତକ ହାସଲ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏହି ୭ଟି ଶତକ ମଧ୍ୟରେ ସେ ୫ମଥର ଲାଗି ୧୫୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଥିଲେ। ଏହା ମଧ୍ୟରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଡେବ୍ୟୁ ଟେଷ୍ଟରେ ୧୭୧ ରନ୍ ସାମିଲ। ଟେଷ୍ଟର ପ୍ରଥମ ଦିନରେ ଜୟସ୍ୱାଲ ଭାରତ ଲାଗି ଚତୁର୍ଥ ସର୍ବାଧିକ ସ୍କୋର କରିଛନ୍ତି। ତାଙ୍କ ପୂର୍ବରୁ ୨୦୦୭ରେ କୋଲକାତା ଟେଷ୍ଟର ପାକିସ୍ତାନ ବିପକ୍ଷରେ ୱାସିମ୍ ଜାଫର ୧୯୨, ୨୦୧୭ ଗଲ ଟେଷ୍ଟର ଶ୍ରୀଲଙ୍କା ବିପକ୍ଷରେ ଶିଖର ଧାୱନ ୧୯୦ ଓ ୨୦୨୪ ଭାଇଜାଗ ଟେଷ୍ଟରେ ଇଂଲଣ୍ଡ ବିପକ୍ଷରେ ଜୟସ୍ୱାଲ ୧୭୯ ରନ୍ କରିଥିଲେ।

ତୃତୀୟ ସେସନରେ ସୁଦର୍ଶନଙ୍କ ଆଉଟ ହେବା ପରେ ଜୟସ୍ୱାଲଙ୍କ ସହ ଯୋଗ ଦେଇ ଅଧିନାୟକ ଶୁବମନ ଗିଲ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ଉଭୟ ଖେଳାଳିଙ୍କ ଡିଫେନ୍ସ ଏତେ ଷ୍ଟ୍ରଙ୍ଗ୍ ହୋଇଥିଲା ଯେ, ୱେଷ୍ଟଇଣ୍ଡିଜ୍ ବୋଲରମାନେ ଆଉଟ କରିବାକୁ ସୁଯୋଗ ସୃଷ୍ଟି କରିପାରି ନ ଥିଲେ। ଗିଲ ୨୦ ରନ୍ କରି ଜୟସ୍ୱାଲଙ୍କ ସହ ଅପରାଜିତ ରହିଥିଲେ। ସେ ୨୫୩ଟି ବଲ୍‌ର ସାମ୍ନା କରି ୨୨ ଚୌକା ସହ ୧୭୩ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ।


ଯଶସ୍ୱୀ ଜୟସ୍ୱାଲ: ୧୭୩*

ୱେଷ୍ଟଇଣ୍ଡିଜ୍ ପକ୍ଷରୁ କୌଣସି ବୋଲର ଭାରତୀୟ ବ୍ୟାଟରଙ୍କ ଉପରେ ପ୍ରଭାବ ବିସ୍ତାର କରିବାରେ ସମର୍ଥ ହୋଇ ନ ଥିଲେ। କିନ୍ତୁ ୨ରୁ ୩ଟି ସ୍ପେଲ୍‌ରେ ଟାଇଟ ବୋଲିଂ କରି ରନ୍ ସଂଗ୍ରହ ହାର କମାଇଦେଇଥିଲେ। ଦଳର ବାମହାତୀ ସ୍ପିନର ଜୋମେଲ ୱାରିକାନ୍‌ଙ୍କୁ ୨ଟି ଯାକ ଭାରତୀୟ ୱିକେଟ ମିଳିଥିଲା। ରାହୁଲଙ୍କୁ ଆଉଟ କରିବା ଲାଗି ସେ ୮.୪ ଡିଗ୍ରି ଓ ସୁଦର୍ଶନଙ୍କୁ ଏଲବିଡବ୍ଲ୍ୟୁ କରିବାକୁ ୬.୪ ଡିଗ୍ରିରେ ବଲ ଟର୍ଣ୍ଣ କରାଇଥିଲେ। ଏହାକୁ ବାଦ୍ ଦେଲେ ଆଉ କୌଣସି ବଲ ଏତେ ଟର୍ଣ୍ଣ ନେଇ ନ ଥିଲା। ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ହାସଲ କରିଥିବା ଭାରତୀୟ ଦଳ କୌଣସି ଖେଳାଳି ପରିବର୍ତ୍ତନ ନ କରି ଏହି ମ୍ୟାଚ୍ ଖେଳିଥିଲା। କିନ୍ତୁ ୱେଷ୍ଟଇଣ୍ଡିଜ୍ ଦୁଇ ଜଣ ଖେଳାଳି ବଦଳାଇଥିଲା। ବ୍ରାଣ୍ଡନ କିଙ୍ଗ୍‌ଙ୍କ ସ୍ଥାନରେ ଯୁବ ୱିକେଟରକ୍ଷକ ଟେଭିନ ଇମ୍‌ଲାଚ୍ ଏଠାରେ ଡେବ୍ୟୁ କରିଛନ୍ତି। ସେହିପରି ଜୋହାନ ଲେନ୍‌ଙ୍କ ସ୍ଥାନରେ ଆଣ୍ଡରସନ ଫିଲିପ୍‌ଙ୍କୁ ସାମିଲ କରାଯାଇଛି।

### ସ୍କୋର ବୋର୍ଡ

**ଭାରତ ପ୍ରଥମ ଇନିଂସ: ୩୧୮/୨, ୯୦ ଓଭର** (ଯଶସ୍ୱୀ ଜୟସ୍ୱାଲ-ବ୍ୟାଟିଂ-୧୭୩, ଲୋକେଶ ରାହୁଲ-ଷ୍ଟମ୍ପ୍. ଇମ୍‌ଲାଚ୍ ବୋ.ୱାରିକାନ୍-୩୮, ସାଇ ସୁଦର୍ଶନ-ଏଲ୍‌ବିଡବ୍ଲ୍ୟୁ ବୋ.ୱାରିକାନ୍-୮୭, ଶୁବମନ ଗିଲ-ବ୍ୟାଟିଂ-୨୦, ଅତିରିକ୍ତ-୦)।

**ୱିକେଟ ପତନ**: ୧/୫୮ (ରାହୁଲ), ୨/୨୫୧ (ସୁଦର୍ଶନ)।

**ବୋଲିଂ ବିଶ୍ଳେଷଣ (ୱେଷ୍ଟଇଣ୍ଡିଜ୍)**: ଜେଡେନ ସିଲ୍ସ: ୧୬-୧-୫୯-୦, ଆଣ୍ଡରସନ ଫିଲିପ୍: ୧୩-୨-୪୪-୦, ଜଷ୍ଟିନ ଗ୍ରିଭ୍‌ସ: ୮-୧-୨୬-୦, ଖାରୀ ପିଏରେ: ୨୦-୧-୭୪-୦, ଜୋମେଲ ୱାରିକାନ୍: ୨୦-୩-୬୦-୨, ରୋଷ୍ଟୋନ ଚେଜ୍: ୧୩-୦-୫୫-୦।

## କିଂବଦନ୍ତିଙ୍କ ସହ ସମକକ୍ଷ ହେଲେ ଓପନର୍ ଯଶସ୍ୱୀ

ନୂଆଦିଲ୍ଲୀ,୧୦।୧୦(ଏଜେନ୍ସି): ଏଠାରେ ୱେଷ୍ଟଇଣ୍ଡିଜ୍ ସହ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ଭାରତୀୟ ଓପନର ଯଶସ୍ୱୀ ଜୟସ୍ୱାଲ ୧୭୩ ରନ୍ କରି କିଂବଦନ୍ତିଙ୍କ ସହ ସକମକ୍ଷ ହୋଇପାରିଛନ୍ତି। ୧୪୫ ବଲ୍‌ରେ ୭ମ ଟେଷ୍ଟ ଶତକ ହାସଲ କରିଥିବା ଏହି ଯୁବ ଓପନର ଏକ ମାଇଲଖୁଣ୍ଟ ଅତିକ୍ରମ କରିଛନ୍ତି। ୨୪ ବର୍ଷ ବୟସ ହେବା ପୂର୍ବରୁ ଜୟସ୍ୱାଲ ୭ଟି ଶତକ ହାସଲ କରି ପାକିସ୍ତାନର ଜାଭେଦ୍ ମିଆଁଦାଦ୍, ଦକ୍ଷିଣ ଆଫ୍ରିକାର ଗ୍ରେମ୍ ସ୍ମିଥ୍, ଇଂଲଣ୍ଡର ଆଲିଷ୍ଟର କୁକ୍ ଓ ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନଙ୍କ ସହ ସମକକ୍ଷ ହୋଇଛନ୍ତି। ଏମାନଙ୍କଠାରୁ କେବଳ ୩ଜଣ ଖେଳାଳି ୨୪ ବର୍ଷ ବୟସରେ ଅଧିକ ଶତକ ହାସଲ କରିବାର ରେକର୍ଡ କରିଛନ୍ତି। ସେମାନେ ହେଲେ ଡନ୍ ବ୍ରାଡ୍‌ମ୍ୟାନ୍ ୧୨ଟି, ସଚିନ ତେନ୍ଦୁଲକର ୧୧ଟି ଓ ଗାରଫିଲ୍ଡ ସୋବର୍ସ ୯ଟି ଶତକ ହାସଲ କରିଥିଲେ। ଯଶସ୍ୱୀ ଜୟସ୍ୱାଲ ଟେଷ୍ଟ ଡେବ୍ୟୁ କରିବା ପରେ ୭ଟି ଶତକ ହାସଲ କରିଥିଲାବେଳେ ତାଙ୍କର ପାର୍ଟନର ହୋଇଥିବା ସମସ୍ତ ଖେଳାଳି ମାତ୍ର ୬ଟି ଶତକ କରିପାରିଛନ୍ତି। ଏହି ସମୟରେ ଇଂଲଣ୍ଡର ବେନ୍ ଡକେଟ ୪ଟି ଶତକ ହାସଲ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହାଛଡ଼ା ଅନ୍ତର୍ଜାତୀୟ କ୍ରିକେଟରେ ଯଶସ୍ୱୀ ୫୦ତମ ମ୍ୟାଚ୍‌ରେ ୩୦୦୦ ରନ୍ ପୂରଣ କରିବାରେ ସମର୍ଥ ହୋଇଛନ୍ତି। ଏହି ରନ୍ ସହ ସେ କେତେ ପରିପକ୍ୱ ହୋଇଛନ୍ତି, ତାହାର ଝଲକ ଏଠାରେ ଦେଇଛନ୍ତି।

■ ମହିଳା ବିଶ୍ୱକପ୍ କ୍ରିକେଟ

## ବାଂଲାର ଶୋଚନୀୟ ପରାଜୟ

ଗୁଆହାଟୀ,୧୦।୧୦(ଏଜେନ୍ସି): ଏଠାରେ ଶୁକ୍ରବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ମହିଳା ବିଶ୍ୱକପ୍ ମୁକାବିଲାରେ ବାଂଲାଦେଶ ଶୋଚନୀୟ ପ୍ରଦର୍ଶନ କରିଛି। ନ୍ୟୁଜିଲାଣ୍ଡ ପ୍ରଦତ୍ତ ୨୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ୨୭ ଓଭର ଖେଳ ଶେଷସୁଦ୍ଧା ବାଂଲାଦେଶ ୭ ୱିକେଟରେ ୭୫ ରନ୍ କରି ପରାଜର ସମ୍ମୁଖୀନ ହୋଇଛି। ଏହି ସମୟରେ ଫାହିମା ଖାତୁନ ୧୯ ଓ ରାବେୟା ଖାନ୍ କୌଣସି ରନ୍ ନକରି ବ୍ୟାଟିଂ କରୁଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ପେସ ବୋଲର ରୋଜ୍‌ମେରୀ ମେୟାର, ଜେସ୍ କେର ଓ ଲିଆ ତାହୁହୁ ୨ଟି ଲେଖାଏଁ ୱିକେଟ ନେଇ ବାଂଲାର ବ୍ୟାଟିଂ ବିପର୍ଯ୍ୟୟ ରଚନା କରିଥିଲେ। ପୂର୍ବରୁ ଅଧିନାୟିକା ସୋଫି ଡିଭାଇନଙ୍କ ୬୩ ଓ ବ୍ରୁକ୍ ହ୍ୟାଲିଡେ'ଙ୍କ ୬୯ ରନ୍ ସହାୟତାରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୨୭ ରନ୍ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଜି ବେଟ୍ସ ୨୯ ଓ ମ୍ୟାଡି ଗ୍ରୀନ୍ ୨୫ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ରାବେୟା ଖାନ୍ ସର୍ବାଧିକ ୩ଟି ୱିକେଟ ପାଇଥିଲେ।

**ଆଜିର ମ୍ୟାଚ୍**
ଇଂଲଣ୍ଡ-ଶ୍ରୀଲଙ୍କା
ଆରମ୍ଭ : ଅପରାହ୍ଣ ୩ଟା
ସ୍ଥାନ : କଲମ୍ବୋ

● ସିକେ ନାଇଡୁ ଟ୍ରଫି

## ସାଇଦୀପଙ୍କୁ ରାଜ୍ୟ ଦଳର ନେତୃତ୍ୱ

କଟକ,୧୦।୧୦(ସମିସ): ଆସନ୍ତା ୧୬ ତାରିଖରୁ ୨୩ବର୍ଷରୁ କମ୍ ପୁରୁଷ ସି.କେ ନାଇଡୁ ଟ୍ରଫି ଆରମ୍ଭ ହେବ। ଏଥି ନିମନ୍ତେ ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ୧୫ଜଣିଆ ରାଜ୍ୟ ଦଳ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ଦଳ ଚୟନ କମିଟି ସଦସ୍ୟ ଅବକାଶ ଖଟୁଆ, ୨୩ବର୍ଷରୁ କମ୍ ପୁରୁଷ ଦଳର ମୁଖ୍ୟ କୋଚ୍ ସୁବିତ ବିଶ୍ୱାଳ, ସହକାରୀ କୋଚ୍ ବିଭୂଦତ୍ତ ପଣ୍ଡା ଉପସ୍ଥିତ ରହି ଦଳ ଘୋଷଣା ନେଇ ସୂଚନା ଦେଇଥିଲେ। ସାଇଦୀପ ମହାପାତ୍ର ରାଜ୍ୟ ଦଳର ନେତୃତ୍ୱ ନେବେ। ଓମ ଟି ମୁଣ୍ଡେଙ୍କୁ ଦଳର ଉପଅଧିନାୟକ ଦାୟିତ୍ୱ ମିଳିଛି। ଦଳରେ ଆୟୂଷ ସୂତାର, ପାନକଳ ଶଶାଙ୍କ, ଶ୍ରେୟାଂଶ ଭରଦ୍ୱାଜ, ସୁଜଳ ସିଂହ, ଦିନେଶ ମାଝୀ(ୱିକେଟ କିପର), ଆକାଶ ମହାପାତ୍ର(ୱିକେଟ କିପର), ବିମଳ କୁମାର, ମହମ୍ମଦ ଡାନିସ୍, ସୌମ୍ୟ ରଞ୍ଜନ ଲେଙ୍କା, ଆୟୂଷ ବାରିକ, ରିତେଶ ପ୍ରିୟରଞ୍ଜନ, ମହମ୍ମଦ ସୋହେଲ, ଆଶୁତୋଷ ଛୁରିଆ ସ୍ଥାନ ପାଇଛନ୍ତି। ହାଇଦ୍ରାବାଦର ରାଜୀବ ଗାନ୍ଧି ଅନ୍ତର୍ଜାତୀୟ ଷ୍ଟାଡିୟମରେ ୧୬ରୁ ୧୯ ତାରିଖ ପର୍ଯ୍ୟନ୍ତ ଘରୋଇ ହାଇଦ୍ରାବାଦ ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

● ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତା

## ପ୍ରଥମ ଦିନରେ ଓଡ଼ିଶାକୁ ୬ ପଦକ




ଭୁବନେଶ୍ୱର,୧୦।୧୦(ସମିସ): ଜାତୀୟ ୨୧ ବର୍ଷରୁ କମ୍ ଏବଂ ବରିଷ୍ଠ ଜାତୀୟ ଜୁ ଜିତ୍‌ସୁ ପ୍ରତିଯୋଗିତାର ପ୍ରଥମ ଦିନରେ ଓଡ଼ିଶାକୁ ୬ଟି ପଦକ ମିଳିଛି। ଉତ୍ତରପ୍ରଦେଶର ସାହରଣପୁରଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓଡ଼ିଶାର ଖେଳାଳିମାନେ ୩ ସ୍ୱର୍ଣ୍ଣ ଓ ୩ ରୌପ୍ୟ ପଦକ ହାସଲ କରିଛନ୍ତି। ବରିଷ୍ଠ ମହିଳା ଫାଇଟିଂ ସିଷ୍ଟମରେ ଅନୁପମା ସ୍ୱାଇଁ ଓ ରୋଜାଲିନ୍ ପାଲ, ୨୧ ବର୍ଷରୁ କମ୍ ନେ-ୱାଜାର ୪୫ କିଲୋଗ୍ରାମ୍‌ରେ ସୁମନ୍ତ କୁମାର ସାହୁ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ବରିଷ୍ଠ ଫାଇଟିଂରେ ନିରୁପମା ସ୍ୱାଇଁ, ବିଦ୍ୟା ପୃଷ୍ଟି ଓ ପ୍ରିୟଦର୍ଶିନୀ ଘଟୁଆରୀ ରୌପ୍ୟ ପଦକ ହାସଲ କରିଛନ୍ତି।

● ୧୯ ବର୍ଷରୁ କମ୍ ମହିଳା ଟି-୨୦

## ୧୬ ଜଣିଆ ରାଜ୍ୟ ଦଳ ଘୋଷିତ

କଟକ,୧୦।୧୦(ସମିସ): ଅକ୍ଟୋବରୁ ୨୬ରୁ ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆରମ୍ଭ ହେବ। ଆଜି ଓସିଏ ସମ୍ମିଳନୀ କକ୍ଷରେ ମହିଳା ଚୟନ କମିଟି ସଦସ୍ୟା ଶୁଭ୍ରାଂଶୁବାଳା ଭୂୟାଁ ଓ ୧୯ ବର୍ଷରୁ କମ୍ ମହିଳା ଦଳ କୋଚ୍ କାଦମ୍ବିନୀ ମହାକୁଡ ଉପସ୍ଥିତ ରହି ରାଜ୍ୟ ଦଳ ଘୋଷଣା କରିଥିଲେ। ଘୋଷିତ ୧୬ଜଣିଆ ଦଳରେ ପ୍ରିୟଙ୍କାରୀ ମୁଦୁଲିଙ୍କୁ ନେତୃତ୍ୱ ଦିଆଯାଇଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମଣି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲୀପି ପରିଡ଼ା ଦଳରେ ରହିଛନ୍ତି। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ।

ସ୍ୱତନ୍ତ୍ର ଭାରତ ଅଲିମ୍ପିକ୍ସ ବାସ୍କେଟବଲ

## ଓଡ଼ିଶା ପୁରୁଷ ଦଳକୁ କାଂସ୍ୟ




ଭୁବନେଶ୍ୱର,୧୦।୧୦(ସମିସ): ସ୍ୱତନ୍ତ୍ର ଭାରତ ଅଲିମ୍ପିକ୍ସରେ ପ୍ରଥମଥର ଆୟୋଜିତ ବାସ୍କେଟବଲ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛି। ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲ ପରିସରରେ ଅକ୍ଟୋବର ୫ରୁ ୯ ତାରିଖଯାଏ ୪ଟି ଦଳକୁ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ପ୍ରଥମ ମ୍ୟାଚ୍‌ରେ ଉତ୍ତରପ୍ରଦେଶକୁ ୧୮-୪ ପଏଣ୍ଟରେ ପରାସ୍ତ କରିଥିଲା। ଏହା ପରେ ଦଳ ମହାରାଷ୍ଟ୍ରଠାରୁ ୧୨-୧୧ ଓ ପୁଡୁଚେରୀଠାରୁ ୧୪-୪ ପଏଣ୍ଟରେ ପରାଜିତ ହୋଇଥିଲା। ଏଭଳି ଏକ ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମଥର ଅଂଶଗ୍ରହଣ କରିଥିଲା। ଭୁବନେଶ୍ୱରର ଦେବାଶିଷ ଏହି ଦଳର ନେତୃତ୍ୱ ନେଇଥିଲେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ବିଭାଗ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ସମସ୍ତ ପ୍ରକାର ସହାୟତା ଯୋଗାଇଦେଇଥିଲେ।

ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ ସିରିଜ୍

## କିସ୍‌ର ଡୁମୁଣି ଭାରତର ଉପଅଧିନାୟିକା

ଭୁବନେଶ୍ୱର,୧୦।୧୦ (ସମିସ): କିସ୍‌ର ଛାତ୍ରୀ ଡୁମୁଣି ମାର୍ଣ୍ଡି ଏସିଆ ରଗ୍‌ବୀ ସେଭେନ୍ସ ସିରିଜ୍ ଲାଗି ଭାରତୀୟ ମହିଳା ଦଳର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଭାରତୀୟ ରଗ୍‌ବୀ ଫୁଟବଲ ୟୁନିଅନ ପକ୍ଷରୁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାରୁ ୪ଜଣ ସ୍ଥାନ ପାଇଥିଲାବେଳେ କିସ୍‌ରୁ ୩ଜଣ ରହିଛନ୍ତି। କିସ୍‌ର ଅନ୍ୟ ଦୁଇ ଖେଳାଳି ହେଲେ ତରୁଲତା ନାୟକ ଓ ନିର୍ମାଲ୍ୟ ରାଉତ। ମୟୂରଭଞ୍ଜର ସନ୍ଧ୍ୟାରାଣୀ ଟୁଡୁ ଚତୁର୍ଥ ଓଡ଼ିଆ ଖେଳାଳି ଭାବେ ଏହି ଦଳରେ ସ୍ଥାନ ପାଇଛନ୍ତି। ଶ୍ରୀଲଙ୍କାର କଲମ୍ବୋଠାରେ ଏହି ସିରିଜ୍ ଅକ୍ଟୋବର ୧୮ ଓ ୧୯ ତାରିଖ ଦୁଇ ଦିନ ଧରି ଖେଳାଯିବ। କୋଲକାତାର ସାଇ ସେଣ୍ଟରଠାରେ ଅନୁଷ୍ଠିତ ନ୍ୟାସନାଲ କୋଚିଂ କ୍ୟାମ୍ପରେ ଏହି ଖେଳାଳିମାନେ ପ୍ରଶିକ୍ଷଣ ନେଇଥିଲେ। ଭାରତ ଲାଗି ମନୋନୀତ ସମସ୍ତ ଖେଳାଳିଙ୍କୁ କିଟ୍ ତଥା କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି।



ନିର୍ମାଲ୍ୟ ରାଉତ, ଡୁମୁଣି ମାର୍ଣ୍ଡି ଓ ତରୁଲତା ନାୟକ

## କଳିଙ୍ଗ ଷ୍ଟାଡିୟମରେ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍ ଆଜିଠାରୁ

ଭୁବନେଶ୍ୱର, ୧୦।୧୦ (ସମିସ)

ସ୍ଥାନୀୟ ଆଇକନିକ୍ କଳିଙ୍ଗ ଷ୍ଟାଡ଼ିୟମ୍ ଆଥଲେଟିକ୍ସ ସେଣ୍ଟର ଠାରେ ଆସନ୍ତାକାଲି ଠାରୁ ଅର୍ଥାତ୍ ଅକ୍ଟୋବର ୧୧ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ର ଆୟୋଜନ କରାଯିବ। ଅନ୍ତର୍ଜାତୀୟ ଟେବୁଲ ଟେନିସ୍ ମହାସଂଘ, ଭାରତୀୟ ଟେବୁଲ ଟେନିସ୍ ମହାସଂଘ, ଏସିଆନ୍ ଟେବୁଲ ଟେନିସ୍ ୟୁନିୟନ, ଓଡ଼ିଶା ଟେବୁଲ ଟେନିସ୍ ଆସୋସିଏସନ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତାର ଆୟୋଜନ କରାଯିବ। ଦୀର୍ଘ ୧୬ ବର୍ଷ ପରେ ଭାରତରେ ଏସୀୟ ଟେବୁଲ ଟେନିସ୍ ଚାମ୍ପିୟାନସିପ୍‌ର ଆୟୋଜନ କରାଯାଉଛି। ଓଡ଼ିଶାରେ ପ୍ରଥମ ଥର ପାଇଁ ଏହି ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍ ଆୟୋଜିତ ହେଉଛି।


୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପରେ ପ୍ରାୟ ୨୨ଟି ଦେଶ ଯଥା ଭାରତ, ଚୀନ, ଜାପାନ, କୋରିଆ ରିପବ୍ଲିକ, ଡେମୋକ୍ରାଟିକ ପିପୁଲ୍ସ ରିପବ୍ଲିକ ଅଫ କୋରିଆ, ତାଇୱାନ, ହଙ୍ଗକଙ୍ଗ, ସିଙ୍ଗାପୁର, ଚାଇନିଜ ମକାଓ, ବାଙ୍ଗଲାଦେଶ, ଇରାନ, କାଜାକିସ୍ତାନ, କିରଗୀଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କତାର, ଶ୍ରୀଲଙ୍କା, ଥାଇଲାଣ୍ଡ, ଉଜବେକିସ୍ତାନରୁ ୫୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, ସପୋର୍ଟ ଷ୍ଟାଫ ଆଦି ଅଂଶଗ୍ରହଣ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଟିମ୍ ଏହି ଚାମ୍ପିୟନସିପ୍‌ରେ ଅଂଶଗ୍ରହଣ କରୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଟିମ୍ ଗୁଡ଼ିକ ଆଗାମୀ ଦିନରେ ଲଣ୍ଡନରେ ଆୟୋଜିତ ହେବାକୁ ଥିବା ଆଇଆଇଟିଏଫ ୱାର୍ଲଡ଼ ଟେବୁଲ ଟେନିସ୍ ଟିମ୍ ଚାମ୍ପିୟନସିପ୍-୨୦୨୬ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଶ୍ୱର ଟପ୍ ର୍ୟାଙ୍କିଙ୍ଗ ଟେବୁଲ ଟେନିସ୍ ଖେଳାଳିମାନେ ଏହି ୨୮ତମ ଆଇଆଇଟିଏଫ-ଏଟିଟିୟୁ ଏସୀୟ ଟେବୁଲ ଟେନିସ୍ ଟିମ୍ ଚାମ୍ପିଅନସିପ୍‌ରେ ଅଂଶ ଗ୍ରହଣ କରିଛନ୍ତି। ଭାରତରୁ ମହିଳା ବିଭାଗରେ ଶ୍ରୀଜା ଅକୁଲା, ମନିକା ବତ୍ରା, ଦିୟା ଚିତଲେ, ଯଶସ୍ୱିନୀ ଘୋରପଡ଼େ, ସ୍ୱସ୍ତିକା ଘୋଷ ଏବଂ ପୁରୁଷ ବିଭାଗରେ ଅଙ୍କୁର ଭଟ୍ଟାଚାର୍ଯ୍ୟ, ପୟାସ ଜୈନ୍, ମାନୁଷ ଶାହା, ସ୍ନେହିତ ସୁରବଜ୍ଜୁଲା, ମାନବ ଠକ୍କର ଆଦି କ୍ରୀଡାବିତ୍ ଅଂଶଗ୍ରହଣ କରିଛନ୍ତି। ଇତି ମଧ୍ୟରେ ବିଭିନ୍ନ ଦେଶରୁ କ୍ରୀଡ଼ାବିତ୍‌ମାନେ ଆସି ଭୁବନେଶ୍ୱର ଠାରେ ପହଞ୍ଚିଛନ୍ତି। ଖେଳାଳୀମାନେ ପ୍ରତିଯୋଗିତା ପାଇଁ ନିଜର ଅଭ୍ୟାସ ମଧ୍ୟ ଆରମ୍ଭ କରିଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତିକୁ ବିଭାଗ ପକ୍ଷରୁ ସୁନିଶ୍ଚିତ କରାଯାଇଛି। ଏହି ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ପାଇଁ ବୁକ୍ ମାଇ ସୋ (Book My Show) ୱେବ୍ସାଇଟରେ ମଧ୍ୟ ଟିକେଟ ବୁକିଂ ବ୍ୟବସ୍ଥା କରାଯାଇଛି। କ୍ରୀଡ଼ାପ୍ରେମୀ ଓ ଦର୍ଶକମାନେ ବୁକ୍ ମାଇ ସୋ (Book My Show) ୱେବସାଇଟକୁ ଯାଇ ଏସୀୟ ଟେବୁଲ ଟେନିସ୍ ଚାମ୍ପିଅନସିପ୍ ଦେଖିବା ପାଇଁ ନିଜର ଟିକେଟ ବୁକ୍ କରିପାରିବେ ବୋଲି କହିଛନ୍ତି କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ।




ଆଜିର କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଏସିଆ ଟେବୁଲ ଟେନିସ୍ ୟୁନିୟନ୍‌ର ରିଜିଓନାଲ ଭାଇସ୍ ପ୍ରେସିଡ଼େଣ୍ଟ ଶେଖ୍ ହୟାତ୍ ଅଲ୍ ଖଲିଫା, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଏନ. ଗଣେଶନ, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ଅଚନ୍ତା ଶରତ କମଲ ପ୍ରମୁଖ ଉପସ୍ଥିତ ଥିଲେ।

● ଜାତୀୟ ଜୁନିଅର ଆଥଲେଟିକ୍ସ

## ନୀରଜଙ୍କ ରେକର୍ଡ ଭାଙ୍ଗିଲେ ହିମାଂଶୁ



ଭୁବନେଶ୍ୱର,୧୦।୧୦(ସମିସ): ଏସୀୟ ୧୮ ବର୍ଷରୁ କମ୍ ସ୍ୱର୍ଣ୍ଣ ପଦକ ବିଜେତା ହିମାଂଶୁ ଝାକର ଏଠାରେ ଆଜିଠାରୁ ଆରମ୍ଭ ହୋଇଥିବା ଜାତୀୟ ଜୁନିଅର ଆଥଲେଟିକ୍ ଚାମ୍ପିଅନସିପ୍ ଜାଭେଲିନ୍ ଥ୍ରୋରେ ନୀରଜ ଚୋପ୍ରାଙ୍କ ୧୧ ବର୍ଷର ମିଟ୍ ରେକର୍ଡ ଭାଙ୍ଗିଦେଇଛନ୍ତି। ଆଜି ଅନୁଷ୍ଠିତ କ୍ୱାଲିଫାଇଂ ବିଭାଗରେ ସେ ୭୯.୯୬ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ରେକର୍ଡ ଭାଙ୍ଗିବା ସହ ୨୦୨୬ ୨୦ ବର୍ଷରୁ କମ୍ ବିଶ୍ୱ ଆଥଲେଟିକ୍ ଚାମ୍ପିଅନସିପ୍‌ରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବରୁ ୨୦୧୪ ବିଜୟୱାଡା ସଂସ୍କରଣରେ ନୀରଜ ୭୬.୫୦ ମିଟରକୁ ଜାଭେଲିନ୍ ଫିଙ୍ଗି ଏହି ରେକର୍ଡର ଅଧିକାରୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS